

ଇଣ୍ଡିଆ-ବି'ରେ ରିଙ୍କୁଙ୍କୁ ସୁଯୋଗ ୬ ପୃଷ୍ଠା

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 173 | ଭାଗ ୩୨ | ସଂଖ୍ୟା ୧୭୩ Bhubaneswar | Wednesday 11 September 2024 | Page 8 ₹ 4.00 ଭୁବନେଶ୍ୱର | ବୁଧବାର ୧୧ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ପରଦା ପଛର ଈଶ୍ୱର ପୁତ୍ର ବାବୁଲି



**ଭୁବନେଶ୍ୱର, ୧୦।୯ (ସଂଚାର ବ୍ୟୁରୋ):** ସମାଜରେ ଏଭଳି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ପ୍ରଚାର ପ୍ରସାର ଠାରୁ ଦୂରେଇ ରହି ନିରନ୍ତର ଭାବେ ନିଜର କର୍ତ୍ତବ୍ୟ କରି ଚାଲିଥାନ୍ତି। ଏମାନଙ୍କ ହାତ ସବୁବେଳେ ସହାୟତା ପାଇଁ ଆଗେଇ ଆସିଥାଏ। ନିଜର ଅଭାବ, ଦୁଃଖ, ଭଲ, ମନ୍ଦକୁ ଖାତିର ନକରି ଏମାନେ ସ୍ରଷ୍ଟାଙ୍କ ସୃଷ୍ଟିକୁ ସୁରକ୍ଷା ଦେବାଲାଗି ଜୀବନକୁ ଉତ୍ସର୍ଗ କରିଥାନ୍ତି। ଅନ୍ୟର ଜୀବନ ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥାନ୍ତି। କୋଳାହଳ ଠାରୁ ଦୂରରେ ଥିବାରୁ ଏମାନଙ୍କୁ ଅନେକ ଜାଣିନଥାନ୍ତି। ବାସ୍ତବରେ ଏମାନେ ହେଉଛନ୍ତି ଜଣେ ଜଣେ ଈଶ୍ୱର ପୁତ୍ର।

ଦୀର୍ଘ ୪୦ ବର୍ଷ ଧରି କଟକକୁ ଆସିଥିବା ବାବୁଲି ବେହେରା ହେଉଛନ୍ତି ଏଇଭଳି ଜଣେ ଈଶ୍ୱର ପୁତ୍ର। ମହାନଦୀ ଉପରେ ସତର୍କ ଦୃଷ୍ଟି ରଖି ଗୋଟିଏ ମୁହୂର୍ତ୍ତର ନୋଟିସ୍ ରେ ବୁଡ଼ି ଜୀବନ ବଞ୍ଚାଇବାକୁ ସେ ସଦା ପ୍ରସ୍ତୁତ। ବଗିଚାରେ ସୁପରଭାଇଜର ଭାବେ କାମ କରୁଥିବା ୫୫ ବର୍ଷ ବୟସ୍କ ବାବୁଲି ପିଲାଦିନେ ନିଜର ସାହସ ଏବଂ ଅସାଧାରଣ ସନ୍ତରଣ ଦକ୍ଷତା ବଳରେ ୫୦ରୁ ଅଧିକ ଲୋକଙ୍କୁ ବୁଡ଼ିଯିବାରୁ ଉଦ୍ଧାର କରିଛନ୍ତି। ସ୍ଥାନୀୟ ମତ୍ସ୍ୟଜୀବୀ ସଂପ୍ରଦାୟରେ ବଢ଼ିଥିବା ବାବୁଲି ପ୍ରାରମ୍ଭରେ ନିଜର ପହଁରା ଦକ୍ଷତା ବଳରେ ନଦୀର ସ୍ରୋତକୁ ନିୟନ୍ତ୍ରଣ କରୁଥିଲେ।୧୫ ବର୍ଷ ବୟସରେ ତାଙ୍କର ପ୍ରଥମ ଉଦ୍ଧାର ପରେ ବିପନ୍ନଙ୍କୁ ସାହାଯ୍ୟ କରିବା ପାଇଁ ଜୀବନବ୍ୟାପୀ ଅଭିଯାନ ଆରମ୍ଭ ହୋଇଥିଲା ଏବଂ ସେବେଠାରୁ ଆଉ ସେ ପଛକୁ ଫେରି ନାହାନ୍ତି। ପତ୍ନୀ ଟୁକୁନିଙ୍କ ସହାୟତାରେ ସେ ନିଜ ସଞ୍ଚୟକୁ ବ୍ୟବହାର କରି ବଞ୍ଚିଥିବା ଲୋକଙ୍କୁ ସହାୟତା ଓ ଆରାମ ପ୍ରଦାନ ଜାରି ରଖିଛନ୍ତି। ଚଳିତ ବର୍ଷ ଜୁଲାଇ ମାସରେ ଗୋଡ଼ ଜଖମ ହେବାପରେ ମଧ୍ୟ ସେ ଜଣେ ବୟସ୍କା ମହିଳାଙ୍କୁ ବୁଡ଼ିଯିବାରୁ ବଞ୍ଚାଇଥିଲେ। ତାଙ୍କ ସାହସିକତା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ବାବୁଲି ଆମକୁ ମନେ ପକାଇ ଦେଇଛନ୍ତି ଯେ ପ୍ରକୃତ ବୀରମାନେ ଆମ ମଧ୍ୟରେ ଅଛନ୍ତି, ଚୁପଚାପ୍ ବିଶ୍ୱକୁ ଏକ ସୁରକ୍ଷିତ ସ୍ଥାନ ରେ ପରିଣତ କରୁଛନ୍ତି। ସେମାନଙ୍କୁ ଶତ ପ୍ରଣାମ।

# ନବୀନ-ପାଣ୍ଡିଆନ୍ ସ୍କାମ

## ମୁହଁ ଖୋଲିଲେ ମୋହନ

**ଭୁବନେଶ୍ୱର, ୧୦।୯ (ସଂଚାର ବ୍ୟୁରୋ):** ବିଜେଡି ସରକାର ଅମଳରେ ଗତ ୫ ବର୍ଷ ଧରି ଚାଲିଥିବା ଫାଇଭ-ଟି ରୂପାନ୍ତରଣର ପୋଲ ଖୋଲିଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ରୂପାନ୍ତରଣ ନାଁରେ ରାଜ୍ୟରେ ଚାଲିଥିବା ନାଟକବାଜୀ। ସରକାର ବଦଳିବା ପରେ ଏବେ ରୂପାନ୍ତରଣ ପ୍ରକୃତ ଚିତ୍ର ସାମାନାକୁ ଆସୁଛି। ରୂପାନ୍ତରଣ ନାଁରେ ରାଜ୍ୟବାସୀଙ୍କୁ ଯେଉଁମାନେ ଠକୁଥିଲେ ତାର ତଦନ୍ତ ହେବ ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ବି ଗ୍ରହଣ କରାଯିବ ବୋଲି ବ୍ୟୟ ମଂଜୁରୀ ବିଲ ଆଲୋଚନାର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ ଚେତାବନୀ ଦେଇଛନ୍ତି। ବିଜେଡି ସରକାର ଓଡିଶାକୁ ରାଜସ୍ୱ ବଳକା ରାଜ୍ୟ କରିଥିବା ବିଜେଡି ନେତା କହିବା ପରେ ଏହାର ଜବାବ ରଖିଛନ୍ତି ମୁଖ୍ୟମନ୍ତ୍ରୀ। କେନ୍ଦ୍ର ସରକାରଙ୍କ ଖଣି ରାଜସ୍ୱ ନୀତି ଯୋଗୁ ଓଡିଶା ରାଜସ୍ୱ ବଳକା ରାଜ୍ୟ ହୋଇଥିଲା। ରାଜସ୍ୱ ବଳକା ରାଜ୍ୟରେ ୫୦ ପ୍ରତିଶତ ପିଲା କାହିଁକି ଦଶମ ଶ୍ରେଣୀରେ ପାଠ ଛାଡୁଥିଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ପୂର୍ବ ସରକାରର ଆଇନା ଦେଖାଇ ମୁଖ୍ୟମନ୍ତ୍ରୀ କହିଲେ ୨୦୧୮ରେ ପୂର୍ବ ସରକାର ଆଇନା ପୁସ୍ତକ ଜରିଆରେ କାଳିଆ ଚିଠି ଲୋକମାନଙ୍କୁ ଦେଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ କହିଥିଲେ ଅନ୍ୟ ରାଜ୍ୟମାନେ କାଳିଆ ଯୋଜନାକୁ ଆପଣେଇବେ। କିନ୍ତୁ କେତେଟି ରାଜ୍ୟ ଏହାକୁ ଆପଣେଇଛନ୍ତି ବୋଲି ପ୍ରଶ୍ନ କରିଥିଲେ ମୁଖ୍ୟମନ୍ତ୍ରୀ। ସେହିପରି କାଳିଆ ଟଙ୍କା ବର୍ଷକୁ ୧୦ ହଜାର ଟଙ୍କା ଦେବାକୁ କୁହାଯାଇଥିଲା ନିର୍ବାଚନ ବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଟଙ୍କା ବାଣ୍ଟିଲେ। ମାତ୍ର ନିର୍ବାଚନ ପରେ କେନ୍ଦ୍ରର ପିଏମ କିଷାନ ୬ ହଜାର ଟଙ୍କା ଦେବାରୁ ତତ୍କାଳୀନ ସରକାର ନିଜ ଫାଇଦା ପାଇଁ ନିଜସ୍ୱ ଯୋଜନା କାଳିଆ ଟଙ୍କା ୧୦ ହଜାର ➩ପୃଷ୍ଠା-୬



- ୫-ଟି ଘୋଟାଲାର ହେବ ତଦନ୍ତ
- ଯାଞ୍ଚ ହେବ, କାହାକୁ ଛଡାଯିବନି
- ବିଜ୍ଞାପନରେ ଚାଲୁଥିଲା ସ୍ୱାସ୍ଥ୍ୟ ସେବା
- ଶିକ୍ଷା ନାଁରେ ବ୍ୟାପକ ହରିଲୁଟ
- ୫୦% ଡ୍ରପଆଉଟ କାହିଁକି ?

## ଓଡ଼ିଶାରେ ଚାଲିବ ଆଉ ୩ ବନ୍ଦେ ଭାରତ ଟ୍ରେନ

### ଶୁଭାରମ୍ଭ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

**ଭୁବନେଶ୍ୱର, ୧୦/୯ (ସଂଚାର ବ୍ୟୁରୋ):** ପୂର୍ବ ତଟ ରେଳବାଇର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମଙ୍ଗଳବାର ବିଧାନସଭା କାର୍ଯ୍ୟାଳୟ ପ୍ରକୋଷ୍ଠରେ ରେଳ ମନ୍ତ୍ରାଳୟ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଆଗାମୀ ୧୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ହେଉଥିବା ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ ସମାରୋହରେ ଯୋଗ ଦେବା ପାଇଁ ନିମନ୍ତ୍ରଣ କରିଛନ୍ତି। କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଙ୍କୁ ଏଥିନିମନ୍ତେ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ଓ ଚିଠି ମାଧ୍ୟମ ରେ ଅନୁରୋଧ କରିଛନ୍ତି। ସେପ୍ଟେମ୍ବର ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୧୦ ନୂତନ ବନ୍ଦେ ଭାରତ ଟ୍ରେନ ଚଳାଚଳର ଶୁଭାରମ୍ଭ ହେଉଛି। ତନ୍ମଧ୍ୟରୁ ଓଡିଶା ମଧ୍ୟରେ ୩ ଟ୍ରେନ ଚଳାଚଳ କରିବ। ଏହି ଟ୍ରେନ ଗୁଡିକ ହେଲା ଟାଟା-ବ୍ରହ୍ମପୁର ବନ୍ଦେ ଭାରତ, ରାଉରକେଲା-ହାୱଡା ଏବଂ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ। ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କୁ ବ୍ରହ୍ମପୁର ଷ୍ଟେସନଠାରେ ଅନୁଷ୍ଠିତ ହେଉଥିବା କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି।

ସୂଚନା ଯୋଗ୍ୟ ଯେ, ବର୍ତ୍ତମାନ ଓଡିଶା ଦେଇ ୩ ବନ୍ଦେ ଭାରତ ଟ୍ରେନ ଚଳାଚଳ କରୁଛି। ଆଉ ୩ ନୂଆ ଟ୍ରେନ ମିଶିଲେ ମୋଟ ୬ ବନ୍ଦେ ଭାରତ ଟ୍ରେନ ଓଡିଶାବାସୀଙ୍କୁ ସେବା ଯୋଗାଇବ। ଚଳିତ ବର୍ଷ ➩ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍



### ଦୁବାଇ ରାଜକୁମାରୀଙ୍କ 'ଡିଭୋର୍ସ' ପରଫ୍ୟୁମ୍

ଦୁବାଇ ୧୦।୯: ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାର ଦୁଇ ମାସ ପରେ ଦୁବାଇ ରାଜକୁମାରୀ ତଥା ଶାସକ ଶେଖ ମହମ୍ମଦ ବିନ୍ ରସିଦ ଅଲ୍ ମାକତୁମଙ୍କ ଝିଅ ଶେଖ ମହରା ମହମଦ ରଶିଦ ଅଲ୍ ମାକତୁମ ନିଜ ବ୍ରାଣ୍ଡରେ ଏକ ପରଫ୍ୟୁମ୍ ଲଞ୍ଚ କରିଛନ୍ତି। ଆଉ ସେ ଏହାର ନାମ ଦେଇଛନ୍ତି ଡିଭୋର୍ସ। ଲଞ୍ଚ ପୂର୍ବରୁ ମହରା ନିଜ ଇନଷ୍ଟା ଆକାଉଣ୍ଟରେ ଏକ ପୋଷ୍ଟ କରି ନିଜ ଫଲୋର୍ସଙ୍କୁ ଏ ସମ୍ପର୍କ ସୂଚନା ଦେଇଥିଲେ। ଏଥିରେ ଏମ୍-୧ ବ୍ରାଣ୍ଡ ପରଫ୍ୟୁମର ଟିଜର ରିଲିଜ୍ କରିଛନ୍ତି। ସେ ଦେଶର ଉପରାଷ୍ଟ୍ରପତି ତଥା ପ୍ରଧାନମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଶେଖ ମହରା ଶିଳ୍ପପତି ଶେଖ ମନ୍ ବିନଙ୍କୁ ମେ ୨୦୨୩ରେ ବିବାହ କରିଥିଲେ। ୪ ମାସ ତଳେ ସେମାନଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ୧୬ରେ ଏକ ଇନଷ୍ଟାଗ୍ରାମ ପୋଷ୍ଟ କରି ଛାଡପତ୍ର ଘୋଷଣା କରିଥିଲେ।

### ୬ଏଏସ୍‌ଜି ନିଯୁକ୍ତ

ନୂଆଦିଲ୍ଲୀ, ୧୦।୯: କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ଅତିରିକ୍ତ ସଲିସିଟର ଜେନେରାଲ(ଏଏସ୍‌ଜି) ଭାବେ ୬ଜଣ ବରିଷ୍ଠ ଆଇନଜୀବୀଙ୍କୁ ନିଯୁକ୍ତ କରିଛନ୍ତି। କ୍ୟାବିନେଟ୍ ନିଯୁକ୍ତି କମିଟି ପକ୍ଷରୁ ସୋମବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମଙ୍ଗଳବାର ଏହି ଖବର ସାମ୍ନାକୁ ଆସିଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏସ୍. ଦ୍ୱାରକାନାଥ, ଅର୍ଚ୍ଚନା ପାଠକ ଦବେ, ସତ୍ୟ ଦର୍ଶୀ ସଞ୍ଜୟ, ବ୍ରିଜେନ୍ଦ୍ର ଚାହର, ରାଘବେନ୍ଦ୍ର ପି. ଶଙ୍କର, ରାଜକୁମାର ଭାସ୍କର ଠାକରେ(ରାଜା ଠାକରେ)ଙ୍କୁ ଏଏସ୍‌ଜି ଭାବେ ନିଯୁକ୍ତ କରାଯାଇଛି।

### ବଜ୍ରାଘାତରେ ୨ ଚାଷୀ ମୃତ

ବୈଶିଙ୍ଗା,୧୦।୯ (ସଂଚାର ବ୍ୟୁରୋ):: ମୟୂରଭଂଜ ଜିଲ୍ଲା ବେତନଟୀ ବ୍ଲକ ଖଡ଼ିଶୋଳ ପଞ୍ଚାୟତର ଡୁମାପଦା ଗାଁରେ ମଙ୍ଗଳବାର କ୍ଷେତରେ କାମ କରୁଥିବା ଦୁଇ ଭାଗଚାଷୀଙ୍କର ବଜ୍ରପାତରେ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଭୁଡୁରୁବଣି ଗାଁର ସ୍ୱର୍ଗତ ଅନୁକୂଳ ମହାନ୍ତଙ୍କ ପୁଅ ଗୋବିନ୍ଦ(୫୨) ଏବଂ ଶଙ୍ଖଯୋଡ଼ ଗ୍ରାମର ରାମ ହାଁସଦାଙ୍କ ପୁଅ ଶିବ ହାଁସଦା (୩୦)। ଗୋବିନ୍ଦ ଏବଂ ଶିବ ଡୁମାପଦା ଗ୍ରାମର ଉମେଶଚନ୍ଦ୍ର ମହାନ୍ତଙ୍କ ବିଲକୁ ଭାଗ ସୂତ୍ରରେ ନେଇ ଚାଷ କରୁଥିଲେ। ସେମାନେ ବିଲରେ ଚାଷକାମ କରୁଥିବା ବେଳେ ବର୍ଷା ସହ ବଜ୍ରପାତ ହୋଇଥିଲା। ଉଭୟ ସେହିଠାରେ ହିଁ ଟଳି ପଡ଼ିଥିଲେ। ନିକଟରେ ଥିବା ଲୋକମାନେ ଉଭୟଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ପୃଥକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରିବାକୁ ପଠାଇଛି।

# ଦୁର୍ବଳିଆ ୱେବସାଇଟ୍ ସୁଭଦ୍ରା ବାଟରେ କଣ୍ଟା



**ଭୁବନେଶ୍ୱର, ୧୦।୯ (ସଂଚାର ବ୍ୟୁରୋ):** ନୂଆ ସରକାରଙ୍କ ଫ୍ଲାଗସିପ୍ ଯୋଜନା ସୁଭଦ୍ରା ବାଟରେ ଏବେ ଦୁର୍ବଳିଆ ୱେବସାଇଟ୍ କଣ୍ଟା ହୋଇଛି। ଏହାକୁ ପ୍ରସ୍ତୁତ କରିଥିବା ସଂସ୍ଥାର ଅନଭିଜ୍ଞତା ପାଇଁ ଏଭଳି ଅବସ୍ଥା ଉପୁଜିଥିବା ଆଲୋଚନା ହେଉଛି। ତୁରନ୍ତ ଏଥିରେ ସୁଧାର ନଆସିଲେ ପରିସ୍ଥିତି ଜଟିଳ ହେବାର ଆଶଙ୍କା ଉପୁଜିଲାଣି। ସୁଭଦ୍ରା ଯୋଜନାରେ ନାମ ପଞ୍ଜିକରଣ ପାଇଁ ଏକମାତ୍ର ବାଟ ହେଉଛି ସୁଭଦ୍ରା ୱେବସାଇଟ୍। ରାଜ୍ୟ ଆଇଟି ବିଭାଗ ଗୋଟିଏ ବେସରକାରୀ ସଂସ୍ଥା ହାତରେ ଏହି ୱେବସାଇଟ୍ ନିର୍ମାଣ କରିଛନ୍ତି। ତେବେ ଯାହା ସୂଚନା ମିଳୁଛି ସମ୍ପୃକ୍ତ ସଂସ୍ଥାର କମ୍ପ୍ୟୁଟର ହାର୍ଡୱେର କ୍ଷେତ୍ରରେ ସୁନାମ ରହିଥିବାବେଳେ ସଫ୍ଟୱେର ନିର୍ମାଣ କ୍ଷେତ୍ରରେ ଯେଭଳି ଅଭିଜ୍ଞତା ନାହିଁ। ରାଜ୍ୟ ସରକାରଙ୍କ ସହିତ ଏହି ସଂସ୍ଥା ଦୀର୍ଘଦିନ ହେଲା ହାର୍ଡୱେର କାରବାର କରି ଆସୁଛି। ତେବେ ହଠାତ୍ ଏଭଳି ଏକ ବୃହତ୍ ଯୋଜନା ଲାଗି ଉକ୍ତ ସଂସ୍ଥାକୁ କାମ ଦେଇ ଆଇଟି ବିଭାଗ ଏବେ ହରତଘଣାରେ ପଡିଛି। ଗାଁ ଗହଳରେ ଏବେ ➩ପୃଷ୍ଠା-୬

**ମାଙ୍କଡ ହାତରେ ଶାଳଗ୍ରାମ ଅବସ୍ଥା**

### ପଞ୍ଜୀକରଣ ପାଇଁ ଅର୍ଥ ମାଗିଲେ କାର୍ଯ୍ୟାନୁଷ୍ଠାନ

**ଜନସେବା କେନ୍ଦ୍ରକୁ ଫର୍ମ ପିଛା ୧୫ ଟଙ୍କା**

ଭୁବନେଶ୍ୱର, ୧୦/୯ (ସଂଚାର ବ୍ୟୁରୋ): ମହିଳା ଶିଶୁ ବିକାଶ ବିଭାଗ ତରଫରୁ ସମସ୍ତ କେନ୍ଦ୍ରକୁ ପ୍ରତି ଫର୍ମର ଉପଲୋଡ଼ିଂ ପାଇଁ ୧୫ ଟଙ୍କା ପ୍ରଦାନ କରାଯାଉଛି। ମହିଳାମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାର ସୁଭଦ୍ରା ଯୋଜନା ପ୍ରଣୟନ କରିଛନ୍ତି। ଏହି ଯୋଜନା ପାଇଁ ଓଡ଼ିଶାର ଘରେ ଘରେ ଉତ୍ସାହ ଦେଖିବାକୁ ମିଳିଛି। ରାଜ୍ୟ ମହିଳା ଶିଶୁ ବିକାଶ ବିଭାଗର ଡାଟାବେସରୁ ମିଳୁଥିବା ତଥ୍ୟ ଅନୁଯାୟୀ ସମଗ୍ର ଓଡ଼ିଶାରେ ଏ ପର୍ଯ୍ୟନ୍ତ ପନ୍ଦର ଲକ୍ଷରୁ ଅଧିକ ଫର୍ମ ପଞ୍ଜୀକରଣ ହୋଇଛି। ଏହି ଯୋଜନା ଅନ୍ତର୍ଗତ ଆବେଦନ ଫର୍ମ ବିତରଣ ଓ ଅନଲାଇନ ପଞ୍ଜୀକରଣ କରିବା ପାଇଁ କୌଣସି ଦେୟ ଦେବାକୁ ପଡିବ ନାହିଁ। ➩ପୃଷ୍ଠା-୬

### ମଣିପୁରରେ ପୁଣି ଇଣ୍ଟରନେଟ୍ ବନ୍ଦ

ଇମ୍ଫାଲ, ୧୦/୯: ହିଂସାକାଣ୍ଡ ବଢ଼ୁଥିବା ଦେଖି ମଣିପୁର ସରକାର ରାଜ୍ୟରେ ୫ ଦିନ ପାଇଁ ମୋବାଇଲ ଇଣ୍ଟରନେଟ୍, ବ୍ରଡ୍‌ବ୍ୟାଣ୍ଡ ଓ ଭିପିଏସ୍ ସେବା ବାତିଲ କରିଛନ୍ତି। ଏ ନେଇ ରାଜ୍ୟର ଘରୋଇ ବିଭାଗ ପକ୍ଷରୁ ବିଜ୍+ପ୍ତି ଜାରି କରାଯାଇଛି। ଏଥିରେ କୁହାଯାଇଛି, ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି ଓ ସମାଜବିରୋଧୀମାନେ ଇଣ୍ଟରନେଟ୍‌ର ଦୁରୁପଯୋଗ କରିବାର ଆଶଙ୍କା ଥିବାରୁ ଇଣ୍ଟରନେଟ୍ ସେବା ଉପରେ କଟକଣା ଜାରି କରାଯାଇଛି। ଇଣ୍ଟରନେଟ୍ ଓ ସୋସାଲ ମିଡିଆରେ ଅପରାଧୀମାନେ ଉତ୍ତେଜନା ସୃଷ୍ଟି କଲାଭଳି ମନ୍ତବ୍ୟ, ଫଟୋ ଓ ଅନ୍ୟାନ୍ୟ ବାର୍ତ୍ତା ଭାଇରାଲ କରିପାରନ୍ତି। ଏସବୁ ଉପରେ କଡ଼ା ନଜର ରଖାଯାଇଛି। ମଙ୍ଗଳବାର ଇମ୍ଫାଲ ଜିଲ୍ଲାରେ ଅନିର୍ଦ୍ଦିଷ୍ଟ କାଳବ୍ୟାପୀ କର୍ଫ୍ୟୁ ଜାରି କରାଯାଇଛି। କୌଣସି ସ୍ଥାନରେ ଲୋକେ ଏକାଠି ହେବାକୁ ବାରଣ କରାଯାଇଛି।

### ଲଘୁଚାପ କ୍ଷୟକ୍ଷତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ପ୍ରଭାବିତଙ୍କୁ ରିଲିଫ୍ ନିର୍ଦ୍ଦେଶ



ଭୁବନେଶ୍ୱର, ୧୦/୯ (ସଂଚାର ବ୍ୟୁରୋ): ବିଧାନସଭା ପ୍ରକୋଷ୍ଠରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲଘୁଚାପ ପ୍ରଭାବରେ ହୋଇଥିବା କ୍ଷୟକ୍ଷତି ଓ ଏହାର ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଏସ୍‌ଆର୍‌ସି ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥିତି ଓ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଅବଗତ କରାଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ, ସମୁଦ୍ରକୁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ବହୁ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେଇଛି। ବିଶେଷକରି କୋରାପୁଟ ଓ ମାଲକାନଗିରି ଜିଲ୍ଲାବାସୀ ବର୍ଷା ଯୋଗୁଁ ଅଧିକମାତ୍ରାରେ ପ୍ରଭାବିତ ହୋଇଛନ୍ତି। ଅନେକ ଜାଗାରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଜଳବନ୍ଦୀ ସମସ୍ୟା ମଧ୍ୟ ଘଟିଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଏବଂ ଅଗ୍ନିଶମବାହିନୀ ସହାୟତାରେ ଲୋକଙ୍କ ଅସୁବିଧାକୁ ତତ୍ପରତାର ସହ ଦୂର କରିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ରିଲିଫ ସାମଗ୍ରୀ ବ୍ୟାପକ ମାତ୍ରାରେ ମହଜୁଦ ରଖି ପ୍ରଭାବିତ ଲୋକଙ୍କୁ ଯୋଗାଇବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ଏହା ସହିତ ଲଘୁଚାପ ଜନିତ ଲଗାଣ ବର୍ଷାରେ ମାଲକାନଗିରି ଜିଲ୍ଲା ସ୍ଥିତି ସଙ୍ଗିନ ହୋଇପଡ଼ିଛି। ରାସ୍ତା ଉପରେ ବନ୍ୟା ➩ପୃଷ୍ଠା-୬

## ଜାତୀୟ ଯୁବ କଂଗ୍ରେସ ସଭାପତି ରେସରେ ସାଗର ଦାସ



**ଭୁବନେଶ୍ୱର, ୧୦।୯ (ସଂଚାର ବ୍ୟୁରୋ):** ଜାତୀୟ ଯୁବ କଂଗ୍ରେସ ସଭାପତି ରେସରେ ଯୋଡି ହୋଇଛନ୍ତି ଓଡିଶାର ଯୁବ ବିଧାୟକ ସାଗର ଦାସ। ଭକ୍ତ ଦାସଙ୍କ ପୁଅ ଏହି ରେସରେ ଯୋଡି ହେବା ପରେ ଜାତୀୟ ଯୁବ କଂଗ୍ରେସ ସଭାପତି ପାଇଁ ଚାଲିଥିବା ପ୍ରତିଯୋଗିତା ରୋଚକ ସ୍ଥିତିରେ ପହଁଚିଛି। ଜାତୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭିଙ୍କ ସ୍ଥାନ କିଏ ନେବ ତାକୁ ନେଇ ନାନା କଳ୍ପନା ଜଳ୍ପନା ଚାଲିଥିବା ପରେ ଓଡିଶାର ଜଣେ ଯୁବ ବିଧାୟକ ଜାତୀୟ ରାଜନୀତିର ମଙ୍ଗ ଧରିବାକୁ ପ୍ରସ୍ତୁତ ହେବା ପ୍ରଦେଶ କଂଗ୍ରେସ ପାଇଁ ମହତ୍ୱପୂର୍ଣ୍ଣ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଜାତୀୟ କଂଗ୍ରେସ ସଭାପତି ରେସରେ କେବଳ ମଧ୍ୟପ୍ରଦେଶର ଝାବୁଆ ବିଧାନସଭାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିକ୍ରାନ୍ତ ଭୁରିଆ ଓ ଛତିଗଡର ଯୁବ ନେତା ପୂର୍ଣ୍ଣଚନ୍ଦ୍ର ପାଢୀ ଓରଫ କୋକୋ ପାଢୀ । ଏବେ ଏହି ରେସରେ ସାମିଲ ହୋଇଛନ୍ତି ଆଉ ଦୁଇ ➩ପୃଷ୍ଠା-୬

### ଭୋଜି ଭାତ ପାଇଁ ବିଏମ୍‌ସି ଆଦାୟ କରିବ ୟୁଜର୍ସ ଫି

# ଶହେ ଲୋକଙ୍କ ରୋଷେଇ ପାଇଁ ୫ଶହ

**ବାହାରେ ଆବର୍ଜନା ଫିଙ୍ଗିଲେ ୧୨ହଜାର ପର୍ଯ୍ୟନ୍ତ ଜରିମାନା**

**ଭୁବନେଶ୍ୱର, ୧୦।୯(ସଂଚାର ବ୍ୟୁରୋ):** ଏଥରୀ ଭୋଜି ଭାତ କଲେ ବିଏମ୍‌ସି ଆଦାୟ କରିବ ୟୁଜର୍ସ ଫି। ଘର ହେଉ କି ମନ୍ଦିର, ସର୍ବସାଧାରଣ ଜାଗା ହେଉ କି କଲ୍ୟାଣମଣ୍ଡପ, ସବୁଠି ଦଣ୍ଡ ଗଣିବାକୁ ହେବ। ଭୋଜି ହେଉଥିବା ଅଞ୍ଚଳର ଆୟତନ ଓ ଭୋଜିରେ ଭାଗ ନେଉଥିବା ଜନସଂଖ୍ୟା ଆଧାରରେ ବିଏମ୍‌ସି ଏହି ୟୁଜର୍ସ ଫି ଧାର୍ଯ୍ୟ କରିଛି। ଏଥିପାଇଁ ମନ୍ଦିର ଓ ମଣ୍ଡପମାନଙ୍କୁ ଓ ନୋଟିସ ଜାରି କରାଯାଇଛି। କିନ୍ତୁ କେତେକ ସରକାରୀ ଓ ବେସରକାରୀ କ୍ୟାଣ୍ଟିନ୍ ଏଥିରୁ ବାଦ୍ ପଡ଼ିଛି। ଏହି ସବୁ କ୍ୟାଣ୍ଟିନ୍‌ରେ ପ୍ରତ୍ୟହ ରୋଷେଇ ହେବା ସହ ଏଥିରୁ ବାହାରୁଥିବା ଆବର୍ଜନା କୁଆଡ଼େ ଯାଉଛି ତାହାର ହିସାବ ବିଏମ୍‌ସି ପାଖରେ ନାହିଁ। ବାସି ଖାଦ୍ୟ ସହ ଦନା, ପ୍ଲେଟ୍ ଓ ଅନ୍ୟାନ୍ୟ ଆବର୍ଜନା ସିଧାସଳଖ ମୁକୁଳା ନଳାରେ ଫିଙ୍ଗି ଦିଆଯାଉଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ବିଏମ୍‌ସି ୟୁଜର୍ସ ଫି ଓ ଜରିମାନା ଧାର୍ଯ୍ୟ କରି ଆବର୍ଜନା ମୁକ୍ତ ସହର ମିସନ୍‌ରେ ଥିବା ବେଳେ ଏହି ସବୁ କ୍ୟାଣ୍ଟିନ୍ ମୁଣ୍ଡ ବିନ୍ଧାର କାରଣ ସାଜିଛନ୍ତି। ବିଏମ୍‌ସି ନିକଟ ଅତୀତରେ ସର୍ଭେ କରି କେଉଁଠି ନିୟମିତ ରୋଷେଇ ହେଉଛି, କେଉଁ ମଣ୍ଡପରେ ବାହାଘର ଭଳି ସାମାଜିକ ଉତ୍ସବ ଆୟୋଜନ ହେଉଛି ସେ ସବୁର ତାଲିକା କରିଛି। ଏଥିରେ ପ୍ରାୟ ୪୮୨ ମନ୍ଦିର ଓ ମଣ୍ଡପ ରହିଛି। କିନ୍ତୁ କ୍ୟାଣ୍ଟିନ୍ କଥା ଭୁଲି ଯାଇଛି। ସରକାରୀ କ୍ୟାଣ୍ଟିନ୍ ସବୁ ଅଫିସ୍ ପରିସରରେ ରହିଛି। ଏଥିରେ କେବଳ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ ହେଉଛି। ଅନେକ ବେସରକାରୀ ସଂସ୍ଥା ମଧ୍ୟ ନିଜ ପରିସରରେ କ୍ୟାଣ୍ଟିନ୍ କରିଛନ୍ତି। ସରକାରୀ କ୍ୟାଣ୍ଟିନ୍‌ଗୁଡ଼ିକରେ ସମ୍ପୃକ୍ତ କାର୍ଯ୍ୟାଳୟର ସରକାରୀ ଅଧିକାରୀମାନେ ଖାଇବା ସହ ବାହାର ଲୋକ ମଧ୍ୟ ଖାଇବା ପାଇଁ ଯାଉଛନ୍ତି। ସେହିଭଳି ବେସରକାରୀ ସଂସ୍ଥାର କ୍ୟାଣ୍ଟିନ୍‌ରେ ମଧ୍ୟ ବାହାର ଲୋକଙ୍କୁ ଖାଇବାକୁ ଦିଆଯାଉଛି। ସହରରେ ଏଭଳି ୨ଶହରୁ ଊର୍ଦ୍ଧ୍ୱ କ୍ୟାଣ୍ଟିନ୍ ରହିଛି। ଯେଉଁଥିରୁ ବଳକା ଖାଦ୍ୟ ସହ ପ୍ଲେଟ୍ ଓ ଦନା ବାହାରୁଛି। ଏ ସବୁକୁ ଅନେକ ଜାଗାରେ ନଳାରେ ଫିଙ୍ଗି ଦିଆଯାଉଥିବା ବେଳେ କେତେକ ଜାଗାରେ ବିଏମ୍‌ସି ସଫେଇ ଗାଡ଼ିରେ ଦିଆଯାଉଛି। ଏହି ସବୁ ଜାଗାରେ କ୍ୟାଣ୍ଟିନ୍ ମାଲିକମାନେ ଖାଦ୍ୟ ବିକ୍ରି କରି ଅର୍ଥ ରୋଜଗାର କରୁଛନ୍ତି। କିନ୍ତୁ ସଫେଇ ଗାଡ଼ିରେ ମାଗଣାରେ ଆବର୍ଜନ ଦେଉଛନ୍ତି। ସଫେଇ ଗାଡ଼ିରେ ଥିବା କର୍ମଚାରୀ ହାତଗୁଞ୍ଜା ନେଇ ଏହି ସବୁ ଆବର୍ଜନା ନେଇ ଯାଉଥିବା ଅଭିଯୋଗ ମଧ୍ୟ ରହିଛି। ବର୍ଷ ବର୍ଷ ଧରି ଏଭଳି ସଲାସୁତରାରେ ବେପାର ଚାଲିଛି। ଏବେ ବିଏମ୍‌ସି ଏ ବାବଦରେ ରାଜସ୍ୱ ପାଇବାକୁ ଯୋଜନା କରିଥିଲେ ମଧ୍ୟ ଏମାନଙ୍କର ସଲାସୁତରା ଯୋଗୁ ବିଏମ୍‌ସି ଟଙ୍କାଟିଏ ରାଜସ୍ୱ ପାଇବ ନାହିଁ। ➩ପୃଷ୍ଠା-୬

# ମା' ପୁଅକୁ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ

**ନୟାଗଡ଼, ୧୦।୯ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ଗ୍ରାମରେ ମା ଓ ପୁଅଙ୍କୁ କିଛି ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଛନ୍ତି। ଏନେଇ ସଦରଥାନାରେ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ଶାନ୍ତିଲତା ବିଧାର ଓ ତାଙ୍କ ପୁଅ ନବକିଶୋର ବିଧାର ଘର ଦୁଆରେ ଠିଆ ହୋଇଥିବା ବେଳେ ଉକ୍ତ ଗ୍ରାମର ମନୋଜ କୁମାର ଜେନା, ଶ୍ରୀଧର ଜେନା, ଜଳଧର ଜେନା, ଚନ୍ଦନ ଜେନା, ପହଲି ଜେନା ପ୍ରମୁଖ ସଂଘବଧ ଭାବେ ଗାଳି ଗୁଲଜ କରିବା ସହ କାଠ ଓ ଲୁହା ରଡ଼ରେ ଆକ୍ରମଣ କରିଥିଲେ। ମା ଓ ପୁଅଙ୍କ ଅବସ୍ଥା ଗୁରୁତର ରହିଥିବାରୁ ସେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ଶାନ୍ତିଲତା ଥାନାରେ ଅଭିଯୋଗ ପରେ ଜଣେ ବିଜେପି ନେତ୍ରୀ ଗାଁକୁ ଯାଇ କାଉଣ୍ଟର କେସ କରିବା ପ୍ରବତାଇଥିଲେ । ପରବର୍ତ୍ତୀ ସମୟରେ ଆକ୍ରମଣକାରୀ ନେତ୍ରୀଙ୍କ ବୋଲରେ ସଦରଥାନାରେ କାଉଣ୍ଟର କେସ ହୋଇଥିବା ବିଶେଷ ସୂତ୍ରରୁ ଜଣାପଡିଛି । ତେବେ ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ପୁଲିସ ଘଟଣାର ଛାନଭିନ କରୁଥିବା ସୂଚନା ମିଳିଛି ।

# ଯୁବ ସାମ୍ବାଦିକ ସିମାଞ୍ଚଳଙ୍କ ବିୟୋଗରେ ଶୋକ ସଭା

**ବ୍ରହ୍ମପୁର, ୧୦।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ପ୍ରେସ କ୍ଲବ୍ ପରିସରରେ ସ୍ୱର୍ଗତ ଯୁବ ସାମ୍ବାଦିକ ସିମାଞ୍ଚଳ ସାହୁ ଗତ ୬ତାରିଖରେ ପରଲୋକ ଗମନ କରିଥିଲେ। ସେନେଇ ଆଜି ପ୍ରେସ କ୍ଲବ ବ୍ରହ୍ମପୁର ତରଫରୁ ସଭାପତି ଅଶୋକ ବ୍ରହ୍ମାଙ୍କ ନିର୍ଦ୍ଦେଶନାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଛି। ସମ୍ପାଦକ ପ୍ରହଲ୍ଲାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ କୋଷାଧ୍ୟକ୍ଷ ଶିବ ନାରାୟଣ ପଣ୍ଡା ଓ ଯୁଗ୍ମ ସମ୍ପାଦକ ଡି ଗୋପାଳ କ୍ରିଷ୍ଣା ରେଡ୍ଡୀଙ୍କ ଉପସ୍ଥିତିରେ ସହରର ବହୁ ସାମ୍ବାଦିକଙ୍କ ଗହଣରେ ସିମାଞ୍ଚଳଙ୍କ ବିୟୋଗରେ ଦୁଇ ମିନିଟ ଶୋକ ପ୍ରକାଶ କରାଯାଇଥିଲା । ଏଥିରେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ଦାସ, ନାଗେଶ୍ୱର ପୃଷ୍ଟି, ସମୀର ଆଚାର୍ଯ୍ୟ, ମୃତ୍ୟୁଞ୍ଜୟ ସାହୁ, ଲଲାଟେନ୍ଦୁ ଚୌଧୁରୀଙ୍କ ବହୁ ସାମ୍ବାଦିକ ମାନେ ସ୍ୱର୍ଗତ ସୀମା ଭାଇଙ୍କ ସ୍ମୃତି ଚାରଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗୋପାଳ ପଟ୍ଟନାୟକ, ଦୀପକ ପଣ୍ଡା, ସିମାଞ୍ଚଳ ସାହୁ, ଜଗନ୍ନାଥ ପଣ୍ଡା, କିରଣ ମିଶ୍ର, ମାନସ ବିଷୋୟୀ, ଶାନ୍ତନୁ ରଣା, ଅଭିଜିତ କର, ବିକେ ବିଶାରଦ, ଲଡୁ କିଶୋର, ଗୌରୀ ଶଙ୍କର ମିଶ୍ର, ଚିକୁ ପ୍ରତିନିଧି, ପିତାମ୍ବର ନାହାକ, ମନୋଜ ପାତ୍ର, ସୁରଥ ସାର୍, ବନିତା ସାହୁ, ପ୍ରଶାନ୍ତ ଜେନା, ଲିକୁ ଡାକୁଆ, ସଚିନ ବେହେରା, ଶୁଭେନ୍ଦୁ ସାହୁଙ୍କ ସମେତ ଅନ୍ୟ ବହୁ ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ତେବେ ଏହି କାର୍ଯ୍ୟରେ ସ୍ୱାସ୍ଥ୍ୟବସ୍ଥା ଅନୁକୂଳ ଥିବା ନେଇ ଅନୁପସ୍ଥିତ ଥିବା ସଭାପତି ଶ୍ରୀ ବ୍ରହ୍ମା, ଉପ ସଭାପତି ଅଭୟ ପାଢ଼ୀ ନିଜ ନିଜର ସମବେଦନା ଜଣାଇଛନ୍ତି।

# ଭେଡେନ୍‌ରେ ରକ୍ତଦାନ ଶିବିର

**ଭେଡେନ, ୧୦।୯ (ସଂଚାର ବ୍ୟୁରୋ):** ଭେଡେନ ବ୍ଲକ ଅନ୍ତର୍ଗତ ଅପାମରା କଲ୍ୟାଣ ମଣ୍ଡପ ଠାରେ ମାଁ ମାହେଶ୍ୱରୀ ସେନା ତରଫରୁ ମଙ୍ଗଳ ବାର ଦିନ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମା ମାହେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଏହି ଶିବିରକୁ ଡୁମାଲ ପରିଷଦ, ବରଗଡ଼ ଜିଲ୍ଲା ସଭାପତି ଗଣେଶ ପ୍ରଧାନ, ଡୁମାଲ ପରିଷଦ,ବକଟି କେନ୍ଦ୍ର ସଭାପତି ନିତ୍ୟାନନ୍ଦ ପ୍ରଧାନ, ରାଜ୍ୟ ଡୁମାଲ ପରିଷଦର ସଭ୍ୟ ସଚ୍ଚିଦାନନ୍ଦ ଛନ୍ଦ ଫିତା କାଟି ଉଦଘାଟନ କରିଥିଲେ । ଭୀମସାର,ବୁର୍ଲା ରକ୍ତଭଣ୍ଡାର ର ଡାକ୍ତର, ଟେକନିସିଏନ ଓ କର୍ମଚାରୀଙ୍କ ଦ୍ୱାରା ରକ୍ତଦାନ ଶିବିରରେ ରକ୍ତ ସଂଗୃହିତ ହୋଇଥିଲା । ପ୍ରଥମ କରି ୧୪ଜଣ ରକ୍ତଦାନ କରିଥିଲେ। ଏହି ଶିବିରରେ ୬ଜଣ ମହିଳା ଓ୩୭ଜଣ ପୁରୁଷ ଙ୍କ ସହିତ ସର୍ବମୋଟ ୪୩ ଜଣ ରକ୍ତଦାନ କରିଥିଲେ । ଏହି ରକ୍ତଦାନ ଶିବିରକୁ ମାଁ ମାହେଶ୍ୱରୀ ସେନାର ସମସ୍ତ ସଦସ୍ୟ, ଅପାମରା ମାହେଶ୍ୱରୀ ମନ୍ଦିରର ସେବାୟତ ବୃନ୍ଦ ଓ ଗ୍ରାମବାସୀ ସାହାଯ୍ୟ ସହଯୋଗ କରିଥିଲେ ।

# ନିଆଁ ପାଣି ଠପ୍ ଉପଜିଲ୍ଲାପାଳଙ୍କୁ ପତ୍ର

**ବ୍ରହ୍ମପୁର, ୧୦।୯ (ସଂଚାର ବ୍ୟୁରୋ):** ଗୋଳନ୍ଥରା ଥାନା ଲୋଉଡ଼ି ଗ୍ରାମ ଏକ ପରିବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆସିଥିଲେ । ରହୁ ଥିବା ଗ୍ରାମର ସମସ୍ତ ସୁବିଧାକୁ ସହଯୋଗ କରୁନଥିବା ଏସ ମହେଶ ଅଭିଯୋଗ କରିଛନ୍ତି । ପରିବାର ଲୋକେ ଉପ ଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି । ମହେଶଙ୍କ ପାରିବାର ପୁରୁଷାନୁକ୍ରମେ ଏକ ଜମିକୁ ଭୋଗ ଦଖଲ କରିଆସୁଛନ୍ତି। ଏହି ଜମିକୁ ଗ୍ରାମର କିଛି ଖଳ ପ୍ରକୃତି ଲୋକ ଅକ୍ତିଆର କରିବା ପାଇଁ ଯୋଜନା କରୁଛନ୍ତି । ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି । ଥାନାରେ ସମାଧାନ ହୋଇଥିଲା । କିନ୍ତୁ ଗ୍ରାମ କମିଟି ମହେଶଙ୍କ ପରିବାରକୁ ନିଆଁ ପାଣି ଏବଂ ସମସ୍ତ କାର୍ଯ୍ୟ ବନ୍ଦ କରିଦିଆଯାଇଛି । ଗ୍ରାମର କୌଣସି ଲୋକ ଏମାନଙ୍କ ସହ କଥା ହେଲେ ୩୦ ହଜାର ଜୋରିମାନା ଆଦେଶ ହେଉଛି । ଘଟଣାର ତଦନ୍ତ କରାଯିବା ନେଇ ଅନୁରୋଧ କରାଯାଇଛି । ସ୍ମାରକ ପତ୍ର ପ୍ରଦାନ ସମୟରେ ମହେଶଙ୍କ ପରିବାର ଏବଂ ବରିଷ୍ଠ ଓକିଲ ପୀତବାସ ପଣ୍ଡା, ସମେନ୍ଦ୍ର ଦାସ, ବିଜେପି ନେତା ସୁନିଲ ସାହୁ,ପ୍ରଭାତ ଷଡ଼ଙ୍ଗୀଙ୍କ ସମେତ ଅନ୍ୟମାନେ ଥିଲେ ।

## ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କ ଖେଳ

# ତ୍ରୁଟିପୂର୍ଣ୍ଣ ସାର୍ଟିଫିକେଟ୍ ପାଇଁ ଗଣ୍ଡଗୋଳ ଓ ଭଂଗାରୁଜା

**କେନ୍ଦ୍ରାପଡ଼ା, ୧୦।୯ (ସଂଚାର ବ୍ୟୁରୋ):** ପିଜି ଛାତ୍ର ଛାତ୍ରୀଙ୍କ ଭବିଷ୍ୟତକୁ ନେଇ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର କର୍ତୃପକ୍ଷ ଖେଳ ଖେଳିଥିବା ନେଇ ଆଜି କଲେଜ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ସୂଚନାମୁତାବକ କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପ୍ରଥମ ବ୍ୟାଚ୍ ପିଜି ଛାତ୍ରଛାତ୍ରୀମାନଙ୍କୁ କଲେଜ ପକ୍ଷରୁ ତ୍ରୁଟିପୂର୍ଣ୍ଣ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି। ଏହି ଘଟଣାକୁ କେନ୍ଦ୍ରକରି ସକାଳ ୯ ଘଟିକା ସମୟରେ ସାମାନ୍ୟ ହୋ ହାଲ୍ଲା ପାଟିତୁଣ୍ଡ ଦେଖା ଦେବା ସହିତ ଚାପା ଉତ୍ତେଜନା କଲେଜ ପରିସରରେ ଲାଗିରହିଥିଲା। ସକାଳ ୯ଟା ସମୟରୁ ପ୍ରାୟ ଦୀର୍ଘ ୨ ଘଣ୍ଟା କାଳ ଶହଶହ ଛାତ୍ରଛାତ୍ରୀ ପ୍ରିନସିପାଲଙ୍କ ଆସିବାକୁ ଅପେକ୍ଷା କରିବା ପରେ ପ୍ରିନସିପାଲ ନଆସିବାରୁ ପ୍ରିନସିପାଲଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଥିବା ଚେୟାର, ଟେବୁଲ୍ ସହିତ ସମସ୍ତ ଆସଭାବ ପତ୍ର ଗୁଡିକୁ ଉତ୍ତେଜିତ ଛାତ୍ରଛାତ୍ରୀମାନେ ରାଗରେ ବୋହିନେଇ ବାହାରେ ଫୋପାଡି ଭାଂଗି ଦେଇଥିଲେ । ଭଂଗାରୁଜା ଗଣ୍ଡଗୋଳ ଖବର ପାଇ ଘଟଣା ସ୍ଥଳରେ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଦିଲ୍ଲୀପ୍ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ପ୍ରାଟ୍ରଲିଂ ପୋଲିସ୍ ଟିମ୍ ପହଞ୍ଚି ଭଂଗାରୁଜା ଗଣ୍ଡଗୋଳ କରୁଥିବା ଉତ୍ତେଜିତ ପି.ଜି. ଛାତ୍ରଛାତ୍ରୀ



ମାନଙ୍କୁ ବହୁ ବୁଝାସୁଝା କରିଥିଲେ । ପରେ ଅପରାହ୍ନ ୧୨ ଘଟିକା ସମୟରେ ଦାୟିତ୍ୱରେ ଥିବା କଲେଜ ଅଧ୍ୟକ୍ଷ ପହଞ୍ଚି ପିଲାମାନଙ୍କ ସହିତ ପ୍ରାୟ ଏକ ଘଣ୍ଟାକାଳ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଗଣ୍ଡଗୋଳର କାରଣ ସମ୍ବନ୍ଧରେ ଅଧ୍ୟକ୍ଷଙ୍କୁ ପଚାରିବା ପରେ ଅଧ୍ୟକ୍ଷ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ - ସାର୍ଟିଫିକେଟ ତିଆରି ଦାୟିତ୍ୱରେ ଥିବା କଲେଜର କିଛି କର୍ମଚାରୀମାନଙ୍କ ଭୁଲ ପାଇଁ ଏପରି ତ୍ରୁଟି ପରିଲିଖିତ ହେବା ସହିତ ଛାତ୍ରଛାତ୍ରୀ ମାନେ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରିଥିଲେ । ତାହାଛଡା ମୋତେ ଉଭୟ ଦୁଇଟି କଲେଜ ଯଥା - ଇନ୍ଦୁପୁରର ବିରୂପା କଲେଜ ଏବଂ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅତିରିକ୍ତ ଅଧ୍ୟକ୍ଷ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ଦୁଇଟି କଲେଜର ପିଲାମାନଙ୍କ କଥା ବୁଝିବାକୁ ଅସୁବିଧା ହେଉଛି । ଆଗକୁ ଯେପରି କିଛି ଗଣ୍ଡଗୋଳ ହେବନ ନାହିଁ ସେଥିପାଇଁ କଲେଜ କମିଟି ସତର୍କ ଅଛି।



## ଧୋଇଗଲା ସୋଲାର ଜଳ ପ୍ରକଳ୍ପ

# ନିମ୍ନମାନର କାର୍ଯ୍ୟ ଅଭିଯୋଗ

**ମାଲକାନଗିରି, ୧୦।୯ (ସଂଚାର ବ୍ୟୁରୋ):** ମାଲକାନଗିରି ସ୍ୱାଭିମାନ ଅଞ୍ଚଳରେ ଓଟିଏଲ୍‌ପି ପ୍ଲସ ପକ୍ଷରୁ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନିତ କରିବା ପାଇଁ 'ବିକାଶ' ସଂସ୍ଥା ସହ ୨୦୨୧-୨୨ ମସିହାରେ ଚୁକ୍ତିନାମା କରାଯାଇଥିଲା। ଆର୍ଥିକ ବର୍ଷ ୨୦୨୩-୨୪ରେ ଦୋରାଗୁଡା ପଞ୍ଚାୟତର ତାଟମାନଗୁଡା ଠାରେ ୬ଲକ୍ଷ ଟଙ୍କା ବ୍ୟୟରେ ଚାଷୀ ମାନଙ୍କ ଜମିରେ ଜଳସେଚନ ସୁବିଧା ନିମନ୍ତେ ଅଟକଳ କରାଯାଇ ଏକ ସୋଲାର ପ୍ରକଳ୍ପ କରାଯାଇଥିଲା। କିନ୍ତୁ ନିମ୍ନ ମାନର କାର୍ଯ୍ୟ ହେତୁ ଗତକାଲି ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ପ୍ରକଳ୍ପଟି ଧୋଇ ହୋଇ ଯାଇଛି।

ଓଟିଏଲ୍‌ପି ପ୍ଲସର ପିଓପିଏମଇ ଓ ଡବ୍ଲୁ ଡି ଓ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଓ ଠିକ୍ ସମୟରେ କାର୍ଯ୍ୟ ତଦାରଖ ନ କରିବା ହେତୁ ଏହି ଭଳି ଅବସ୍ଥା ଉପୁଜିଛି ବୋଲି ଗ୍ରାମବାସୀ ଅଭଯୋଗ କରିଛନ୍ତି। ଆଗରୁ ଏହି ଭଳି ନିମ୍ନ ମାନର କାର୍ଯ୍ୟ କୁ ନେଇ ଅନେକ ଖବର ପ୍ରସାରଣ ହୋଇଥିଲେ ମଧ୍ୟ ଉକ୍ତ ବିଭାଗ ପକ୍ଷରୁ ଅଧିକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନଥିବା ବେଳେ ବର୍ତ୍ତମାନ ର ଏହିଭଳି କାର୍ଯ୍ୟକୁ ନେଇ ଏବେ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଆଗାମୀ ଦିନରେ ତାଟମାନଗୁଡା ଗ୍ରାମବାସୀ କିଭଳି ଚାଷ କରିବେ ସେନେଇ ଗ୍ରାମବାସୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ତାଟମାନଗୁଡା ରେ ଯଥା ଶୀଘ୍ର ଆଉ ଏକ ସୋଲାର ପ୍ରକଳ୍ପ କରିବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି ଯଦି ଏହି ଦାବି ପୂରଣ ନ କରାଯାଏ ତାହା ହେଲେ ଆଗାମୀ ଦିନରେ ତୀବ୍ର ଆନ୍ଦୋଳନ ସହ ଓ ଟି ଏଲ୍ ପି ପ୍ଲସ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଶ୍ରମିକ ମୃତ୍ୟୁକୁ ନେଇ ତୁମୁଳକାଣ୍ଡ

# ପୋଲିସର ଲାଠି ଚାର୍ଜ, ଏକାଧିକ ଆହତ

**ଯୋଡ଼ା, ୧୦।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଯୋଡ଼ା ସହରରେ ଥିବା ଟାଟା କମ୍ପାନୀର ପ୍ରୋଜେକ୍ଟ କ୍ୟାମ୍ପରେ ପିଣ୍ଟୁ ରାମ ନାମକ ଜନୈକ ଠିକା ଶ୍ରମିକଙ୍କ ରବିବାର ଦିନ ଅସ୍ୱାଭାବିକ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ଶ୍ରମିକ ସହ ପରିବାର ବର୍ଗ କ୍ଷତିପୂରଣ ଦାବିରେ ଗତ ୩ଦିନ ଧରି ପ୍ରାୟ ଦୁଇ ହଜାର ଶ୍ରମିକ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି । ମଙ୍ଗଳବାର କ୍ଷତିପୂରଣ ବିଳମ୍ବ ଯୋଗୁଁ ଶ୍ରମିକମାନେ ଆନ୍ଦୋଳନ କରୁଥିବା ସମୟରେ ପ୍ରୋଜେକ୍ଟ କ୍ୟାମ୍ପରେ ଆରଏମପି ହେଡ ଶଶିକାନ୍ତ ଚୌଧୁରୀ ପହଞ୍ଚି ଏହାର ସମାଧାନ କରିବା ପରିବର୍ତ୍ତେ ତାଙ୍କୁ ତାଗିଦ୍ ଓ ଅପବ୍ୟବହାର କରିବାରୁ ଶ୍ରମିକ ମହଲରେ ଏହା ଉଗ୍ରରୂପ ଧାରଣ କରିଥିଲା। ଶ୍ରମିକ ମାନେ ଏକ ବିରାଟ ପଟୁଆରରେ ପଶ୍ଚିମ ଯୋଡ଼ା ସ୍ଥିତ ରୋ ମେଟେରିଆଲ ପ୍ରୋଜେକ୍ଟ (ଆରଏମପି)ରେ ଏହାର ଦୃଢ଼ ପ୍ରତିବାଦ କରିଥିଲେ।

ଶ୍ରମିକ ଉତ୍ତେଜନା ବୃଦ୍ଧି ପାଇବା ପରେ ପୋଲିସ ପକ୍ଷରୁ ଲାଠି ଚାର୍ଜ କରାଯାଇଥିଲା। ପୋଲିସର ଲାଠିଚାର୍ଜ ଯୋଗୁଁ ବହୁ ଶ୍ରମିକ ଆହତ ହୋଇଛନ୍ତି। ଆହତ ଶ୍ରମିକ ମାନଙ୍କ ମଧ୍ୟରେ ମର୍ଙ୍ଗି ଲାଲ, ରିତେଶ ନାଏକ, ସୁଜିତ୍ କୁମାର, ରୋହିତ କୁମାର, ମନୋହର ଶର୍ମା, ସୈଲେନ୍ଦ୍ର କୁମାର, ରୁପେଶ କୁମାର, ରାଜୀବ ରଞ୍ଜନ, ଦୀପକ କୁମାର, ପ୍ରୟାଗ ଯାଦବ ଏବଂ ଆହୁରି ଅନେକ ରକ୍ତାକ୍ତ ହୋଇ ଆହତ ହୋଇଛନ୍ତି। ଏହି ଆହତ ଶ୍ରମିକ ଅଭିଯୋଗ କରିଛନ୍ତି ଯେ,ଗତ ୩ ଦିନ ହେଲା ଶ୍ରମିକ ମୃତ୍ୟୁ ଘଟିବା ପରେ ମଧ୍ୟ ସମ୍ପୃକ୍ତ




ଠିକା ସଂସ୍ଥା ଏମ ଏସ ଇଂଜିନିୟରିଂ ଓ ଟାଟା ଷ୍ଟିଲ ପକ୍ଷରୁ ମୃତ ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ନେଇ କୌଣସି ଆପୋଷ ଆଲୋଚନା କରା ଯାଉନାହିଁ। କ୍ଷତିପୂରଣ ଦାବି କଲେ ଟାଟାଷ୍ଟିଲ କମ୍ପାନୀ ପୋଲିସ ଲଗାଇ ଶ୍ରମିକ ମାନଙ୍କୁ ଲାଠିଚାର୍ଜ କରୁଛି। ସ୍ଥିତି ଅଧୁନା ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ଥିବା ବେଳେ ଟାଟାଷ୍ଟିଲର ବିଭିନ୍ନ କାର୍ଯ୍ୟାଳୟ ଫାଟକ ଗୁଡ଼ିକୁ ଘରୋଇ ସୁରକ୍ଷାକର୍ମୀ ଓ ପୋଲିସ ଜଗି ରହିଛନ୍ତି। ଗତକାଲି ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ ଆନ୍ଦୋଳନରତ ଶ୍ରମିକ ମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଯିବାର ମୁଖ୍ୟକାରଣ ଶଶିକାନ୍ତ ଚୌଧୁରୀଙ୍କର ଅଭଦ୍ରୋଚିତ୍ ବ୍ୟବହାର ଏବଂ "କାମ କଲେ କର, ନ ହେଲେ ବାହାରିଯାଅ" କହିବା ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଏପରିକି କିଛି ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଚୌଧୁରୀ ଅଶ୍ଳୀଳ ଭାଷାରେ ଗାଳି ଦେଇ ଖବରଦାତା ସମୀର ଦାସଙ୍କୁ ଧକ୍କା ମାରିଥିଲା। ଏହାକୁ ନେଇ ଯୋଡ଼ାର ସମସ୍ତ କାର୍ଯ୍ୟରତ ଖବରଦାତା ମାନେ ଏହାର ଦୃଢ଼ ନିନ୍ଦା କରିବା ସହିତ ଯୋଡ଼ା ଟାଟା କେନ୍ଦ୍ରୀୟ କାର୍ଯ୍ୟାଳୟରେ ଏହାର ପ୍ରତିବାଦ କରିଥିଲେ। ଟାଟାଷ୍ଟିଲ କମ୍ୟୁନିକେସନ ଅଧିକାରୀ ଶୁଭଙ୍କର ବେହେରା, ମାନବ ସମ୍ବଳ ଅଧିକାରୀ ଟି ରାମ ଚନ୍ଦ୍ରନଙ୍କ ସମେତ ଟାଟା ବରିଷ୍ଠ ଅଧିକାରୀ ନବ କିଶୋର ଆଚାର୍ଯ୍ୟ, ଟାଟା ସୁରକ୍ଷା କର୍ମୀ ମୁଖ୍ୟ ଆଦିତ୍ୟ ଠାକୁର ଏହି ଘଟଣା ପାଇଁ ଖବରଦାତା ସମୂହଙ୍କୁ କ୍ଷମା ମାଗିଥିଲେ।

# ଦୀର୍ଘଦିନର ରେଳପଥ ସ୍ୱପ୍ନ ପୂରଣ ହେବାକୁ ଯାଉଛି

**କଳାହାଣ୍ଡି, ୧୦।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାବାସୀଙ୍କ ଦୀର୍ଘଦିନର ରେଳ ସଂଯୋଗ କୁ ଅପେକ୍ଷା କରିଥିବା ସ୍ୱପ୍ନ ସାକାର ହେବାକୁ ଯାଉଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କ ଅଧ୍ୟକ୍ଷତାରେ ଗତ ମାସରେ କେନ୍ଦ୍ର କ୍ୟାବିନେଟରେ ଜୁନାଗଡ଼-ନବରଙ୍ଗପୁର ୧୧୬.୨୧ କିଲୋମିଟର ନୂତନ ରେଲଲାଇନ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ଜୁନାଗଡ଼ ରୋଡ଼ ରୁ ନବରଙ୍ଗପୁର ପର୍ଯ୍ୟନ୍ତ ଏହି ନୂତନ ରେଲଲାଇନ ପ୍ରକଳ୍ପ ମଧ୍ୟରେ ୧୭ ରେଲୱେ ଷ୍ଟେସନ ନିର୍ମାଣ ହେବବୋଲି ଜଣାପଡିଥିଲା। ଏହା କଳାହାଣ୍ଡି ଜିଲ୍ଲାର ଜୁନାଗଡ ରୋଡ଼ ଠାରୁ ମହିଚଲା, ମୋଟେର, କୋକସରା, ଗୋଟୋମୁଣ୍ଡା, ନୂଆପଡା, ସାହାଜଖୋଲ, ବିରିମୁହାନ, ଚୋରିପଦର ଆଦି ଗ୍ରାମ ଦେଇ ଯିବ ବୋଲି ରେଳ ବିଭାଗ ପତ୍ରରେ ଉଲ୍ଲେଖ ରହିଥିଲା। ତେବେ ଏହି ରେଲଲାଇନ ଧର୍ମଗଡ ସହରକୁ ସଂଯୋଗ କରୁ ନ ଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ।



ଏହାପରେ ଧର୍ମଗଡ କୁ ନୂତନ ରେଲ ଲାଇନ ସଂଯୋଗ କରିବା ପାଇଁ କଳାହାଣ୍ଡି ସାଂସଦ ମାଳବିକା କେଶରୀ ଦେଓ,ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଧର୍ମଗଡ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ରେଳମନ୍ତ୍ରୀ ଙ୍କୁ ଦାବି ଜଣାଇଥିଲେ। ଫଳରେ ଗତ ସୋମବାର ପୂର୍ବତଟ ରେଲ ପଥ ପକ୍ଷରୁ ପତ୍ର ସଂଖ୍ୟା ୦୫୬୫୪ ରେ ଜୁନାଗଡ଼ ରୋଡ଼ ଠାରୁ ଧର୍ମଗଡ କୁ ନୂତନ ରେଲଲାଇନ ପ୍ରକଳ୍ପରେ ସାମିଲ କରାଯିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ଗତ ମାସରେ ବିଜ୍ଞପ୍ତି ର ପ୍ରକାଶିତ ଜୁନାଗଡ଼ ବ୍ଲକର ମହିଚଲାକୁ ଏଥିରୁ ବାଦ ଦିଆ ଯାଇଛି। କିନ୍ତୁ ନୂତନ ବିଜ୍ଞପ୍ତିରେ ମହିଚଲା ନିକଟରେ ଥିବା କଲୋପାଲାକୁ ସଂଯୋଗ କରାଯାଇଛି।

## ଜାତୀୟ ଟାଏକଣ୍ଡୋ ପ୍ରତିଯୋଗିତା

# ବ୍ରୋଞ୍ଜ ଜିତି ଗୌରବ ଆଣିଲେ ଦେବପ୍ରକାଶ



**ଯାଜପୁର, ୧୦।୯ (ସଂଚାର ବ୍ୟୁରୋ):** ଟାଏକଣ୍ଡୋ ଫେଡେରେସନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଉତ୍ତର ପ୍ରଦେଶର ଆଗ୍ରା ଠାରେ ଅନୁଷ୍ଠିତ ହେଉଥିବା ଜାତୀୟ ସୁପର ସବ ଜୁନିଅର/ଜୁନିଅର କ୍ୟାଡେଟ, ଜୁନିଅର କ୍ୟୋରୋଗି, ପୁମସେ ନ୍ୟସନାଲ ଚାମ୍ପିଅନସିପ ରେ ଭାଗ ନେଇ ଯାଜପୁର ଜିଲ୍ଲା ର ଦେବପ୍ରକାଶ ଓଝା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ପୂର୍ବରୁ ଦେବପ୍ରକାଶ କଟକରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ପଦକ ହାସଲ କରି ଜାତୀୟ ସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ । ଯାଜପୁର ପୌରାଞ୍ଚଳ ଅନ୍ତର୍ଗତ ୧୪ ନଂ ୱାର୍ଡ ଚାଲୁଣିଆସାହି ଗ୍ରାମର ଶ୍ରୀଯୁକ୍ତ ଦୟାନିଧି ଓଝା ଏବଂ ଶ୍ରୀମତୀ ମୋନାଲିସା ଓଝା ଙ୍କ ସୁପୁତ୍ର ଦେବପ୍ରକାଶ ଯାଜପୁର କେନ୍ଦ୍ରୀୟ ବିଦ୍ୟାଳୟ ର ଏକାଦଶ ଶ୍ରେଣୀର ଛାତ୍ର । ଆଗକୁ ସେ ଏହି ଟାଏକୋଣ୍ଡ ଖେଳ ରେ ଆହୁରି ଉନ୍ନତ ପ୍ରଦର୍ଶନ କରିବା ସହ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଆଣିବେ ବୋଲି ଇଚ୍ଛାପ୍ରକାଶ କରିଛନ୍ତି ।

## ରାଜବାଟିରେ କର୍ମଚାରୀଙ୍କୁ ନିର୍ଯ୍ୟାତନା

# ପଚିଶି ବର୍ଷର ସଂପର୍କକୁ ଅଣଦେଖା କରିଛି ପୁରୁଣା ରାଜବାଟି

**ନୟାଗଡ଼, ୧୦।୯ (ସଂଚାର ବ୍ୟୁରୋ):** ନୟାଗଡ଼ ପୁରୁଣା ରାଜବାଟୀରେ ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଅଧିନସ୍ଥ ଜଣେ ଦିବ୍ୟାଙ୍ଗ କର୍ମଚାରୀଙ୍କୁ ଆର୍ଥିକ, ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦିଆଯାଇଥିବା ଅଭିଯୋଗ ହୋଇଛି । ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଆସୁଥିବା ଜୈନିକ କର୍ମଚାରୀଙ୍କୁ ନିର୍ଯ୍ୟାତନା ଦିଆଯିବା ସହ ବିତାଡ଼ିତ କରାଯାଇଛି । କର୍ମଚାରୀ ଜଣଙ୍କ ବିହାର ରାଜ୍ୟର ପଙ୍କଜ ସିଂ । ସେ ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ରାଜବାଟୀରେ ଜଗୁଆଳି ଭାବେ କାର୍ଯ୍ୟ କରି ଆସୁଥିବା କହିଛନ୍ତି । ରାଜବାଟୀରେ ରାଣି ମା ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ କିଛି ସହଯୋଗୀ ତାଙ୍କୁ ରହୁଥିବା ଘର ଖାଲି କରି ଚାଲିଯିବାକୁ କହିଥିଲେ। ସେ ଘର ଖାଲି ନକରିବାରୁ ତାଙ୍କୁ ମାଡ଼ ମରାଯିବା ସହ ନିର୍ଯ୍ୟାତନା ଦିଆଯାଇଥିବା ଅଭିଯୋଗ କରିଛନ୍ତି। ୯ ମାସର ଦରମା ବକେୟା ରଖାଯାଇଥିବା



ଦିବ୍ୟାଙ୍ଗ ପଙ୍କଜ କହିଛନ୍ତି । ଯାହାକୁ ନେଇ ପଙ୍କଜ ଚିନ୍ତାରେ ପଡ଼ିବା ସହ ରାଜବାଟୀରେ ବସି ରହିଥିବା ଦେଖାଯାଇଛି । ପିଲା ଛୁଆଙ୍କୁ ଧରି କେଉଁ ଆଡ଼େ ଯିବେ ବୋଲି ସେ ପ୍ରଶ୍ନ କରିବା ସହ ମୋତେ ଦରମା ବାବଦ କିଛି ଟଙ୍କା ମିଳିଲେ ବିହାର ଚାଲିଯିବି ବୋଲି କହିଛନ୍ତି । ଏନେଇ ଟାଉନଥାନା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ, ରାଜବାଟୀ ପରିସରରେ ଥିବା ଏକ ଘରକୁ ଦଖଲ କରି ପଙ୍କଜ ରଖିଥିବା ନେଇ ନୟାଗଡ଼ ଟାଉନଥାନାରେ ପ୍ରତ୍ୟୁଷାଙ୍କ ବ୍ୟକ୍ତିଗତ ସହଯୋଗୀ(ପିଏ) ଅଭିଯୋଗ କରିଥିଲେ। ସେହି ଅଭିଯୋଗ ଆଧାରରେ ପଙ୍କଜଙ୍କ ନାମରେ ମାମଲା ରୁଜୁ ହୋଇଛି । ଯଦି କିଛି ଦରମା ବାକି ଅଛି ତେବେ ସେ ଆଇନର ଆଶ୍ରୟ ନେଇ ପାରିବେ । କିନ୍ତୁ ଅନ୍ୟ କାହାର ଘରକୁ ଜବରଦଖଲ କରିବା ବେଆଇନ କାର୍ଯ୍ୟ ବୋଲି ଥାନା ଅଧିକାରୀ କହିଛନ୍ତି । ବିଜେପି ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଜ୍ଞାତ ସାରରେ ଏଭଳି ଘଟଣା ଘଟିଛି ନାଁ ସେ ଏ ବିଷୟରେ ଅଜ୍ଞ ସେ ସମ୍ପର୍କରେ କୌଣସି ମତାମତ ମିଳିପାରିନାହିଁ ।

## ଜଗତସିଂହପୁର ଜିଲ୍ଲାକୁ କେବେ ମିଳିବ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ?

# ବାରମ୍ବାର ଦାବି ସତ୍ତ୍ୱେ ଶୁଣୁନି ପ୍ରଶାସନ

**ଜଗତସିଂହପୁର, ୧୦।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ଦିନକୁ ଦିନ ରୋଗୀ ମାନଙ୍କ ସଂଖ୍ୟା ବଢ଼ୁଥିବା ବେଳେ ଆବଶ୍ୟକ ପରିମାଣ ରକ୍ତ ନମିଳିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା ରେଡ଼କ୍ରସ ପକ୍ଷରୁ ରକ୍ତ ସଂଗ୍ରହ ପାଇଁ କ୍ୟାମ୍ପ ଠିକଣା ସମୟରେ ହେଉ ନଥିବାରୁ ରକ୍ତ ଅଭାବ ଦେଖାଯାଇଛି । ରକ୍ତ ସଂଗ୍ରହ ଦିଗରେ ରେଡ଼କ୍ରସ ରକ୍ତ କେନ୍ଦ୍ର ବାର୍ଷିକ ଟାର୍ଗେଟ ହାସଲ କରିପାରୁନଥିବାରୁ ସାଧାରଣ ଲୋକଙ୍କ ଭିତରେ ରକ୍ତଦାନ ପାଇଁ ସଚେତନତା ସୃଷ୍ଟି କରିବା ପାଇଁ ଆହ୍ୱାନ ଦିଆଯାଇଛି। ଦିନକୁ ଦିନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବଢ଼ୁଥିବା ରୋଗୀଙ୍କ ସଂଖ୍ୟା ଓ ବିଭିନ୍ନ ଗ୍ରୁପ ରକ୍ତର ଆବଶ୍ୟକକୁ ଦୃଷ୍ଟିରେ ରଖି ଉଭୟ ଗ୍ରାମ୍ୟାଞ୍ଚଳ ସହରାଞ୍ଚଳରେ ରକ୍ତ ସଂଗ୍ରହକୁ ବ୍ୟାପକ କରିବାକୁ ଲକ୍ଷ ରଖାଯାଇଥିଲେ ମଧ୍ୟ ପୂରଣ ହୋଇପାରୁନାହିଁ । ଏ ଦିଗରେ କାମ କରୁଥିବା ସରକାରୀ ଓ ବେସରକାରୀ ସଂସ୍ଥା ମଝିରେ ମଝିରେ ଏଦିଗରେ ପଛେଇ ଯାଇଥିବା ଅଭିଯୋଗ ଆଣିଛନ୍ତି ଜୀବନ ବିନ୍ଦୁର ସଂଯୋଜକ ମଧୁସୂଦନ ସାହୁ । ସରକାର ବଦଳି ଯିବା ପରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଆଗଭଳି ସକ୍ରିୟ ଭାବରେ ହେଉନାହିଁ । ସେହିପରି ଆମ ଓଡ଼ିଶା ପକ୍ଷରୁ ଆଗଭଳି ରକ୍ତଦାନ ଶିବିର ମଧ୍ୟ ହେଉନାହିଁ। ରକ୍ତଦାନ ଶିବିର ସଂଖ୍ୟା କମି କମି ଚାଲିଥିବାରୁ ରୋଗୀଙ୍କ ପାଇଁ ରକ୍ତ ମିଳିବା କଷ୍ଟକର ହୋଇପଡ଼ିଛି । ରକ୍ତଦାନ ଶିବିର ଆୟୋଜନରେ




ଅସୁବିଧା ହେଉଥିବା ବେଳେ ଏହି ଅଭାବ ପୂରଣ କରିବା ଲାଗି ଏକ ଶୀତତାପ ନିୟନ୍ତ୍ରିତ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନର ଆବଶ୍ୟକତା ନିହାତି ରହିଛି । ଏ ନେଇ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଦାବୀ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନିକ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ କହିବା ଅନୁସାରେ ଗୋଟିଏ ଛୋଟ ରକ୍ତଦାନ ଶିବିର ଆୟୋଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଅନ୍ୟପଟରେ ଦୂରଦୁରାନ୍ତରେ ରହୁଥିବା କିଛି ବ୍ୟକ୍ତି ରକ୍ତଦାନ କରିବାକୁ ଚାହୁଁଥିଲେ ମଧ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ରକ୍ତଭଣ୍ଡାରରେ ରକ୍ତ ଦେବା ବା ରକ୍ତଦାନ ଶିବିରରେ ଯୋଗଦାନ କରିବା ସମ୍ଭବ ହେଉନାହିଁ । ଭ୍ରାମ୍ୟମଣ ରକ୍ତ ସଂଗ୍ରହ ଯାନ ମିଳିଲେ ଲୋକଙ୍କ ପାଖକୁ ଯାଇ ରକ୍ତ ସଂଗ୍ରହ ହୋଇପାରନ୍ତା। ଯାହାଫଳରେ ରକ୍ତ ଅଭାବ କିଛି ମାତ୍ରାରେ ପୂରଣ ହେବା ସହ ରୋଗୀମାନେ ଉପକୃତ ହୋଇପାରନ୍ତେ। ଏହା ଛଡ଼ା ସହରର ଆଖପାଖରେ ରହିଥିବା ବିଭିନ୍ନ ବେସରକାରୀ ଅନୁଷ୍ଠାନ ପକ୍ଷରୁ ବି ରକ୍ତଦାନ ଶିବିର ଆୟୋଜିତ କରିଲେ ମଧ୍ୟ ରେଡ଼କ୍ରସ କେନ୍ଦ୍ରପକ୍ଷରୁ ରକ୍ତ ସଂଗ୍ରହ ନେଇ ମୋବାଇଲ ଭ୍ୟାନ ନଥିବା ସତ୍ତ୍ୱେ ରକ୍ତଦାତାଙ୍କ ସଂଖ୍ୟା କମିଯାଇଥିବାରୁ ଏଦିଗରେ ଏତେଟା ସଫଳତା ମିଳିପାରିନି । ବଢ଼ୁଥିବା ରକ୍ତର ଚାହିଦାକୁ ଦୃଷ୍ଟିରେ ରଖି ଏବେ ଠାରୁ ପର୍ଯ୍ୟାପ୍ତ ରକ୍ତ ସଂଗ୍ରହ କରାନଗଲେ ଆଗାମୀ ଦିନରେ ରକ୍ତ ସଂକଟ ଦେଖାଯିବାର ସମ୍ଭାବନା ରହୁଛି। ତେବେ ଆଗରୁ ବର୍ତ୍ତମାନ ଯାଏଁ ରକ୍ତ ସଂଗ୍ରହ କରି ଆସୁଥିବା ବିଭିନ୍ନ ସଂସ୍ଥା ଏଦିଗରେ ଏବେ ତତ୍ପରତା ପ୍ରକାଶ କରିବା ପାଇଁ ରେଡ଼କ୍ରସ ରକ୍ତ ଭଣ୍ଡାର ନିର୍ଦ୍ଦେଶକଙ୍କୁ ନିବେଦନ କରିଛନ୍ତି। ବିଶେଷକରି ଯୁବକ ଯୁବତୀମାନଙ୍କୁ ଏଦିଗରେ ଗ୍ରାମ୍ୟାଞ୍ଚଳରେ ରକ୍ତ ସଂଗ୍ରହ ନେଇ ବିଶେଷ ଉଦ୍ୟମ କରାଗଲେ ସୁଫଳ ମିଳନ୍ତା ବୋଲି ମତ ପ୍ରକାଶ ପାଉଛି। ସେହିପରି ଜଗତସିଂହପୁର ରକ୍ତଭଣ୍ଡାର ପରିଚାଳନା କମିଟି ଦୀର୍ଘ ବର୍ଷ ହେଲା ନାହିଁ ଫଳରେ ରକ୍ତ ସଂଗ୍ରହ ସୁପରିଚାଳନା ସମସ୍ୟା ହେବା ସହ ରକ୍ତ ଦାନ ଶିବିର କିମ୍ବା ସଚେତନତା କାର୍ଯ୍ୟ ହୋଇପାରୁନି ବୋଲି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ କୁହାଯାଉଛି ।

# ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଶ୍ରୀକୃଷ୍ଣ ଆସୁଛନ୍ତି କାର୍ଯ୍ୟକ୍ରମ'

**ରାଜନଗର, ୧୦।୯ (ସଂଚାର ବ୍ୟୁରୋ):** ପରମାତ୍ମାଙ୍କ ଜ୍ଞାନ ଦ୍ୱାରା ଜୀବନରେ ସୁଖ ଶାନ୍ତି ପ୍ରାପ୍ତ କରିବା ଓ ସୁସ୍ଥ ନିରାମୟ ଜୀବନର ଲକ୍ଷ ନେଇ ନିଶାମୁକ୍ତ ପରିତ୍ୟାଗ କରିବା ପାଇଁ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ରାଜନଗର ଶାଖା ପକ୍ଷରୁ ଏକ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରାଜନଗର ବ୍ଲକର ବିଭିନ୍ନ ଗ୍ରାମରେ ପ୍ରଚାର ଓ ପ୍ରସାର କରାଯାଇଛି । ସୁଦୂର ନୂଆଦିଲ୍ଲୀରୁ ଆସିଥିବା ବ୍ରହ୍ମକୁମାର ଭାଇମାନେ ଚଳିତମାସ ୬ ତାରିଖ ଠାରୁ ଏହି ବ୍ଲକର ବିଭିନ୍ନ ଗ୍ରାମ, ବଜାର ଏବଂ ପ୍ରମୁଖ ସ୍ଥାନ ମାନଙ୍କରେ ଶିବଶଙ୍କରଙ୍କ ମଧ୍ୟରେ



ରହିଥିବା ଆଧ୍ୟାତ୍ମିକ ଚେତନାର ମାର୍ମିକ ବାଣି ପ୍ରଚାର କରୁଛନ୍ତି । ରାଜନଗର ବ୍ଲକର ୧୨୦ଟି ଗ୍ରାମରେ ଏହି ପ୍ରଚାର ଓ ପ୍ରସାର କାର୍ଯ୍ୟକ୍ରମକୁ ଜାରି ରଖିଛନ୍ତି । ଆଜିର ପରିବର୍ତନ ସମାଜରେ ଆତ୍ମରୂପି ଅର୍ଜୁନମାନେ କିପରି ସାଂସାରିକ ବିଷକୁ ଆକଣ୍ଠ ପାନ କରୁଛନ୍ତି, ସେଥିରୁ ଯୁବ, ଛାତ୍ର ଓ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଖୁବ୍ ଶୀଘ୍ର ଶ୍ରୀକୃଷ୍ଣ ଆସୁଛନ୍ତି ଶୀର୍ଷକ ଆଧ୍ୟାତ୍ମିକ ପରିକ୍ରମା ମାଧ୍ୟମରେ ଜନଜାଗରଣ ସୃଷ୍ଟି କରୁଛନ୍ତି। ଏହି କାର୍ଯ୍ୟକ୍ରମକୁ ରାଜନଗର ଶାଖାର ବ୍ରହ୍ମାକୁମାରୀ ନିର୍ମଳା ଭଉଣୀ, ମାନସ ଭାଇ ପ୍ରମୁଖ ପରିଚାଳନା କରୁଛନ୍ତି ।

# ଜାଲରେ ପଡ଼ିଲେ ପ୍ରଚୁର ଇଲିଶି



**ବାଲେଶ୍ୱର ୧୦।୯ (ସଂଚାର ବ୍ୟୁରୋ):** ଭୋଗରାଇ ସୀମାନ୍ତ ଦୀଘା ମୁହାଣରେ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଛନ୍ତି କୁଇଣ୍ଟାଲ କୁଇଣ୍ଟାଲ ଇଲିସି। ମାଛ ନେବା ପାଇ ଦୀଘା ମାର୍କେଟରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। କିଏ ଏକ କେଜି ତ ଆଉ କିଏ ୨ କେଜି ଇଲିସି ମାଛ ଘରକୁ ବୋହି ନେଉଛନ୍ତି। ଲଘୁଚାପ ବର୍ଷା ପ୍ରଭାବରେ ପ୍ରଚୁର ଇଲିସି ଜାଲରେ ପଡ଼ିଥିବା ଜଣାଯାଇଛି। ଗତ କିଛି ବର୍ଷ ଧରି ଜାଲରେ ଆଶାନୁରୂପ ଇଲିସି ପଡୁ ନ ଥିବାରୁ ଟ୍ରଲର ମାଲିକ ଓ ମତ୍ସ୍ୟଜୀବୀ ନିରାଶ ହୋଇଥିଲେ। ଚଳିତ ବର୍ଷାଋତୁ ଆରମ୍ଭରେ ମଧ୍ୟ ସେଭଳି ଇଲିଶି ଦେଖାଯାଇ ନ ଥିଲେ। କିନ୍ତୁ ଗତ ୨ ଦିନ ଧରି ମତ୍ସ୍ୟଜୀବୀଙ୍କ ମୁହଁରେ ଇଲିସିକୁ ନେଇ ହସ ଫୁଟିଛି। ବଙ୍ଗୋପସାଗରରେ ଇଲିଶି ମିଆଁମାର ଓ ବାଂଲାଦେଶ ଗଭୀର ସମୁଦ୍ରରୁ ଭାରତ ଉପକୂଳ ମୁହାଁ ହୋଇଛନ୍ତି। ଏକ କିଲୋ ଓଜନର ଇଲିଶି ହଜାରେ ଟଙ୍କାରେ ବିକ୍ରି ହେଉଛି। ବେଳେ ବେଳେ ଦର ଶସ୍ତା ମଧ୍ୟ ରହୁଛି।

# ପୋଲାଭରମ ପ୍ରକଳ୍ପ ଆଗକୁ ବଢ଼ିଲେ ବିଜେଡି ଆନ୍ଦୋଳନ କରିବ

**ଭୁବନେଶ୍ୱର, ୧୦।୯(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାର ବଜେଟରେ ପୋଲାଭରମ ପ୍ରକଳ୍ପ ପାଇଁ ପନ୍ଦର ହଜାର କୋଟି ବ୍ୟୟ ବରାଦ କରିବା ପରେ ପୋଲାଭରମ ପ୍ରକଳ୍ପକାମ ଦ୍ରୁତ ଗତିରେ ଆଗେଇଛି ଓ ଏହା ଫେବୃଆରୀ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମାଲକାନଗିରି ଜିଲ୍ଲାର ପ୍ରାୟ ଦୁଇଶହ ଗାଁ ଜଳମଗ୍ନ ହେବ ବୋଲି ବିଜୁଜନତା ଦଳର ବରିଷ୍ଠ ନେତା ତଥା ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀପ୍ରସାଦ ମିଶ୍ର ଆଜି ଶଙ୍ଖଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଉଲ୍ଲେଖଯୋଗ୍ୟ, ଆନ୍ଧ୍ର ପ୍ରଦେଶର ଗୋଦାବରୀ ନଦୀ ଉପରେ ପୋଲାଭରମ ପ୍ରକଳ୍ପ ନିର୍ମାଣାଧୀନ ରହିଥିବାବେଳେ ଏହାର ପଛୁଆ ପାଣି ମାଲକାନଗିରିର ମୋଟୁ ଓ ପଡିଆ ଅଞ୍ଚଳ ଜଳମଗ୍ନ ହୋଇଯିବାର ଆଶଙ୍କା ରହିଥିବାରୁ ଏହାକୁ ବିଜେଡି ବିରୋଧ କରିଆସୁଛି।

କେନ୍ଦ୍ରସରକାରଙ୍କ ଗତ ବଜେଟରେଏହି ପ୍ରକଳ୍ପକୁ ଅଗ୍ରାଧିକାର ଭିତ୍ତିରେ ସମାପ୍ତ କରିବା ପାଇଁ ପନ୍ଦର ହଜାର କୋଟି ବ୍ୟୟବରାଦ କରିବା ପରେ ବିଜେଡିସଭାପତି ନବୀନ ପଟ୍ଟନାୟକ ଏକ କମିଟି ଗଠନ କରି ସେମାନଙ୍କୁ ମାଲକାନଗିରି ଓ ପୋଲାଭରମ ଅଞ୍ଚଳ ଯାଇ ବର୍ତ୍ତମାନର ସ୍ଥିତିକୁ ଅନୁଧ୍ୟାନ କରିବାକୁ କହିଥିଲେ। କମିଟିର ସଦସ୍ୟମାନେ ସେଠାରୁ ଫେରିବା ପରେ ପୋଲାଭରମ ପ୍ରକଳ୍ପ ଉପରେ ଏକ ସବିଶେଷ ରିପୋର୍ଟ ବିଜେଡି ସଭାପତିଙ୍କୁ ଆଜି ପ୍ରଦାନ କରିଛନ୍ତି।



ଶଙ୍ଖଭବନରେ ପ୍ରେସକୁ ସମ୍ବୋଧନ କରି ଶ୍ରୀ ମିଶ୍ରକହିଥିଲେ, ବିଜେଡି ସଭାପତିଙ୍କ ଦ୍ୱାରା ଗଠିତ କମିଟିର ସଦସ୍ୟମାନେ ଯଥାକ୍ରମେ ମୋଟୁ ଓ ପଡିଆ ଅଞ୍ଚଳ ଏବଂ ପୋଲାଭରମ ଡ୍ୟାମ ଅଞ୍ଚଳ ବୁଲି ଦେଖିବା ସହ ବିଭିନ୍ନ ଅଧିକାରୀ ଓ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣାଧୀନ ପୋଲାଭରମ ଡ୍ୟାମର ଦୁଇଟିଯାକ କଫର ଡ୍ୟାମ, ୪୮ଟି ସ୍ପିଲ୍‌ୱେୟର ନିର୍ମାଣ ଶେଷ ହୋଇଥିବା ସହ ମୁଖ୍ୟ ଡ୍ୟାମର ଟେଣ୍ଡର ହୋଇ ୱାର୍କ ଅର୍ଡର ଦିଆସରିଛି ବୋଲି ଆମେ ଅଧିକାରୀମାନଙ୍କଠାରୁ ଜାଣିବାକୁ ପାଇଥିଲୁ। ଏହିକାମ ନଭେମ୍ବରସୁଦ୍ଧା ଆରମ୍ଭ ହୋଇ ଫେବୃଆରୀ ୨୦୨୬ ସୁଦ୍ଧା ଶେଷ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରକଳ୍ପ ଅଧିକାରୀମାନଙ୍କ ଠାରୁ ପଛୁଆ ପାଣି ମାଲକାନଗିରି ଜିଲ୍ଲାର କେତେ ଅଞ୍ଚଳକୁ ଜଳମଗ୍ନ କରିବ ବୋଲି ଜାଣିବାକୁ ଚାହିଁଥିଲୁ, ହେଲେ ସେମାନେ ଏହାର ଉତ୍ତର ସେଣ୍ଟ୍ରାଲ ୱାଟରକମିସନଙ୍କ ପାଖରୁ ମିଳିପାରିବ ବୋଲି କହିଥିଲେ। ସେହିପରି ଡ୍ୟାମ ଉଚ୍ଚତା ୧୫୦ ମିଟରକୁ ବୃଦ୍ଧି କରାଯିବା ପରେ ବିଶେଷଜ୍ଞମାନଙ୍କ ଦ୍ୱାରା କରାଯାଇଥିବା ଏକ ଆକଳନରୁ ଜଣାଯାଇଛି, ମାଲକାନଗିରି ଜିଲ୍ଲାର ମୋଟୁ ଓ ପଡିଆ ଅଞ୍ଚଳର ପ୍ରାୟ ଦୁଇଶହ ଗ୍ରାମ ଜଳମଗ୍ନ ହେବ ଏବଂ ସମଗ୍ର ମୋଟୁ ଅଞ୍ଚଳ ଜଳମଗ୍ନ ହୋଇ ଓଡିଶା ମାନଚିତ୍ରରୁ ନିଶ୍ଚିହ୍ନ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ତେଣୁ ମୋଟୁ ଓ ପଡିଆ ଅଞ୍ଚଳର ଜନସାଧାରଣ ପୋଲାଭରମ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହେବା ପରେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

କମିଟିର ଅନ୍ୟତମ ସଦସ୍ୟ ତଥା ମୁଖପାତ୍ର ଭୃଗୁ ବକ୍ସିପାତ୍ର କହିଥିଲେ, ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ବ୍ୟାପକ କ୍ଷତିହେବ। ହଜାରହଜାର ଆଦିବାସୀ ଜୀବନ ଜୀବିକା ହରାଇବାକୁ ଯାଉଥିବାବେଳେ ରାଜ୍ୟ ବିଜେପି ସରକାରଙ୍କ ନୀରବତା ଏବଂ ଓଡ଼ିଶାର ତିନି କେନ୍ଦ୍ରମନ୍ତ୍ରୀ ଓ ୨୦ ଏମପି ଏହି ପ୍ରସଙ୍ଗରେ ମୁହଁ ନ ଖୋଲିବା ଦୁର୍ଭାଗ୍ୟଜନକ। ସେହିପରି ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଥିଲେ, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନିକଟରେ ପୋଲାଭରମ ସମ୍ପର୍କରେ ବିଧାନସଭାରେ କହିଥିଲେ ଯେ ପୋଲାଭରମ ପ୍ରକଳ୍ପ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି, ତେବେ ବିଚାରାଧୀନ ଥିବାବେଳେ କେନ୍ଦ୍ରର ବିଜେପି ସରକାରଏହି ପ୍ରକଳ୍ପ କାମକୁ ଆର୍ଥିକ ଅନୁଦାନ ଦେଉଛନ୍ତି କିପରି? କମିଟିର ଅନ୍ୟ ସଦସ୍ୟମାନେ ଯଥା ସାଂସଦ ମୁନ୍ନାଖାନ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ଝିନ୍ନ ହିକକାଏବଂ ବିଧାୟକ ମନୋହର ରନ୍ଧାରୀ ନିଜନିଜର ମତ ରଖିଥିଲେ।

# ଯୁବ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଅଭିନବ ପ୍ରୟାସ

**କଟକ,୧୦।୯ (ସଂଚାର ବ୍ୟୁରୋ):** ମତଦାନ ପ୍ରକ୍ରିୟାରେ ଯୁବ ଭୋଟରମାନଙ୍କ ସର୍ବାଧିକ ଅଂଶଗ୍ରହଣ ଉପରେ ବିଶେଷ ଧ୍ୟାନ ଦିଆଯାଇ ସ୍ପେଶାଲ ସମରି ରିଭିଜନ୍-୨୦୨୫ (ସ୍ୱତନ୍ତ୍ର ସାରାଂଶ ସଂଶୋଧନ-୨୦୨୫) ଆରମ୍ଭ ହୋଇଛି । ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ ତଥା ଭୋଟର ତାଲିକାରେ ଅଧିକରୁ ଅଧିକ ନାମ ପଞ୍ଜିକରଣ କରିବା ନିମନ୍ତେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଏକ ଅଭିନବ ଉଦ୍ୟମ ସ୍ୱରୂପ ସାମାଜିକ ଗଣମାଧ୍ୟମ ପ୍ରତିଯୋଗିତା (ସୋସିଆଲ ମେଡିଆ କଂଟେଷ୍ଟ) କରାଯାଉଛି । ଅଂଶଗ୍ରହଣକାରୀମାନେ ଯୁବପିଢୀ ଭୋଟର ଭାବେ ନିଜକୁ ପଞ୍ଜିକରଣ କରାଇବା, ସୃଜନଶୀଳ ଅଭିବ୍ୟକ୍ତି ମାଧ୍ୟମରେ ପ୍ରତ୍ୟେକ ଭୋଟ୍‌ର ଗୁରୁତ୍ୱକୁ ଦର୍ଶାଇ ଅନ୍ୟମାନଙ୍କୁ ଅନୁପ୍ରେରିତ କରିବା ଭଳି ୩୦ରୁ୪୦ ସେକେଣ୍ଡ ଅବଧିର ଏକ ଭିଡିଓ କ୍ଲିପ୍ ବା ରିଲ୍ ତିଆରି କରି ଏହାକୁ ନିଜ ଏକ୍ସ, ଇନଷ୍ଟାଗ୍ରାମ ବା ଫେସବୁକରେ ଅପଲୋଡ କରିବାକୁ ହେବ ଏବଂ X: @CuttackDM, @OdishaCeo (ଇନ୍‌ଷ୍ଟାଗ୍ରାମ) Instagram : @dm cuttack, @Odishaceo (ଫେସ୍‌ବୁକ୍) Facebook : Cuttack Administration, Ceoodisha ସହିତ #VoterRegistration #YoungVoters #OdishaCEO #BeTheChange #ReelCompetition #SSR2025ରେ ଟ୍ୟାଗ କରିବାକୁ ହେବ । ଏହି ପ୍ରତିଯୋଗିତା ପାଇଁ ଏକ କମିଟି ଗଠନ କରାଯାଇଛି । କମିଟି ପ୍ରତି ଶୁକ୍ରବାର ଦିନ ଶ୍ରେଷ୍ଠ ୩ଟି ରିଲ/ଭିଡିଓ କ୍ଲିପ୍ ଚୟନ କରିବେ ଏବଂ ଏହାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରସ୍କୃତ କରାଯିବ । ସେପ୍ଟେମ୍ବର ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ନଭେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ନିଜ ଦୋଷ ଲୁଚାଇବାକୁ ବିଜେଡିର ହୀନ ରାଜନୀତି

**ଭୁବନେଶ୍ୱର, ୧୦।୯ (ସଂଚାର ବ୍ୟୁରୋ) :** ସରକାରରୁ ଚାଲିଗଲା ପରେ ଏବେ ବିଜେଡିର ନିଦ ଭାଙ୍ଗିଛି। ଗତ ୨୪ ବର୍ଷ ଧରି ପୋଲାଭରମ ପ୍ରକଳ୍ପ ପାଇଁ କୌଣସି ପଦକ୍ଷେପ ନନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ବିଜେଡି ସରକାର ଶୋଇଥିଲା । ଏବେ ଚର୍ଚ୍ଚାରେ ରହିବା ପାଇଁ ଅଯଥାରେ ରାଜନୀତି କରୁଛି। ପ୍ରକଳ୍ପ ଅଂଚଳ ଗସ୍ତ କରି ସେଠାକାର ଲୋକଙ୍କୁ ଭୟଭୀତ କରି ସରକାରଙ୍କୁ ବିରୋଧ କରିବାକୁ ପ୍ରୟାସ ଚଳାଇଛି । ପୋଲାଭରମ ପ୍ରକଳ୍ପକୁ ନେଇ ନିଜର ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ଚାହୁଁଥିବା ବିରୋଧୀଙ୍କ ଆଶା କେବେ ପୂରଣ ହେବ ନାହିଁ। ବିଜେଡି ଏବେ ନିଜର ଦୋଷ ଲୁଚାଇବା ପାଇଁ ହୀନ ରାଜନୀତି କରୁଛି ବୋଲି ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି କହିଛନ୍ତି ।



ଶ୍ରୀ ମାଝି କହିଛନ୍ତି ଯେ, ନଦୀବନ୍ଧ ପ୍ରକଳ୍ପ କରିବା ପୂର୍ବରୁ ସର୍ବପ୍ରଥମେ ପ୍ରଭାବିତ ହେବାକୁ ଥିବା ରାଜ୍ୟଗୁଡିକର ଏନ୍‌ଓସି ନିଆଯାଏ। କୌଣସି ରାଜ୍ୟ ଯଦି ଏନ୍‌ଓସି ନଦିଅନ୍ତି, ତେବେ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରିବ ନାହଁ । ୨୦୦୦ ମସିହାରେ ଏନ୍‌ଡିଏ ସରକାରରେ ବିଜୁ ଜନତାଦଳର ଜଣେ ନେତା କେନ୍ଦ୍ରରେ ଜଳସମ୍ପଦ ମନ୍ତ୍ରୀ ଥିଲେ । ଏହା ପରେ ୨୦୦୪ରେ ମାଲକାନାଗିରି ସୀମାନ୍ତ ଆନ୍ଧ୍ରପ୍ରଦେଶର ୱେଷ୍ଟ ଗୋଦାବରୀ ଜିଲ୍ଲାରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା । ସେତେବେଳେ ଏହି ପ୍ରକଳ୍ପ ପାଇଁ ଏନ୍‌ଓସି କିପରି ଓ କିଏ ଦେଲା ବୋଲି ଶ୍ରୀ ମାଝି ପ୍ରଶ୍ନ କରିଛନ୍ତି।

କେନ୍ଦ୍ରରେ ଥିବା ତତ୍କାଳୀନ କଂଗ୍ରେସ ସରକାର ଓଡ଼ିଶାର ସ୍ୱାର୍ଥପ୍ରତି ଧ୍ୟାନ ନଦେଇ ଏହି ପ୍ରକଳ୍ପ ଉପରେ ମୋହର ମାରିଥିଲା । ୨୦୦୦-୨୦୨୪ ପର୍ଯ୍ୟନ୍ତ ରାଜ୍ୟରେ ଜଳସମ୍ପଦ ବିଭାଗ ନବୀନ ପଟ୍ଟନାୟକଙ୍କ ହାତରେ ଥିଲା। ମାତ୍ର ଏହି ପ୍ରକଳ୍ପରୁ ବନ୍ଦ କରିବା ପାଇଁ ସେ କୌଣସି ପଦକ୍ଷେପ ନନେଇ ଚୁପ୍ ବସିଥିଲେ । ତାଙ୍କର ଭୁଲ୍ ନୀତି ଯୋଗୁ ଓଡ଼ିଶାବାସୀ ଆଜି ହଇରାଣ ହେଉଛନ୍ତି । ବର୍ତ୍ତମାନ ଲୋକେ ବିଜେଡିକୁ ସରକାରରୁ ହଟାଇବା ପରେ ଗତ ଅଗଷ୍ଟରେ ତାଙ୍କ ଦଳର ନେତାମାନେ ପୋଲାଭରମ୍ ପ୍ରକଳ୍ପ ଅଂଚଳ ଗସ୍ତ କରିଛନ୍ତି । ଏହି ସମୟରେ ସେମାନେ ୨୦୨୨ ଓ ୨୦୨୪ର ବନ୍ୟା ପ୍ରସଙ୍ଗ ଉଠାଉଛନ୍ତି । ମାତ୍ର ନଦୀବନ୍ଧର ମଞ୍ଜୁରୀ ଦେବା ଉପରେ କିଛି କହୁନାହାଁନ୍ତି । ଏହାଛଡା ୨୦୦୪ ରୁ ୨୦୨୨ ପର୍ଯ୍ୟନ୍ତ ଏହି ପ୍ରକଳ୍ପକୁ ରୋକିବା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି, ସେ ବିଷୟରେ ମଧ୍ୟ କିଛି କହୁନାହାଁନ୍ତି । ଏବେ ବିଜେଡି ସୁପ୍ରିମକୋର୍ଟର ଜଜ୍‌ମେଂଟ୍ ବିଷୟରେ କହୁଥିବାବେଳେ, ଏପର୍ଯ୍ୟନ୍ତ କଥା ଗଲା କାହିଁକି ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଛନ୍ତି ।

# ଦକ୍ଷିଣ ପୂର୍ବ ରେଳପଥର ନୂତନ ଅତିରିକ୍ତ ମହାପ୍ରବନ୍ଧକ

**ଭୁବନେଶ୍ୱର,୧୦।୯:** ଶ୍ରୀ ସୌମିତ୍ର ମଜୁମଦାର ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍, କୋଲକାତାର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣକରିଛନ୍ତି। ଦକ୍ଷିଣ ପୂର୍ବ ରେଳବାଇର ଅତିରିକ୍ତ ମହାପ୍ରବନ୍ଧକ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶ୍ରୀ ମଜୁମଦାର ପୂର୍ବ ରେଳପଥର ପ୍ରିନ୍ସିପାଲ ଚିଫ୍ କମର୍ସିଆଲ ମ୍ୟାନେଜର ଥିଲେ। ଶ୍ରୀ ସୌମିତ୍ର ମଜୁମଦାର ଭାରତୀୟ ରେଳ ଟ୍ରାଫିକ୍ ସେବା, ୧୯୮୯ ପରୀକ୍ଷା ବ୍ୟାଚ୍ର ଜଣେ ଅଧିକାରୀ ଅଟନ୍ତି । ସେ ବିଭିନ୍ନ ପଦବୀରେ ଏବଂ ବିଭିନ୍ନ ପଦବୀରେ କାର୍ଯ୍ୟ କରିଛନ୍ତି ଯଥା ପୂର୍ବ ରେଳବାଇ ଏବଂ ଦକ୍ଷିଣ ପୂର୍ବ ରେଳବାଇର ମୁଖ୍ୟ ଲୋକସମ୍ପର୍କ ଅଧିକାରୀ, ମୁଖ୍ୟ ଯାତ୍ରୀ ପରିବହନ ପ୍ରବନ୍ଧକ ଏବଂ ଦକ୍ଷିଣ ପୂର୍ବ ରେଳବାଇର ମୁଖ୍ୟ ଟ୍ରାଫିକ ଯୋଜନା ପ୍ରବନ୍ଧକ। ଶ୍ରୀ ମଜୁମଦାରଙ୍କର ରେଳ ଚଳାଚଳ ଏବଂ ବାଣିଜ୍ୟିକ ପ୍ରସଙ୍ଗ ତଥା ରେଳବାଇର ଜନସମ୍ପର୍କ ଏବଂ ଗଣମାଧ୍ୟମ ପରିଚାଳନାରେ ବ୍ୟାପକ ଜ୍ଞାନ ଏବଂ କାର୍ଯ୍ୟ ଅଭିଜ୍ଞତା ରହିଛି। କ୍ରୀଡ଼ା, ସଙ୍ଗୀତ, ଭ୍ରମଣ ଓ ସମାଜ କଲ୍ୟାଣ କାର୍ଯ୍ୟରେ ତାଙ୍କର ଗଭୀର ଆଗ୍ରହ ରହିଛି।

# ଚକ୍ଷୁ ଚିକିତ୍ସା ଶିବିର

**ଚୌଦ୍ୱାର, ୧୦।୯(ଆଶୁତୋଷ ଦାସ):** ଚୌଦ୍ୱାର ପୌରପାଳିକା ୧୯ନଂ ୱାର୍ଡ ହାଉସିଂବୋର୍ଡ ସ୍ଥିତ ବିରାଟ ୟୁଥ କ୍ଲବ ଓ ମା ଫାଉଣ୍ଡେସନର ମିଳିତ ଉଦ୍ୟମରେ ଏକ ଚକ୍ଷୁ ଚିକିତ୍ସା ଶିବିର ବିରାଟ ୟୁଥ୍ କ୍ଲବ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଚୌଦ୍ୱାର ତଥା ଏହାର ଆଖପାଖ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ଲୋକ ନିଜନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। ସେଥି ମଧ୍ୟରୁ ୧୨ଜଣଙ୍କୁ ମୋତିଆବିନ୍ଦୁ ଥିବା ଚିହ୍ନଟ କରାଯାଇ ଅସ୍ତ୍ରପଚାର ନିମନ୍ତେ କଟକ ସ୍ଥିତ ଜେପିଏମ ରୋଟାରୀ ଆଇ ହସ୍ପିଟାଲକୁ ପଠାଯାଇଥିଲା। ରୋଟାରୀ ଆଇ ହସ୍ପିଟାଲର କର୍ମଚାରୀ ମାନେ ଶିବିରରେ ଯୋଗଦେଇ ଚକ୍ଷୁ ପରୀକ୍ଷା କରାଇଥିଲେ। ବିରାଟ ୟୁଥ୍ କ୍ଲବର ସଭାପତି ରାଜୀବ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଶିବିରକୁ ପ୍ରଭାକର ସ୍ୱାଇଁ, ବିକାଶ ଦାସ, ସୁବାଷ ନାୟକ, ଲିଲାକ୍ଷ ସାମଲ, ଚନ୍ଦୁ ରାଓ ପ୍ରମୁଖ ପରିଚାଳନା କରିଥିଲେ।



# ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ ୩ ଓ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍‌ର ଏକାଡେମିକ୍ ମିଟ୍

**ଭୁବନେଶ୍ୱର, ୧୦।୯(ସଂଚାର ବ୍ୟୁରୋ) :** ପୂର୍ବରୁ ଉନ୍ନତ ସ୍ୱାସ୍ଥ୍ୟ ସେବା ନିମନ୍ତେ ଦକ୍ଷିଣ ଓଡ଼ିଶାର ରୋଗୀଙ୍କୁ ବିଶାଖାପାଟଣା କିମ୍ବା ଭୁବନେଶ୍ୱର ଉପରେ ନିର୍ଭରଶୀଳ ହେବାକୁ ପଡୁଥିଲା । ମାତ୍ର ଏବେ ବ୍ରହ୍ମପୁର ସ୍ଥିତ ଶୀତଳାପଲ୍ଲୀଠାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ୟାମ୍ପସ ୩ ଆରମ୍ଭ ହେବା ପରେ ଦକ୍ଷିଣ ଓଡ଼ିଶା ବିଶେଷକରି ବ୍ରହ୍ମପୁରବାସୀଙ୍କର ଚିକିତ୍ସା ନିମନ୍ତେ ଅନ୍ୟ ସହର ଉପରେ ନିର୍ଭରଶୀଳତା ହ୍ରାସ ପାଇବ ବୋଲି ରବିବାର ସମ ହସ୍ପିଟାଲ କ୍ୟାମ୍ପସ-୩ ଏବଂ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏସନ୍‌ର ମିଳିତ ସହଯୋଗରେ ଆୟୋଜିତ ଏକ ଏକାଡେମିକ୍ ମିଟ୍‌ରେ ମତ ପ୍ରକାଶ ପାଇଛି ।



ଏହି ଅବସରରେ ଆଇଏମ୍‌ଏ ବ୍ରହ୍ମପୁର ଶାଖାର ସଭାପତି ଡାକ୍ତର ବାଙ୍କବିହାରୀ ଦାସ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ କିଛି ବର୍ଷ ପୂର୍ବେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ସହ ଏକ ସାକ୍ଷାତ ଆଲୋଚନା ସମୟରେ ସେ ଓଡ଼ିଶାର ଶିକ୍ଷା କ୍ଷେତ୍ର ପାଇଁ ପ୍ରଫେସର ନାୟକଙ୍କର କ'ଣ ଆଭିମୁଖ୍ୟ ରହିଛି ତାହା ଅନୁଭବ କରିପାରିଥିଲେ । ଦୀର୍ଘ ବର୍ଷ ପରେ ସମ୍ ଶୀତଳାପଲ୍ଲୀ କ୍ୟାମ୍ପସ୍‌ରେ ଉପସ୍ଥିତ ରହି ପ୍ରଫେସର ନାୟକଙ୍କର ସେଦିନର ଚିନ୍ତା ବାସ୍ତବ ରୂପ ନେଇଛି ବୋଲି ସେ ମତ ଦେଇଥିଲେ ।

ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଆଇଏମଏର ସଂପାଦକ ଡାକ୍ତର କମଳାକାନ୍ତ ପାଣିଗ୍ରାହୀ କହିଥିଲେ ଯେ ସମ୍ ହସ୍ପିଟାଲର ତୃତୀୟ କ୍ୟାମ୍ପସ୍ ବ୍ରହ୍ମପୁରରେ ଆରମ୍ଭ ହେବା ଖୁସିର ବିଷୟ । ହସ୍ପିଟାଲ୍‌ଟି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭିତିଭୂମିକୁ ଏଭଳି ବିକାଶ କରୁ ଯାହା ଦ୍ୱାରା କି ବ୍ରହ୍ମପୁରବାସୀଙ୍କୁ ନିଜର ଚିକିତ୍ସା ପାଇଁ ଅନ୍ୟ କୁଆଡ଼େ ଯିବାକୁ ପଡ଼ିବ ନାହିଁ ବୋଲି ସେ କହିଥିଲେ ।

ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ଅଯୋଧ୍ୟାନାଥ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଶ୍ରୀ ଦେବପ୍ରସାଦ ଦାଶ କାଯ୍ୟକ୍ରମର ଆଭିମୁଖ୍ୟ ସଂର୍ପକରେ ବିସ୍ତୃତ ବିବରଣୀ ରଖିଥିଲେ । ଏ ଦିଗରେ ଆଇଏମଏ ମଧ୍ୟ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଯୋଗାଇ ଦେବ ବୋଲି ଡାକ୍ତର ପାଣିଗ୍ରାହୀ କହିଥିଲେ ।

ଏହି ଅବସରରେ ଅନ୍ୟତମ ଅତିଥି ଭାବେ ଆଇଏମଏ ବ୍ରହ୍ମପୁର ଶାଖାର କୋଷାଧ୍ୟକ୍ଷ ଡାକ୍ତର ପ୍ରେମରାଜ ପାଣିଗ୍ରାହୀ କହିଥିଲେ ଯେ ବ୍ରହ୍ମପୁରରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ଦେଶର ଅନ୍ୟାନ୍ୟ ସହରଠାରୁ ଅପେକ୍ଷାକୃତ କମ । ଏହି ସ୍ଥାନରେ ସମ୍ ହସ୍ପିଟାଲ ସ୍ଥାପନ ସହ ଉନ୍ନତ ଚିକିତ୍ସାର ସୁଯୋଗ ସୃଷ୍ଟି ହୋଇଥିବା ଆନନ୍ଦର ବିଷୟ ବୋଲି ସେ କହିଥିଲେ ।

ଏକାଡେମିକ୍ ମିଟ୍‌ରେ ପ୍ରଫେସର ଡାକ୍ତର ନାରାୟଣ ମିଶ୍ର 'ରିସେଂଟ ମ୍ୟାନେଜମେଂଟ ଅଫ୍ ସିଓପିଡି', ଡାକ୍ତର ଆନନ୍ଦ ଶଙ୍କର ଶାସ୍ତ୍ରୀ 'ସିଜର ବନାମ୍ ସ୍ୟୁଡୋସିଜର', ଡାକ୍ତର ବଦ୍ରି ଦଣ୍ଡପାଣି 'ଷ୍ଟେମି -କେସ୍ ବେସ୍‌ଡ ଆପ୍ରୋଚ୍ ଆଣ୍ଡ ମ୍ୟାନେଜମେଂଟ' ଏବଂ ଡାକ୍ତର ଶୁଭାଶିଷ୍ ପଟ୍ଟନାୟକ 'ରୋଲ୍ ଅଫ୍ ଫିଜିଓ ଥେରାପି ଫର୍ ଲୋ ବ୍ୟାକ୍ ପେନ୍' ଶୀର୍ଷକରେ ବକ୍ତବ୍ୟ ରଖିଥିଲେ । ଡାକ୍ତର ରିତିକା ସେନ୍‌ଙ୍କ ସଂଯୋଜନାରେ ଆଇଏମ୍‌ଏ କର୍ମକର୍ତ୍ତା ଓ ବରିଷ୍ଠ ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ହସ୍ପିଟାଲ ଡେପୁଟି ସୁପରିଟେଣ୍ଡେଂଟ ଡାକ୍ତର ପ୍ରିୟଜିତ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ଅର୍ଚ୍ଚନା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ସମସ୍ତ ଡାକ୍ତର, ନର୍ସିଂ ଷ୍ଟାଫ୍ ଓ ଅନ୍ୟାନ୍ୟ କର୍ମକର୍ତା ଉପସ୍ଥିତ ଥିଲେ ।

# ବିକୃତ ଗାନ୍ଧୀମୂର୍ତ୍ତି-ବଦଳିବ କେବେ ?

**ଭୁବନେଶ୍ୱର, ୧୦।୯ (ତଥ୍ୟ):** ମୁଖ୍ୟ ଶାସନ ସଚିବ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ବିଭାଗୀୟ ନିର୍ଦ୍ଦେଶକ ଏମିତିକି ବିଶେଷଜ୍ଞ କମିଟିଙ୍କ ମତାମତି ସତ୍ତ୍ୱେ ବି ରାଜ୍ୟ ସଂଗ୍ରହାଳୟର ଗାନ୍ଧୀ ଗ୍ୟାଲେରୀରେ ମହାତ୍ମାଗାନ୍ଧୀଙ୍କ ଠିକଣା ପ୍ରତିମୂର୍ତ୍ତି ବସିପାରୁ ନାହିଁ। ଏହି ଗ୍ୟାଲେରୀରେ ରହିଥିବା ଏକ ବିକୃତ ଗାନ୍ଧୀମୂର୍ତ୍ତି ଘେନି ଦର୍ଶକମାନେ ବିରକ୍ତି ପ୍ରକାଶ କରୁଥିଲେ ବି ତ୍ରୁଟି ସଂଶୋଧନ ହୋଇପାରୁ ନାହିଁ।

ଏଠାରେ ଉଲ୍ଲେଖନୀୟ ଯେ ରାଜ୍ୟ ସଂଗ୍ରହାଳୟ ପରିସରରେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଓ ଗାନ୍ଧୀ ଗ୍ୟାଲେରୀ ପ୍ରତିଷ୍ଠା ପାଇଁ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଦୁଇଟି ଗ୍ୟାଲେରୀରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଫଳରେ ଅନେକ ବରପୁତ୍ରଙ୍କ ଛବି ଓ ପ୍ରତିମୂର୍ତ୍ତି ଠିକଣା ଭାବେ ନିର୍ମିତ ହୋଇନଥିଲା। ଏମିତିକି କେତେକ ସ୍ଥଳରେ ଶହୀଦ ତୀର୍ଥକ୍ଷେତ୍ରଗୁଡିକର ବି ଠିକଣା ଚିତ୍ର ନଥିଲା। ବିଶେଷଜ୍ଞ କମିଟିଙ୍କ ନଜରକୁ ଏହା ଆସିବାପରେ ତ୍ରୁଟି ସୁଧାରିବାପାଇଁ କମିଟି ସୁପାରିଶ୍ କରିଥିଲେ।



ପରବର୍ତ୍ତୀ ସମୟରେ ସେତେବେଳର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ ବିଭିନ୍ନ ସମୟରେ ସଂସ୍କୃତି ବିଭାଗ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଓ ସତ୍ୟବ୍ରତ ସାହୁ ଗ୍ୟାଲେରୀ ପରିଦର୍ଶନ କରି ତ୍ରୁଟି ସଂଶୋଧନ ଉପରେ ଗୁରୁତ୍ୱଆରୋପ କରିଥିଲେ। ଏମିତିକି ସେତେବେଳର ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ବି ଏହି ତ୍ରୁଟି ଘେନି ବିରକ୍ତି ପ୍ରକାଶ କରିଥିଲେ।

ଏଭଳି ସ୍ଥିତିରେ ବାରମ୍ବାର ବୈଠକ କରାଯିବା ପରେ ଏହି ଗ୍ୟାଲେରୀରେ ରହିଥିବା ଉତ୍କଳଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ମା'ରମାଦେବୀ, ହରେକୃଷ୍ଣ ମହତାବ, ବୀର ସୁରେନ୍ଦ୍ର ସାଏ, କୃତୀବାସ ପାଟ୍ଟଶାଣୀ, ନେତାଜୀ ସୁଭାଶ ଚନ୍ଦ୍ର ବୋଷଙ୍କ ତ୍ରୁଟିପୂର୍ଣ୍ଣ ମୂର୍ତ୍ତିକୁ ବଦଳାଯାଇ ନୂଆ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ସେହିଭଳି ରଣପୁର ପ୍ରଜା ଆନ୍ଦୋଳନ, ବାଜିରାଉତଙ୍କ ବଳିଦାନ, ଇରମ, ପାପଡ଼ାହାଣ୍ଡି, ମାଥିଲି, କାଇପଡ଼ା କଳାମାଟିଆ, ଆମ୍‌କୋ, ସିମ୍‌କୋ ଆଦି ଘଟଣାର ତ୍ରୁଟି ମଧ୍ୟ ସୁଧୁରା ଯାଇଥିଲା। ତେବେ ଏହି ଗ୍ୟାଲେରୀର ପ୍ରବେଶପଥ ନିକଟରେ ସ୍ଥାପନ କରାଯାଇଥିବା ଜାତିର ଜନକ ମହାମାନବ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଠିକଣା ଭାବେ ନିର୍ମିତ ହୋଇ ନ ଥିବାରୁ ଏହାକୁ ବଦଳାଇ ନୂଆ ପ୍ରତିମୂର୍ତ୍ତି ସ୍ଥାପନ ଲାଗି ମୁଖ୍ୟ ଶାସନ ସଚିବଙ୍କ ଠାରୁ ଆରମ୍ଭ କରି ଅନ୍ୟ ଅଧିକାରୀମାନେ ବାରମ୍ବାର ଗୁରୁତ୍ୱଦେଇ ଆସୁଥିଲେ ମଧ୍ୟ ପ୍ରାୟ ୩ବର୍ଷ ଧରି ଗାନ୍ଧୀଙ୍କ ମୂର୍ତ୍ତିକୁ ବଦଳାଯାଇନାହିଁ।

ଏ ସଂକ୍ରାନ୍ତରେ ସଂସ୍କୃତି ବିଭାଗ, ସଂସ୍କୃତି ନିର୍ଦ୍ଦେଶାଳୟ ଓ ରାଜ୍ୟ ସଂଗ୍ରହାଳୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଭାବେ ଅବହିତ ଅଛନ୍ତି। ଯେଉଁ ସଂସ୍ଥାଙ୍କୁ ଏହି ଗ୍ୟାଲେରୀ ନିର୍ମାଣ ଦାୟିତ୍ୱ ଦିଆଯାଇଥିଲା ସେହି ସଂସ୍ଥା ତ୍ରୁଟିପୂର୍ଣ୍ଣ ଗାନ୍ଧୀମୂର୍ତ୍ତି ବଦଳାଇବାପାଇଁ ପୂର୍ବରୁ ସ୍ଥିର ହୋଇଥିଲେ ମଧ୍ୟ ଏଯାବତ୍ ଏହା ବଦଳାଯାଇ ପାରୁନାହିଁ।

# ଚୌଦ୍ୱାରରେ ବୁଲିଲା ସୁଭଦ୍ରା ସଚେତନତା ରଥ



**ଚୌଦ୍ୱାର, ୧୦।୯(ସଂଚାର ବ୍ୟୁରୋ):** ଜନସାଧାରଣଙ୍କୁ ସଚେତନ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସୁଭଦ୍ରା ରଥର ପ୍ରଚଳନ କରାଯାଇଛି। ଏହି ପରିପ୍ରେକ୍ଷିରେ ମଙ୍ଗଳବାର ଠାରୁ ଚୌଦ୍ୱାର ପୌରପାଳିକା ତରଫରୁ ସୁଭଦ୍ରା ରଥ ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପୌରପାଳିକା କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ରଥକୁ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଆନୁଷ୍ଠାନିକ ଭାବେ ପତକା ହଲାଇ ଉଦ୍‌ଘାଟନ କରିଥିଲେ। ପରେ ରଥ ପୌରପାଳିକାର ୧ନଂ ୱାର୍ଡରୁ ୫ନଂ ଏବଂ ୱାର୍ଡ ନଂ ୯, ୧୩ ଓ ୧୬ ପରିକ୍ରମା କରିଥିଲା। ବୁଧବାର ପୌରପାଳିକାର ବଳକା ରହିଯାଇଥିବା ଅନ୍ୟ ୱାର୍ଡ ଗୁଡିକ ରଥ ପରିକ୍ରମା କରାଯିବ ବୋଲି ନିର୍ବାହୀ ଅଧିକାରୀ ସୁଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୧୩ନଂ ୱାର୍ଡ କାଉନସିଲର ସୁଜାତା ସାହୁଙ୍କ ସମେତ ସମସ୍ତ ପୌର କର୍ମଚାରୀ, ସ୍ୱଚ୍ଛସାଥୀ ଓ ସ୍ୱଚ୍ଛ ସୁପର ଭାଇଜର ଉପସ୍ଥିତ ଥିଲେ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ-ଆଶାୟୀ ହତାଶ

**ଭୁବନେଶ୍ୱର,୧୦।୯(ତଥ୍ୟ):** ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇଁ ଅବସରରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦବୀଟି ପୂରଣ ନହେବାରୁ ଏଥିପାଇଁ ଆଶାୟୀ ଥିବା ଅନେକ ବ୍ୟକ୍ତି ହତାଶ ହୋଇଛନ୍ତି। କେବଳ ଏହି ଗୋଟିଏ ପଦବୀ ନୁହେଁ ଯୋଜନା ବୋର୍ଡ ଠାରୁ ଆରମ୍ଭ କରି ନିଗମ ନିଯୁକ୍ତିରେ ବିଳମ୍ବ ହେଉଥିବାରୁ ଆଶାୟୀମାନଙ୍କ ଧୈର୍ଯ୍ୟବନ୍ଧ ଭାଙ୍ଗିବାରେ ଲାଗିଛି। ଏହିସବୁ ସଂସ୍ଥାରେ ନିଯୁକ୍ତି ପାଇଁ ନେତା ଓ ବାବୁମାନଙ୍କ ଲବି ବି ବଢି ବଢି ଚାଲିଛି।

ପଶ୍ଚିମଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ପଦରୁ ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଇସ୍ତଫା ଦେବାପରେ ଏହି ପଦବୀଟି ଖାଲି ପଡିଛି। ରାଜନୈତିକ ନିଯୁକ୍ତି ହେଉଥିବା ଏହି ସଂସ୍ଥାରେ ନୂଆଖାଇଁ ଅବସରରେ ଅଧ୍ୟକ୍ଷ ନିଯୁକ୍ତି ହେବେ ବୋଲି ଆଶା କରାଯାଉଥିଲା। ଏହି ପଦବୀ ପାଇଁ ଆଶାୟୀ ଥିବା ଅନେକ ବି ନିଯୁକ୍ତି ପାଇଁ ଆଶାବାନ୍ଧି ବସିଥିଲେ। ଭାବିଥିଲେ ମୁଖ୍ୟମନ୍ତ୍ରୀ ପଶ୍ଚିମଓଡ଼ିଶା ଗସ୍ତରେ ଆସିଥିବାରୁ ଏହି ଘୋଷଣା ହେବ। ହେଲେ ସେମିତି କିଛି ନହେବାରୁ ଆଶାୟୀମାନେ ହତାଶ ହୋଇଛନ୍ତି।

ସେହିଭଳି ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି), ରାଜ୍ୟ ନିର୍ବାଚନ କମିଶନ ଓ ଲୋକପାଳ ଭଳି ସଂସ୍ଥାରେ ମୁଖିଆ ପଦବୀ ଖାଲି ପଡିଛି। ଏହିସବୁ ପଦବୀରେ ବରିଷ୍ଠ ଆଇଏଏସ୍ ଅଫିସରମାନେ ଅବସରପରେ ସାଧାରଣତଃ ନିଯୁକ୍ତି ହୋଇଥାନ୍ତି। ହେଲେ ଏଗୁଡିକ ପୂରଣ ହେଉନଥିବାରୁ ଏଠାରେ ନିଯୁକ୍ତି ପାଇଁ ଆଶାୟୀମାନେ ନିରାଶ ହେବାରେ ଲାଗିଛନ୍ତି।

ନୂଆଁଖାଇ ସରିଲା, ଅଧୁରା ରହିଲା ଅଧ୍ୟକ୍ଷ ପଦ ପୂରଣ




ତେବେ ଅଧିକ ହତାଶ ହେଉଛନ୍ତି ବିଭିନ୍ନ ନିଗମରେ ନିଯୁକ୍ତି ପାଇବାକୁ ଥିବା ଦଳୀୟ ଆଶାୟୀମାନେ। ନୂଆ ସରକାର ଆସିବା ପରେ ପରେ ନିଗମରେ ରାଜନୈତିକ ନିଯୁକ୍ତି ପାଇଥିବା ବ୍ୟକ୍ତିମାନେ ତୁରନ୍ତ ଇସ୍ତଫା ଦେଇଥିଲେ। ସମସ୍ତେ ଭାବିଥିଲେ ନୂଆ ଆସିବାପରେ କିଛି ଦଳୀୟ ନେତାଙ୍କୁ ଏଠାରେ ନିଯୁକ୍ତି ମିଳିଯିବ। ଏଥିପାଇଁ ଆଶାୟୀମାନେ ବିଭିନ୍ନ ସ୍ତରରେ ଲବି ଚଳାଇଛନ୍ତି। ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଗଲାଭଳି ନିଗମ ନିଯୁକ୍ତି ବି ଘୁଞ୍ଚି ଚାଲିଛି। ତେଣୁ ଏବେ ଏହି ଦୌଡରେ ଥିବା ଆଶାୟୀଙ୍କ ସଂଖ୍ୟା ବଢିବାରେ ଲାଗିଛି।

ସେହିଭଳି ରାଜ୍ୟ ଯୋଜନା ବୋର୍ଡର ଅଧ୍ୟକ୍ଷ ଠାରୁ ସଦସ୍ୟଙ୍କ ପର୍ଯ୍ୟନ୍ତ ସବୁଥିରେ ନୂଆ ନିଯୁକ୍ତି ଦିଆଯିବ। ଅଧ୍ୟକ୍ଷ ପଦବୀଟି କ୍ୟାବିନେଟ୍ ପାହ୍ୟାର ହୋଇଥିବାବେଳେ ସଦସ୍ୟମାନେ ରାଷ୍ଟ୍ରମନ୍ତ୍ରୀ ପାହ୍ୟାର ସୁବିଧା ସୁଯୋଗ ପାଇଥାନ୍ତି। ତେଣୁ ରାଜ୍ୟ ଯୋଜନା ବୋର୍ଡରେ ନିଯୁକ୍ତି ପାଇବାକୁ ଆଶାୟୀଙ୍କ ସଂଖ୍ୟା ବି କିଛି କମ୍ ନୁହେଁ। ହେଲେ ସରକାର ଏଥିରେ ନିଯୁକ୍ତି ଦେଉନଥିବାରୁ ଆଶାୟୀମାନେ ହତାଶ ହେବା ସହିତ ବିଭିନ୍ନ ସ୍ତରରେ ଲବି ଜାରି ରଖିଛନ୍ତି।

ରାଜ୍ୟରେ ଆଡଭୋକେଟ ଜେନେରାଲ ନିଯୁକ୍ତ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଅନ୍ୟ ସରକାରୀ ଓକିଲ ନିଯୁକ୍ତ ହୋଇନାହାନ୍ତି। ତେଣୁ ଏଠାରେ ନିଯୁକ୍ତି ପାଇବାକୁ ମଧ୍ୟ ଆଶାୟୀଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ବିଭିନ୍ନ ସ୍ତରରେ ଲବି ବି ଜୋରଦାର ହେବା ସହିତ ତାଲିକା ଲମ୍ବିବାରେ ଲାଗିଛି। ଏଠାରେ କେବେ ନିଯୁକ୍ତି ମିଳିବ ତାହାକୁ ଅନେକ ଅନାଇ ବସିଛନ୍ତି। ମୋଟାମୋଟି ଭାବେ ନୂଆ ସରକାର ବର୍ତ୍ତମାନ ସୁଦ୍ଧା କୌଣସି ନିଯୁକ୍ତି ଦେଉନଥିବାରୁ ରାଜ୍ୟର ଅନେକ ସାମ୍ବିଧାନିକ ଓ ଅନ୍ୟାନ୍ୟ ପଦବୀ ଖାଲି ପଡିଛି। ଏଗୁଡିକ କେବେ ଓ କିଭଳି ପୂରଣ ହେବ ତାହା ଉପରେ ବହୁ ଆଶାୟୀଙ୍କ ନଜର ଥିବାବେଳେ ବିଭିନ୍ନ ସ୍ତରରୁ ଚାପ ବଢିବାରେ ଲାଗିଛି।

## ଜୀବନ ଅମୃତ ଅନୁଚିନ୍ତା

ନିବେଦନ-ମୋତେ ଅନ୍ଧ କରିଦିଅ ପ୍ରଭୁ, ମୁଁ କେବଳ ତୁମର ସେହି ଅନନ୍ୟ ଦିବ୍ୟରୂପକୁ ହିଁ ଦରଶନ କରୁଥିବି, ମୋତେ ମୂକ କରିଦିଅ ପ୍ରଭୁ, ମୁଁ ତୁମ ଛଡ଼ା ଆଉ କାହାର ଗୁଣଗାନ କରିନପାରିବି, ବଧି କରିଦିଅ ପ୍ରଭୁ , ମୁଁ କେବଳ ତୁମ ନାମ ହିଁ ମୋ କର୍ଣ୍ଣରେ ଗୁଞ୍ଜରିତ ହେଉଥିବ, ଶୂନ୍ୟ କରିଦିଅ ପ୍ରଭୁ, ମୁଁ ତୁମରି ଭିତରେ ପୂର୍ଣ୍ଣ ହୋଇ ପ୍ରକାଶିତ ହେବି।

SANCHAR
ସଂଚାର

୪ ବୁଧବାର ୧୧ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Wednesday 11 September 2024 Bhubaneswar

# ରାଷ୍ଟ୍ରନୀତିଜ୍ଞଙ୍କ ଆବଶ୍ୟକତା

କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ତଥା ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଦୁର୍ବଳ ନେତୃତ୍ୱ ଏବଂ ବ୍ୟକ୍ତିତ୍ୱ 2ପାଇଁ କଂଗ୍ରେସ ଲଗାତର ତିନିଟି ନିର୍ବାଚନରେ ପରାଜିତ ହୋଇଛି। 2024 ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପି ବା ଏନଡିଏ ଅଳ୍ପକେ ପରାଜୟରୁ ବର୍ତ୍ତିଗଲା। ଯଦି ରାହୁଲଙ୍କ ପରିବର୍ତ୍ତେ ୟୁପିଏର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଆଉ କେହି ଯୋଗ୍ୟ ବ୍ୟକ୍ତି ରହିଥାଆନ୍ତେ ତେବେ ହୁଏତ ଫଳାଫଳ ଭିନ୍ନ ହୋଇଥାଆନ୍ତା। ୟୁପିରେ ଅଖିଳେଶ, ବିହାରରେ ତେଜସ୍ୱୀ ଯାଦବ ଏବଂ ମହାରାଷ୍ଟ୍ରରେ ଶରଦ ପାୱାର ତଥା ଉଦ୍ଧବ ଠାକରେଙ୍କ ସମର୍ଥନ ଯୋଗୁ କଂଗ୍ରେସ କୌଣସି ପ୍ରକାରେ 99 ଆସନ ପାଇ ସମ୍ମାନ ରକ୍ଷାରେ ସଫଳ ହେଲା ସତ, ମାତ୍ର କଂଗ୍ରେସ ପୁଣି 5 ବର୍ଷ ବିରୋଧୀ ଆସନରେ ବସିବାକୁ ବାଧ୍ୟ ହେଲା। ଲୋକସଭାରେ ବିରୋଧୀ ଦଳ ନେତାଙ୍କୁ ଦେଶର ଭାବି ପ୍ରଧାନମନ୍ତ୍ରୀ ବା ଛାୟା ପ୍ରଧାନମନ୍ତ୍ରୀ ବୋଲି କୁହାଯାଏ। ଅତୀତରେ ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀଙ୍କ ଭଳି ନେତା ଏହି ପଦରେ ଥିଲେ। ବିରୋଧୀ ଦଳ ନେତାଙ୍କ ଦାୟିତ୍ୱ ଅଧିକ। ତାଙ୍କୁ ଦେଶର ସବୁଠାରୁ ଲୋକପ୍ରିୟ ନେତା ବୋଲି ବିଚାର କରାଯାଏ। ସଂସଦରେ ବିରୋଧୀ ଦଳ ନେତା ଯେତେବେଳେ କିଛି କହିବାକୁ ଠିଆ ହୁଅନ୍ତି ସେତେବେଳେ ଅନ୍ୟମାନେ ନିରବ ହୋଇଯାଆନ୍ତି ଏବଂ ତାଙ୍କ କଥାକୁ ଶୁଣନ୍ତି। ବିରୋଧୀ ଦଳ ନେତାଙ୍କ ବୟାନ ଏବଂ ମତକୁ ଦେଶବାସୀ ସମ୍ମାନ ଦିଅନ୍ତି। ସେଥିପାଇଁ ବିରୋଧୀ ଦଳ ନେତା ଜଣେ ରାଷ୍ଟ୍ରନୀତିଜ୍ଞ ହେବା ଉଚିତ। ରାଜନୈତିକ ବିଚାରଧାରା ଊର୍ଦ୍ଧ୍ୱକୁ ଉଠି ସେ ମତବ୍ୟକ୍ତ କରନ୍ତି। ଦେଶର ପ୍ରଧାନମନ୍ତ୍ରୀ ଯେପରି ଦଳଠାରୁ ଉପରେ, ଠିକ ସେହିପରି ବିରୋଧୀ ଦଳ ନେତା ଦଳୀୟ ଚିନ୍ତାଧାରା ଊର୍ଦ୍ଧ୍ୱରେ ରହିବା ଉଚିତ। ଅଟଳ ବିହାରୀ ବାଜପେୟୀ ଯେତେବେଳେ ବିରୋଧୀ ଦଳ ନେତା ଥିଲେ ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି ଭି ନରସିଂହ ରାଓ ତାଙ୍କୁ ଜାତିସଂଘରେ ଭାରତର ପ୍ରତିନିଧିତ୍ୱ କରି ପାକିସ୍ତାନର ଜବାବ ଦେବାକୁ ପଠାଇଥିଲେ। ଏଥିରେ ଅଟଳଜୀ ସଫଳ ହେଲେ। କିନ୍ତୁ ବର୍ତ୍ତମାନର ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି ପର୍ଯ୍ୟନ୍ତ ଜଣେ ରାଷ୍ଟ୍ରନୀତିଜ୍ଞ ହୋଇପାରିଲେ ନାହିଁ। ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କ'ଣ କହିବା ଉଚିତ, କ'ଣ କରିବା ଉଚିତ ତାହା ସେ ଶିଖିପାରିଲେ ନାହିଁ। ଦେଶବାସୀଙ୍କୁ ସେ ନିରାଶ କରିଛନ୍ତି। ଦେଶର ଅର୍ଥନୀତି, ସମାଜ, ଶିକ୍ଷା ଏବଂ ସଂସ୍କୃତିର ସୁରକ୍ଷା ଏବଂ ବିକାଶ ନିମନ୍ତେ ସେ ଆଜି ପର୍ଯ୍ୟନ୍ତ କେବେ କୌଣସି ମୂଲ୍ୟବାନ ପରାମର୍ଶ ଦେଇ ନାହାଁନ୍ତି। ଯଦି ସେ ବିଷୟରେ ଜ୍ଞାନ କମ ଅଛି ତେବେ ସୁପରାମର୍ଶ ନଦେଲେ ନାହିଁ, ଅନ୍ତତଃ ପକ୍ଷେ ଏଭଳି କିଛି ମନ୍ତବ୍ୟ ଦିଅନି ଯାହା ଦ୍ୱାରା ଦେଶର ସମ୍ମାନହାନୀ ହେବ ବା ଦେଶବାସୀଙ୍କ ନିକଟକୁ ଭୁଲ ବାର୍ତ୍ତା ଯିବ। ରାହୁଲ ଅନେକ ଥର ଏଭଳି ବୟାନ ଦେଇଛନ୍ତି ଯାହା ଦ୍ୱାରା ଦେଶର ସେନାବାହିନୀର ମନୋବଳ ଭାଙ୍ଗିଯିବ। ସଂସଦରେ ବା ଦଳୀୟ ସଭାରେ ଯାହା କହିଲେ ଚଳିବ, କିନ୍ତୁ ଅନ୍ତତଃପକ୍ଷେ ବିଦେଶରେ ଏଭଳି କିଛି ବି ବୟାନ ଦେବା ଅନୁଚିତ ଯାହା ଦ୍ୱାରା ଦେଶର ସମ୍ମାନ ହାନୀ ହେବ। କିନ୍ତୁ ରାହୁଲ ଯେତେବେଳେ ବି ବିଦେଶ ଗସ୍ତରେ ଯାଇଛନ୍ତି ସେତେବେଳେ ଏଭଳି ବିବାଦୀୟ ବୟାନ ଦେଇଛନ୍ତି। ଭାରତ ସରକାରଙ୍କୁ ସମାଲୋଚନା କରିଛନ୍ତି, ଭାରତର ପ୍ରଧାନମନ୍ତ୍ରୀଙ୍କୁ ହୀନ ଦୃଷ୍ଟିରେ ଦେଖିଛନ୍ତି, ଦେଶର ବୈଦେଶିକ ନୀତିକୁ ସମାଲୋଚନା କରିଛନ୍ତି। ଆଉ ପ୍ରଧାନମନ୍ତ୍ରୀଙ୍କୁ ବ୍ୟକ୍ତିଗତ ସ୍ତରକୁ ଯାଇ ସମାଲୋଚନା କରିଛନ୍ତି। ଏହା ତାଙ୍କର ବ୍ୟକ୍ତିତ୍ୱ, ନେତୃତ୍ୱ ଏବଂ ଭାବମୂର୍ତ୍ତୀକୁ ଆହୁରି ନିମ୍ନଗାମୀ କରିଛି। ସମ୍ପ୍ରତି ଆମେରିକା ଗସ୍ତରେ ଯାଇ ରାହୁଲ ସେଠାରେ ଯାହା କହିଛନ୍ତି ତାହା ଭାରତର ବିରୋଧୀ ଦଳ ନେତାଙ୍କଠାରୁ ଆଶା କରାଯାଏନି। ରାହୁଲ କହିଛନ୍ତି ଯେ, ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଚୀନର ଗୋଡ଼ାଣିଆ ଏବଂ ଚୀନର ସ୍ୱାର୍ଥ ରକ୍ଷା ଲାଗି କାମ କରୁଛନ୍ତି। ଏହା ସମ୍ପୂର୍ଣ୍ଣ ଭୁଲ। ରାହୁଲ କହିଛନ୍ତି ଯେ, 56 ଇଞ୍ଚର ଛାତି ଆଉ ନାହିଁ। ଆଉ ମୋଦିଙ୍କୁ ଡରିବାର ନାହିଁ। ଏହାକୁ କହନ୍ତି ପିଲାଳିଆ ବୁଦ୍ଧି। ରାହୁଲଙ୍କ ବୟସ ଦୃଷ୍ଟିରୁ ତାଙ୍କଠାରୁ ଅଧିକ ପରିପକ୍ୱତା ଆଶା କରାଯାଉଛି। ରାହୁଲ ଅଭିଯୋଗ କରିଛନ୍ତି ଯେ, ଆରଏସଏସ ଏବଂ ବିଜେପିର ନୀତି ମହିଳା ବିରୋଧୀ। ଆରଏସଏସ ଚାହେଁ, ମହିଳାମାନେ ଘରେ ବସନ୍ତୁ। କିନ୍ତୁ ରାହୁଲ ଭୁଲି ଯାଉଛନ୍ତି ଦେଶର ରାଷ୍ଟ୍ରପତି ଜଣେ ମହିଳା ଏବଂ ବିଜେପି ହିଁ ତାଙ୍କୁ ଦେଶର ରାଷ୍ଟ୍ରପତି କରିଛି। ଭାରତ ସରକାର ମହିଳାଙ୍କ ଶିକ୍ଷା ଏବଂ ସାମାଜିକ ବିକାଶ ନିମନ୍ତେ ଅନେକ ମହତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ପଦକ୍ଷେପ ନେଇଛନ୍ତି। ରାହୁଲ ଯଦି ଆମେରିକାରେ ପାକିସ୍ତାନର ଆତଙ୍କବାଦକୁ ସମର୍ଥନର ସମାଲୋଚନା କରିଥାଆନ୍ତେ ତେବେ ଶୋଭା ପାଇଥାଆନ୍ତା। ୟୁକ୍ରେନ- ଋଷିଆ ଯୁଦ୍ଧ ଏବଂ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିରାମ ଲାଗି ସେ କିଛି ଠୋସ ପ୍ରସ୍ତାବ ଦେଇଥିଲେ ତାଙ୍କର ସମ୍ମାନ ବଢ଼ିଥାଆନ୍ତା। ଅନ୍ୟକୁ ସମାଲୋଚନା କରିବା ଅପେକ୍ଷା ରାହୁଲ ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସର ଆଭିମୁଖ୍ୟ ଏବଂ ତାଙ୍କର ବିଚାରଧାରା ସମ୍ପର୍କରେ କହିବା ଉଚିତ ଥିଲା। ସମ୍ପ୍ରତି ସାରା ବିଶ୍ୱରେ ଅର୍ଥନୈତିକ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଖାଦ୍ୟ ଏବଂ ଶକ୍ତି ସଙ୍କଟ ସୃଷ୍ଟି ହୋଇଛି। ଜଳବାୟୁ ପରିବର୍ତ୍ତନ ନେଇ ଜଟିଳ ସମସ୍ୟା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ରାହୁଲ ତାଙ୍କର ସୁଚିନ୍ତିତ ମତ ରଖିବା ସୁନ୍ଦର ହୋଇଥାଆନ୍ତା। ବ୍ରିଟେନରେ ଏବେ କ୍ଷମତା ପରିବର୍ତ୍ତନ ହେଲା। କ୍ଷମତା ହସ୍ତାନ୍ତର ବେଳେ ନୂଆ ପ୍ରଧାନମନ୍ତ୍ରୀ ବିଦାୟୀ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରି ଦେଶ ପ୍ରତି ତାଙ୍କ ଅବଦାନକୁ ସ୍ୱୀକାର କରିଛନ୍ତି। ନିର୍ବାଚନ ପରେ ସେଠାରେ ଆଉ କେହି ରାଜନୈତିକ ବୟାନବାଜି ଶୁଣୁ ନାହାଁନ୍ତି। ସମସ୍ତେ ଦେଶର ବିକାଶ କଥା କହୁଛନ୍ତି। ରାହୁଲ ଗାନ୍ଧି ଏବଂ ଭାରତର ଅଧିକାଂଶ ରାଜନେତା ବ୍ରିଟେନର ରାଜନେତାଙ୍କଠାରୁ ଏହା ଶିଖିବା ଉଚିତ। ଦେଶକୁ ରାଜନେତା ନୁହେଁ, ରାଷ୍ଟ୍ରନେତାଙ୍କ ଆବଶ୍ୟକତା ରହିଛି। ଦେଶକୁ ପଣ୍ଡିତ ନେହରୁ, ଲାଲ ବାହାଦୂର ଶାସ୍ତ୍ରୀ, ଅଟଳ ବିହାରୀ ବାଜପେୟୀ, ବିଜୁ ପଟ୍ଟନାୟକ, ଜ୍ୟୋତିବସୁଙ୍କ ଭଳି ନେତାଙ୍କ ଆବଶ୍ୟକତା ରହିଛି।

## ସମ୍ପାଦକଙ୍କୁ ପତ୍ର

### ପୁରୀ ବିମାନ ବନ୍ଦର ପ୍ରତିଷ୍ଠା ହେଉ

**ମହାଶୟ,**

କେବଳ ଓଡ଼ିଶା ନୁହେଁ ପୁରୀ ହେଉଛି ଦେଶର ଏକ ପ୍ରମୁଖ ତୀର୍ଥ ଏବଂ ପର୍ଯ୍ୟଟନସ୍ଥଳୀ। ଦେଶରେ ଏଭଳି ଖୁବ କମ ସ୍ଥାନ ରହିଛି ଯାହା ଉଭୟ ପର୍ଯ୍ୟଟନ କ୍ଷେତ୍ର ସହ ଏକ ଧର୍ମପୀଠ ମଧ୍ୟ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ସ୍ୱାଧୀନତା ପରେ ଦେଶର ଅନ୍ୟ ତୀର୍ଥ ସ୍ଥଳି ଏବଂ ପର୍ଯ୍ୟଟନ କ୍ଷେତ୍ରର ଯେପରି ବିକାଶ ହୋଇଛି ପୁରୀରେ ତାହା ସମ୍ଭବ ହୋଇପାରିନାହିଁ। ବେଶୀ ଦୂର ପଛକୁ ଯିବାକୁ ପଡ଼ିବନି, ମାତ୍ର ୩୦ ବର୍ଷ ତଳେ ପୁରୀ ସହର କହିଲେ ଏକ ବଡ଼ ଗାଁକୁ ବୁଝାଉଥିଲା। ଏବେ ଏହାର ଧିରେ ଧିରେ ବିକାଶ ହେଉଛି। ୨୦୧୫ ପୂର୍ବରୁ ପୁରୀକୁ ଡବଲ ଲାଇନ ରେଳପଥ ମଧ୍ୟ ନଥିଲା। ଏବେ ପୁରୀରେ ଏକ ବିମାନ ବନ୍ଦର ପ୍ରତିଷ୍ଠା ପ୍ରସ୍ତାବ ରହିଛି। କିନ୍ତୁ ଏହା କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି। ପୁରୀ ସହର ବାହାରେ ଏହି ବିମାନ ବନ୍ଦର ପ୍ରତିଷ୍ଠା ପାଇଁ ସ୍ଥାନ ଚିହ୍ନଟ ହୋଇଛି। କେନ୍ଦ୍ର ସରକାର ଏଥିପାଇଁ ଅନୁମୋଦନ ମଧ୍ୟ ପ୍ରଦାନ କରିଛନ୍ତି। ଏବେ ରାଜ୍ୟ ସରକାରଙ୍କ ଦାୟିତ୍ୱ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ଉଚିତ। ଏହା ଫଳରେ ପୁରୀରେ ପର୍ଯ୍ୟଟନ ଶିଳ୍ପର ବିକାଶ ତ୍ୱରାନ୍ୱିତ ହୋଇପାରିବ। ଏହା ସହିତ ପୁରୀର ବିସ୍ତୀର୍ଣ୍ଣ ବେଳାଭୂମି ଏବଂ ଶ୍ରୀମନ୍ଦିର ସମ୍ପର୍କରେ ସର୍ବଭାରତୀୟ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ହେବା ଉଚିତ। ପୁରୀରେ ବିମାନ ବନ୍ଦର ପ୍ରତିଷ୍ଠା ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ ଏବଂ ସେମାନଙ୍କ ପାଇଁ ପୁରୀରେ ହୋଟେଲ ତଥା ଅନ୍ୟ ଆନୁସଙ୍ଗିକ ବ୍ୟବସାୟ ସମ୍ପ୍ରସାରିତ ହେବ। ଫଳରେ ଅନେକ ସ୍ଥାନୀୟ ବ୍ୟକ୍ତି ନିଯୁକ୍ତି ବା ରୋଜଗାର ସୁଯୋଗ ପାଇବା ସହ ରାଜ୍ୟର ରାଜସ୍ୱ ବୃଦ୍ଧିରେ ମଧ୍ୟ ଏହା ସହାୟକ ହେବ। ବିଶ୍ୱର ଅନେକ ଦେଶରେ ରାଜସ୍ୱ ସଂଗ୍ରହର ମୁଖ୍ୟ ଉତ୍ସ ହେଲା ପର୍ଯ୍ୟଟନ ଶିଳ୍ପ। ପୁରୀରେ ବିମାନ ବନ୍ଦର ପ୍ରତିଷ୍ଠା ହେଲେ କୋଣାର୍କ ଏବଂ ସାତପଡ଼ା (ଚିଲିକା)କୁ ମଧ୍ୟ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ। ମୋଟ ଉପରେ ସମଗ୍ର ଜିଲ୍ଲାର ବିକାଶ ହେବ। ପିପିଲି ଚାନ୍ଦୁଆ ଶିଳ୍ପଠାରୁ ଆରମ୍ଭ କରି ଅନ୍ୟ ହସ୍ତଶିଳ୍ପ ବଜାର ବ୍ୟବସ୍ଥା ସୁଦୃଢ଼ ହେବ।

**ଧୀରେନ୍ଦ୍ର ନାଥ ପଟ୍ଟନାୟକ**
**ପଥରବନ୍ଧ, ବ୍ରହ୍ମଗିରି**

# ଘରେ ଘରେ ସୁଭଦ୍ରା



**ପୃଥ୍ୱୀରାଜ ହରିଚନ୍ଦନ**

ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ବଳଭଦ୍ର ଙ୍କର ଅତି ଅଲିଅଳୀ ଭଉଣୀ ସୁଭଦ୍ରା। ସେ ହିଁ ଶକ୍ତି ସ୍ୱରୂପିଣୀ, ଶକ୍ତିରୂପା, ଯୋଗମାୟା ତଥା ମହାମାୟୀ ଦୁର୍ଗା। ଆଜି ଆମ ରାଜ୍ୟରେ ନୂତନ ସରକାର ଦାୟିତ୍ୱ ନେଲାପରେ, ପ୍ରଥମ ଦିନ ର ପ୍ରଥମ ବୈଠକ ରେ ନିଷ୍ପତି ନେଲେ ଯେ ପ୍ରଦେଶର ଭଉଣୀ ମାନଙ୍କୁ ବାସ୍ତବରେ ଶକ୍ତି ସ୍ୱରୂପା କରିବାକୁ 'ସୁଭଦ୍ରା' ଯୋଜନା ର କ୍ରିୟାନ୍ୱୟନ କରାଯାଉ। ଏହା ଏକ ଯୁଗାନ୍ତକାରୀ ନିଷ୍ପତି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡିଶା ରେ ଆଜି ପର୍ଯ୍ୟନ୍ତ ହୋଇଥିବା ସମସ୍ତ ଜନହିତକାରୀ କାର୍ଯ୍ୟକ୍ରମ ମଧ୍ୟରେ ସର୍ବାଧିକ ହିତାଧ୍ୟାକାରୀଙ୍କର ସଂଖ୍ୟା, ସର୍ବବ୍ୟାପୀ ଏବଂ ସୁଦୀର୍ଘ ସମୟ ଧରି ଚାଲିବା ଭଳି କୌଣସି ଏକ ଯୋଜନା ଏହା ପୂର୍ବରୁ କେବେ ହୋଇନଥୁଲା। ଏକ କୋଟିରୁ ଉର୍ଦ୍ଧ୍ୱ ହିତାଧ୍ୟାକାରୀଙ୍କୁ କୌଣସି ବି ସରକାର ଏକ ଯୋଜନା ମାଧ୍ୟମରେ କେବେ ସ୍ପର୍ଶ କରିନଥିଲେ। ଏହାର ପ୍ରକ୍ରିୟା ଆରମ୍ଭ ହେଲା ବେଳକୁ ବିରୋଧୀ ରାଜନୈତିକ ଦଳଙ୍କଠାରୁ ଆରମ୍ଭ କରି ବିଭିନ୍ନ ବୁଦ୍ଧିଜୀବି ବନ୍ଧୁ, ଗଣମାଧ୍ୟମର ବନ୍ଧୁମାନେ ଓ ସମୀକ୍ଷକମାନେ ବହୁ ତର୍କ ଉପସ୍ଥାପନ କରି ପ୍ରମାଣ କରିବାକୁ ଚେଷ୍ଟା କଲେଯେ ସରକାର ଏଥିରେ ଫେଲ ମାରିବେ ଏବଂ ମହିଳା ମାନଙ୍କୁ ପ୍ରତାରଣା କରିବେ। ସେମାନଙ୍କର ପ୍ରଶ୍ନଥୁଲା, ଏହାକୁ କ୍ରିୟାନ୍ୱୟନ କରିବାକୁ ଆବଶ୍ୟକ ୬୫୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ସରକାର ଆଣିବେ କେଉଁଠୁ ? ଆମ ପାଖରେ ଏହାର ଏକମାତ୍ର ଉତ୍ତର ଥୁଲା "ଦୃଢ଼ ରାଜନୈତିକ ଇଛାଶକ୍ତି ଥିଲେ ସରକାରଙ୍କ ନିକଟରେ ସବୁ ସମ୍ଭବ। କୌଣସି ବାଧା ବିଘ୍ନ ଆମକୁ ଅଟକାଇପାରିବ ନାହିଁ"।

ଆଜି ଯେତେବେଳେ ସୁଭଦ୍ରା ଯୋଜନା ର ପ୍ରାରମ୍ଭ ହୋଇସାରିଛି, ଭଉଣୀମାନେ ଲକ୍ଷ ଲକ୍ଷ ସଂଖ୍ୟା ରେ ଆବେଦନ କରିବା ଆରମ୍ଭ କରିଛନ୍ତି ଏବଂ ଆସନ୍ତା ସେପ୍ଟେମ୍ବର ୧୭ ତାରିଖି ରେ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ କର କମଳରେ ଏହା ଉଦଘାଟିତ ହୋଇ ସମସ୍ତ ହିତାଧ୍ୟାକାରୀଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଯୋଜନା ର ପ୍ରଥମ କିସ୍ତି ୫୦୦୦ ଟଙ୍କା ଯିବାର ସମସ୍ତ ପ୍ରାବଧାନ କରାଯାଉଛି, ସେତେବେଳେ ସେହି ସମାଲୋଚକ ମାନେ ବି ଆଜି ତାରିଖରେ ପ୍ରଶଂସା କରିବାକୁ କାର୍ପଣ୍ୟ ଦେଖାଉ ନାହାନ୍ତି।

ତେବେ ଏଇ ଭିତରେ କିଛି ବନ୍ଧୁ, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ କିଛି ମିଥ୍ୟା ପ୍ରଚାର କରି ଏହି ଅଭିନବ ଯୋଜନା ର ନିନ୍ଦୁକ ସାଜିଛନ୍ତି। ଯଥା ବର୍ଷକୁ ଦଶ ହଜାର ଟଙ୍କାର ଆର୍ଥିକ ସହାୟତାରେ କଣ ଲାଭ ମିଳିବ, ଯୋଜନାର ସୁବିଧା ହୁଏତ ବହୁତ କମ ଲୋକଙ୍କୁ ମିଳିବ, ଆଧାର ଲିଙ୍କ କରିବାକୁ ଦୁର୍ନିତୀ ହେଉଛି ଏବଂ ଏ ଟଙ୍କା ଭବିଷ୍ୟତରେ ସୁଝିବାକୁ ପଡିବ ଇତ୍ୟାଦିର ମିଛ ପ୍ରଚାର ଅନେକ ଚାଲିଛି। ଏହା ସମ୍ପୂର୍ଣ୍ଣ ଭାବେ ଯେ ଅମୂଳକ ଓ ଉଦ୍ଦେଶ୍ୟ ପ୍ରଣୋଦିତ, ତାହା ସ୍ପଷ୍ଟ ଜଣାପଡୁଛି ଏବଂ ଆମ ରାଜ୍ୟର ମାଆ ଭଉଣୀମାନେ ସୁଭଦ୍ରା ଯୋଜନାର ସତ୍ୟତା ବାବଦରେ ମଧ୍ୟ ଅବଗତ ଅଛନ୍ତି।

କିଛିଦିନ ତଳେ ବିଭାଗୀୟ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ଓ ମୁଁ ଗୋଟିଏ ଜାଗାରେ ବସିବା ଭିତରେ ଶ୍ରୀମତୀ ପରିଡା ବାରିପଦା ର ଜଣେ ବନ୍ଧୁଙ୍କୁ ପଚାରିଲେ "୫/୧୦ ହଜାରରେ ଜଣେ ମୁଢି ତିଆରି ବ୍ୟବସାୟ ଆରମ୍ଭ କରିପାରିବ କି "। ବନ୍ଧୁ ଜଣଙ୍କର ଉତ୍ତର ବହୁ ସକାରାତ୍ମକ ଥୁଲା। ମୋର ମତ, ବର୍ଷକୁ ଦଶ ହଜାର ଟଙ୍କା ସହାୟତା ଭାବେ ପାଇବା ନିଶ୍ଚିତ ଭାବେ ଜଣେ ମହିଳାଙ୍କର ମନୋବଳକୁ ସୁଦୃଢ଼ କରିବ। ସେମାନଙ୍କର ଆର୍ଥିକ ମେରୁଦଣ୍ଡକୁ ସଶକ୍ତ କରିବ। ଅନେକ ହୁଏତ ଏହାକୁ ପିଲାଙ୍କର ପାଠ ପଢ଼ା ପାଇଁ ଖର୍ଚ୍ଚ କରିବେ ବୋଲି ମତ ଦେଉଛନ୍ତି, କିନ୍ତୁ ଯେଉଁ ଭଉଣୀ ମାନଙ୍କର ସାମାନ୍ୟ ଉଦଯୋଗୀ ବୁଦ୍ଧି ଥିବ, ସେମାନେ ଅନେକ ପ୍ରକାରର ବୃତ୍ତି ବା ବ୍ୟବସାୟ ଆରମ୍ଭ କରିପାରିବେ। ପ୍ରତି ଘରେ ଜଣେ, ଦୁଇଜଣ, ତିନିଜଣ, ଚାରିଜଣ ଏହି ସହାୟତା ପାଉଥିବାରୁ ଏହାକୁ ଆଗକୁ ନେବା ବି ସବୁ ଦିଗରୁ ସେମାନଙ୍କୁ ସୁବିଧା ହେବ। ବିଭିନ୍ନ ସ୍ଥାନ ରେ ଭଉଣୀମାନଙ୍କ ସହ କଥାବାର୍ତ୍ତା ରେ ମୋର ଯାହା ଆକଳନ ହେଲା, ଦୁଇ ତିନି ଜଣ ଭଉଣୀ ମିଶିଲେ ସୁଭଦ୍ରା ଯୋଜନା ସହାୟତା ଅର୍ଥରେ ବି ବିନା ବ୍ୟାଙ୍କଋଣ ରେ ସେମାନେ ଉଦ୍ୟାନ କୃଷି ଉତ୍ପାଦ, ଛତୁ ଚାଷ, ଦେଶୀ କୁକୁଡ଼ା ପାଳନ, ମହୁ ଚାଷ, ଖଲିପତ୍ର ପ୍ଲେଟ ତିଆରି, କ୍ଷୁଦ୍ର ମସଲା ତିଆରି କାରଖାନା, ଘଣା ତେଲ ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟା କରଣ, ମାଛ ପ୍ରକ୍ରିୟା କରଣ, ଶୁଖୁଆ ପ୍ରସ୍ତୁତି, ଜଳଖୁଆ ଦୋକାନ, ଲୁଗାବୁଣା ବ୍ୟବସାୟ, ବିଭିନ୍ନ ହସ୍ତଶିଳ୍ପ ର ବ୍ୟବସାୟ, ଟେରାକୋଟା ଠାରୁ ଆରମ୍ଭ କରି ୧୦୦୧ ପ୍ରକାରର ବିଭିନ୍ନ କ୍ଷୁଦ୍ର ବା ଅଣୁ ବ୍ୟବସାୟ ଆରମ୍ଭ କରିପାରିବେ। ସୁଭଦ୍ରା ଯୋଜନା ର ସମ୍ପୂର୍ଣ୍ଣ ସହାୟତା ତାଙ୍କର ମନୋବଳ ବଢାଇବା ସହ ୮-୧୦ ହଜାର ମାସିକ ରୋଜଗାର ପାଇଁ ରାସ୍ତା ମଧ୍ୟ ଦେଖାଇବ। ଯେଉଁମାନେ ବିଭିନ୍ନ ଉଦଯୋଗରେ ସଫଳ ହେବେ, ତାଙ୍କୁ ଆହୁରି ଆଗକୁ ନେବାପାଇଁ ହୁଏତ ରାଜ୍ୟ ସରକାର ଆଗାମୀ ଦିନରେ ସୁଭଦ୍ରା ଯୋଜନାର ପରବର୍ତୀ ପର୍ଯ୍ୟାୟ କୁ ଯାଇ ସେମାନଙ୍କୁ ହ୍ୟାଣ୍ଡ ହୋଲଡିଂ ସାହାଯ୍ୟ ଠାରୁ ଆରମ୍ଭ କରି ସଫଳ ବ୍ୟବସାୟୀ ଭାବେ ପ୍ରତିଷ୍ଠିତ କରିବାକୁ ଅନେକ ପଦକ୍ଷେପ ନେଇପାରନ୍ତି, ଯାହାଦ୍ୱାରା ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିବେ। ମା ଓ ଭଉଣୀ ମାନଙ୍କୁ ଶକ୍ତିଧାତ୍ରୀ ତଥା ସ୍ୱୟଂସିଦ୍ଧା କରିବାକୁ ହୁଏତ ଏହି ଯୋଜନା ଠୁ ଭଲ ପରିକଳ୍ପନା ନା ଅତୀତରେ କେବେ ଥିଲା, ନା ଆଗକୁ କେବେ ହେବ।




ଏହି ଯୋଜନାର ଉଦଘୋଷଣା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ତଥା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏବଂ ସୁଭଦ୍ରା ଟିମକୁ ଏହାର ଯୋଜନାବଦ୍ଧ କ୍ରିୟାନ୍ୱୟନ ପ୍ରକ୍ରିୟା ପାଇଁ ଧନ୍ୟବାଦ ନଜଣାଇଲେ ଅକୃତଜ୍ଞତା ହେବ।

**ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ ଓଡିଶା**

# ହ୍ୱାଇଟ ହାଉସ ରେସ

**ବାଦଲ ମହାପାତ୍ର**

ଆସନ୍ତା ନଭେମ୍ବର ୫ରେ ଅନୁଷ୍ଠିତ ହେବାକୁ ଯାଉଛି ଆମେରିକା ରାଷ୍ଟ୍ରପତି ନିର୍ବାଚନ। ଏହା ଉପରେ ସାରା ବିଶ୍ୱର ନଜର କେନ୍ଦ୍ରୀଭୂତ ହୋଇଛି। ଏଥର ଏହି ନିର୍ବାଚନରେ ରିପବ୍ଲିକାନ ପାର୍ଟୀ ପକ୍ଷରୁ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁନର୍ବାର ପ୍ରାର୍ଥୀ ହେଉଛନ୍ତି। ୪ ବର୍ଷ ତଳେ ଅନୁଷ୍ଠିତ ନିର୍ବାଚନରେ ସେ ଯେତେବେଳେ ନିର୍ବାଚନରେ ପରାଜିତ ହୋଇ ହ୍ୱାଇଟ ହାଉସ ଛାଡ଼ିଥିଲେ ସେତେବେଳେ ଘୋଷଣା କରିଥିଲେ ସେ ପୁଣି ଫେରିବେ। ରାଷ୍ଟ୍ରପତି ପଦ ପ୍ରତି ତାଙ୍କର ଥିଲା ଅହେତୁକ ମୋହ। ୨୦୨୦ରେ ଅନୁଷ୍ଠିତ ନିର୍ବାଚନରେ ସେ ବିଜୟୀ ହେବାର ସମ୍ଭାବନା ମଧ୍ୟ ଅଧିକ ଥିଲା। କିନ୍ତୁ କୋଭିଡ ମହାମାରୀ ଯୋଗୁଁ ଦେଶରେ ବହୁ ଲୋକ ପ୍ରାଣ ହରାଇବା, ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହେବା କାରଣରୁ ଯେଉଁ ଜନଅସନ୍ତୋଷ ସୃଷ୍ଟି ହୋଇଥିଲା, ସେଥିରେ ସେ ପରାଜିତ ହେଲେ। ପରାଜୟକୁ ସେ ସହଜରେ ଗ୍ରହଣ କରିପାରିଲେ ନାହିଁ। ନିର୍ବାଚନରେ ଗଡ଼ବଡ଼ କରାଯାଇ ତାଙ୍କୁ ପରାଜିତ କରାଯାଇଛି ବୋଲି ଅଭିଯୋଗ କରି ଟ୍ରମ୍ପ ସେତେବେଳେ ତାଙ୍କୁ ସହଯୋଗୀ ମାନଙ୍କୁ ଉତ୍ତ୍ୟକ୍ତ ହେବାକୁ ଉସୁକାଇଲେ। ଫଳସ୍ୱରୂପ ଦେଶରେ ହିଂସା ଓ ଅରାଜକତା ସୃଷ୍ଟି ହେଲା। ଆମେରିକାକୁ ଏହା ବେଶ ବଦନାମ କରିଥିଲା। ଟ୍ରମ୍ପଙ୍କ ବିରୋଧରେ ରୁଜୁ ହୋଇଥିଲା ମାମଲା। କୌଣସି ପ୍ରକାରେ ସେଥିରୁ ବର୍ତ୍ତିଯାଇ ସେ ପୁନର୍ବାର ରାଷ୍ଟ୍ରପତି ପଦ ଲାଗି ପ୍ରାର୍ଥୀ ହେବାକୁ ଯାଉଛନ୍ତି। ଏଥର ନିର୍ବାଚନରେ ପୁଣି ଟ୍ରମ୍ପ ଓ ବାଇଡେନଙ୍କ ମଧ୍ୟରେ ମୁକାବିଲା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ବୟସାଧିକ କାରଣରୁ ଶାରିରୀକ ଓ ମାନସିକ ଦୁର୍ବଳତାରୁ ବାଇଡେନ ରେସରୁ ଓହରିଯିବା ପରେ ଚିତ୍ର ପୁରା ବଦଳିଯାଇଛି। ରେସରୁ ଓହରିବାକୁ ବାଇଡେନଙ୍କ ଉପରେ ତାଙ୍କ ନିଜ ଦଳ ଡେମୋକ୍ରାଟିକ ପାର୍ଟୀର ସହଯୋଗୀମାନେ ଚାପ ପକାଇଥିଲେ। ଗତ ମାସରେ ଅନୁଷ୍ଠିତ ଏକ ବିତର୍କରେ ବାଇଡେନ ଯେପରି ଥଙ୍ଗେଇଲେ ଏବଂ ଟ୍ରମ୍ପଙ୍କ ପ୍ରଶ୍ନର ସଠିକ ଜବାବ ଦେବାରେ ବିଫଳ ହେଲେ ସେତେବେଳେ ସ୍ପଷ୍ଟ ହୋଇଗଲା ଯେ, ଏଥର ଟ୍ରମ୍ପଙ୍କ ସହ ମୁକାବିଲାରେ ବାଇଡେନ ତିଷ୍ଠିବେ ନାହିଁ। ଟ୍ରମ୍ପ ଏକପାଖିଆ ଭାବେ ବିଜୟ ହାସଲ କରିବେ। କିଛି ସପ୍ତାହ ତଳେ ପେନସିଲଭାନିଆରେ ଅନୁଷ୍ଠିତ ଏକ ନିର୍ବାଚନୀ ସଭାରେ ଟ୍ରମ୍ପଙ୍କ ଉପରେ ମରଣାନ୍ତକ ଆକ୍ରମଣ ହେଲା। ଏଥିରୁ ସେ ଅଳ୍ପକେ ବର୍ତ୍ତିଗଲେ। କିନ୍ତୁ ତାଙ୍କ ପ୍ରତି ଦେଶରେ ଯେପରି ସହାନୁଭୂତି ଲହର ସୃଷ୍ଟି ହେଲା ସେଥିରେ ତାଙ୍କର ବିଜୟ ସୁନିଶ୍ଚିତ ଜଣାପଡୁଥିଲା। ପାର୍ଟୀ ପକ୍ଷରୁ ମଧ୍ୟ ତାଙ୍କର ପ୍ରାର୍ଥୀତ୍ୱକୁ ଆନୁଷ୍ଠାନିକ





ଭାବେ ଘୋଷଣା କରାଗଲା। ନିର୍ବାଚନରେ ପରାଜୟ ସୁନିଶ୍ଚିତ ଅନୁଭବ କରିବା ପରେ ରାଷ୍ଟ୍ରପତି ବାଇଡେନ ରାଷ୍ଟ୍ରପତି ପଦ ଲାଗି ରେସରୁ ଓହରିଗଲେ। ତାଙ୍କ ପରିବର୍ତ୍ତେ ଦେଶର ଉପ-ରାଷ୍ଟ୍ରପତି କମଳା ହ୍ୟାରିସ ଡେମୋକ୍ରାଟିକ ପାର୍ଟୀର ପ୍ରାର୍ଥୀ ହୋଇଛନ୍ତି। କମଳାଙ୍କ ପ୍ରାର୍ଥୀତ୍ୱକୁ କେବଳ ବାଇଡେନ ନୁହଁନ୍ତି, ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏବଂ ପୂର୍ବତନ ଉପ-ରାଷ୍ଟ୍ରପତି ହିଲାରୀ କ୍ଲିଣ୍ଟନ ସମର୍ଥନ କରିଛନ୍ତି। ଭାରତୀୟ ବଂଶୋଦ୍ଭବ କମଳା ହ୍ୟାରିସଙ୍କ ପ୍ରାର୍ଥୀତ୍ୱ ଘୋଷଣା ପରେ ମୁକାବିଲାର ଚିତ୍ର ଧିରେ ବଦଳିବା ଆରମ୍ଭ କରିଛି। ତାଙ୍କ ତୁଳନାରେ କମଳା ହ୍ୟାରିସଙ୍କ ଲୋକପ୍ରିୟତା ଆଗରେ ରହିଛି ବୋଲି ଏବେ ଅନୁଭବ କରାଯାଉଛି। ବାଇଡେନଙ୍କ ଭଳି ଟ୍ରମ୍ପ ମଧ୍ୟ ପରିଣତ ବୟସରେ ଉପନୀତ। ତାଙ୍କୁ ଏବେ ୭୮ ବର୍ଷ। ମାନସିକ ସ୍ତରରେ ସେ ଜଣେ ଅସ୍ଥିର ବ୍ୟକ୍ତି ବୋଲି ଅନେକ ସମୟରେ ମନେ ହୁଏ। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ରର ରାଷ୍ଟ୍ରପତି ଜଣେ ଶାନ୍ତ, ସ୍ଥିତପ୍ରଜ୍ଞ ଏବଂ ବିଚାରବନ୍ତ ବ୍ୟକ୍ତିଙ୍କ ଆବଶ୍ୟକତା ରହିଛି। ଟ୍ରମ୍ପ ସେଭଳି ନୁହଁନ୍ତି। ଅନ୍ୟ ପକ୍ଷରେ ଉପ-ରାଷ୍ଟ୍ରପତି ଭାବେ କମଳା ହ୍ୟାରିସ ତାଙ୍କ ଯୋଗ୍ୟତା ଓ ଦକ୍ଷତା ପ୍ରତିପାଦିତ କରିସାରିଛନ୍ତି। ତାଙ୍କ ଉପରେ ଦେଶବାସୀଙ୍କ ଅଧିକ ଭରସା ରହିଛି। ସଦ୍ୟ ନିର୍ବାଚନୀ ସର୍ଭେ ରିପୋର୍ଟ ଅନୁଯାୟୀ କମଳା ହ୍ୟାରିସ ଟ୍ରମ୍ପଙ୍କୁ ଅନେକ ରାଜ୍ୟରେ ପଛରେ ପକାଇ ଦେଇଛନ୍ତି। ତେଣୁ ହ୍ୱାଇଟ ହାଉସକୁ ଫେରିବା ଟ୍ରମ୍ପଙ୍କ ଲାଗି ଏତେ ସହଜ ହେବ ନାହିଁ ବୋଲି କୁହାଯାଇପାରେ। ଟ୍ରମ୍ପଙ୍କ ସବୁଠାରୁ ବଡ଼ ତ୍ରୁଟି ବା ଦୋଷ ହେଲା ସେ ନିର୍ବାଚନ ପ୍ରଚାରରେ ପ୍ରତିପକ୍ଷଙ୍କ ବିରୋଧରେ ଅତି କଟୁ ବାକ୍ୟ ପ୍ରୟୋଗ ପ୍ରୟୋଗ କରନ୍ତି। ଅନେକ ସମୟରେ ତାଙ୍କର ଆଶାଳୀନ ମନ୍ତବ୍ୟକୁ ବୁଦ୍ଧିଜୀବୀମାନେ ସହଜରେ ଗ୍ରହଣ କରିପାରନ୍ତି ନାହିଁ। କିଛି ଦିନ ତଳେ ଟ୍ରମ୍ପ କହିଥିଲେ ଯେ, କମଳା ହାରିସ ଯଦି ଆମେରିକାର ରଷ୍ଟ୍ରପତି ହେବେ ତେବେ ଆମେରିକାର ଭାବମୂର୍ତ୍ତୀ, ବିଶ୍ୱରେ ଆମେରିକାର ନେତୃତ୍ୱ ଦୁର୍ବଳ ହୋଇଯିବ। କମଳାଙ୍କୁ କେହି କାତର କରିବେ ନାହିଁ। ସେ ଏକ ଖେଳଣା ଭଳି ପ୍ରତୀୟମାନ ହେବେ। ଏହା ପରେ ସେ କହିଲେ ଯେ, କମଳାଙ୍କଠାରୁ ସେ ଦେଖିବାକୁ ଅଧିକ ଭଲ। ଆମେରିକାର ଜଣେ ପୂର୍ବତନ ରାଷ୍ଟ୍ରପତିଙ୍କଠାରୁ ଏଭଳି ସଂକୀର୍ଣ୍ଣ ଏବଂ ନିମ୍ନ ସ୍ତରର ମନ୍ତବ୍ୟ ଆଶା କରାଯାଏନି। ତାଙ୍କର ଏଭଳି ମନ୍ତବ୍ୟ ତାଙ୍କ ଲୋକପ୍ରିୟତାକୁ ହ୍ରାସ କରୁଛି, ତାଙ୍କ ସ୍ଥିତି ଦୁର୍ବଳ କରୁଛି। ଏବେ ଦେଖାଯାଉଛି ଆମେରିକାର ଯୁବ ଭୋଟରଙ୍କ ମଧ୍ୟରେ କମଳାଙ୍କ ଗ୍ରହଣୀୟତା ଅଧିକ ରହୁଛି। ତାଙ୍କ ବ୍ୟକ୍ତିତ୍ୱ ଯୁବ ଗୋଷ୍ଠୀକୁ ଆକୃଷ୍ଟ କରୁଛି। ଏସୀୟ ଏବଂ ଆଫ୍ରିକୀୟ ବଂଶୋଦ୍ଭବ ଆମେରିକୀୟଙ୍କ ମଧ୍ୟରେ କମଳାଙ୍କ ପ୍ରତି ଅଧିକ ସମର୍ଥନ ରହିବା ସ୍ୱାଭାବିକ। ୨୫ରୁ ୩୫ ବର୍ଷ ବୟସ୍କ ଭୋଟର ହେଉଛନ୍ତି ଦେଶର ମୋଟ ଭୋଟରଙ୍କ ସଂଖ୍ୟାର ୨୦%। ଯଦି ଏହି ବର୍ଗର ଭୋଟରଙ୍କ ମଧ୍ୟରୁ ୮୦% କମଳାଙ୍କ ସପକ୍ଷରେ ମତଦାନ କରନ୍ତି ତେବେ କମଳାଙ୍କ ବିଜୟ ସୁନିଶ୍ଚିତ। କମଳାଙ୍କ ଲୋକପ୍ରିୟତା ବୃଦ୍ଧିକୁ ଦୃଷ୍ଟିରେ ରଖି ଟ୍ରମ୍ପ ଜଣେ ଭାରତୀୟ ବଂଶୋଦ୍ଭବ ନେତ୍ରୀ ତୁଳସୀ ଗବାର୍ଡଙ୍କ ସହାୟତା ଲୋଡ଼ିଛନ୍ତି। ମହିଳା ଏବଂ ଭାରତୀୟ ବଂଶୋଦ୍ଭବ ଭୋଟରମାନଙ୍କୁ ସେ ଟ୍ରମ୍ପଙ୍କ ସପକ୍ଷରେ ପ୍ରଭାବିତ କରିପାରିବେ ବୋଲି ଆଶା କରାଯାଉଛି। କିନ୍ତୁ ତୁଳସୀ ଗବାର୍ଡ ଏଥିରେ କେତେଦୂର ନିଷ୍ଠାପର ଭାବେ ଉଦ୍ୟମ କରିବେ ତାହା ଆଉ ଏକ ପ୍ରଶ୍ନ। କାରଣ ଏକଦା ସେ ଟ୍ରମ୍ପଙ୍କ ବିରୋଧୀ ଥିଲେ। ଟ୍ରମ୍ପ ଓ କମଳାଙ୍କ ମଧ୍ୟରେ ମୁକାବିଲାରେ ଭାରତୀୟ ବଂଶୋଦ୍ଭବମାନେ କାହାକୁ ସମର୍ଥନ କରିବେ ସେଥିନେଇ ଦ୍ୱନ୍ଦ୍ୱରେ ଅଛନ୍ତି। ଗୋଟିଏ ପଟେ କମଳା ଜଣେ ଭାରତୀୟ ବଂଶୋଦ୍ଭବ ହୋଇଥିବାରୁ ତାଙ୍କ ପ୍ରତି ସମର୍ଥନ ବଢୁଛି। କିନ୍ତୁ କମଳା କେବେ ଭାରତ ପ୍ରତି ଅନୁକୁଳ ଆଭିମୁଖ୍ୟ ପୋଷଣ କରିନାହାଁନ୍ତି। ବରଂ ଟ୍ରମ୍ପ ରାଷ୍ଟ୍ରପତି ଥିବା ବେଳେ ଭାରତକୁ ସୁହାଇଲା ଭଳି ଅନେକ ନିଷ୍ପତ୍ତି ନେଇଥିଲେ। ତେଣୁ ଭାରତୀୟ ବଂଶୋଦ୍ଭବ ଆମେରିକା ନାଗରିକଙ୍କ ମଧ୍ୟରେ ମତ ବିଭାଜନ ହୋଇଛି। ବାଇଡେନ ତାଙ୍କ ଶାସନ କାଳରେ ଆତଙ୍କବାଦୀଙ୍କ ପ୍ରତି କୋହଳ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ତାଙ୍କ ପାଇଁ ଆଫଗାନିସ୍ତାନରେ ତାଲିବାନ ପୁଣି କ୍ଷମତାକୁ ଫେରିଛି। ବିଶ୍ୱରେ ଦୁଇ ଦୁଇଟି ଯୁଦ୍ଧ ଚାଲିଛି। ବାଇଡେନ ଏହାର ସମାଧାନ ଲାଗି ନିଜ ଦାୟିତ୍ୱ ନିର୍ବାହରେ ବିଫଳ ହୋଇଛନ୍ତି। ଦେଶର ଅର୍ଥନୀତି ମଧ୍ୟ ବିଗତ ୪ ବର୍ଷ ଭିତରେ ଖରାପ ହୋଇଛି। ମୁଦ୍ରାସ୍ଫୀତି, ବେକାରୀ ହାର ବଢ଼ିଛି, ଅଭିବୃଦ୍ଧି ହାର କମିଛି। ସେଥିପାଇଁ ୟୁଏସ ଫେଡେରା ରିଜର୍ଭକୁ ସୁଧ ହାର ବଢ଼ାଇବାକୁ ପଡ଼ିଛି ଏବଂ ସାରା ବିଶ୍ୱରେ ଷ୍ଟକ ମାର୍କେଟ ଏହା ଦ୍ୱାରା ପ୍ରଭାବିତ ହୋଇଛି। ଏଥିଲାଗି କମଳାଙ୍କୁ ମୂଲ୍ୟ ଦେବାକୁ ପଡ଼ିପାରେ।

**ସହିଦ ନଗର, ଭୁବନେଶ୍ୱର**

# ଦୁର୍ନୀତି ହେଉଛି ନୀତିର ପ୍ରଥମ ପାହାଚ

**ସୁବାସ ଷଡଙ୍ଗୀ**

କିଛି ବର୍ଷ ତଳେ ଜଣେ ବରିଷ୍ଠ ସାମ୍ବାଦିକଙ୍କ ଘରେ ଜଣେ ନେତାଙ୍କ ସହିତ ଦେଖା ହୋଇଥିଲା। କଥାଛଳରେ ସେ କହିଥିଲେ, ଆଉ ଏଣିକି ରାଜନୀତି କରିହେବ ନାହିଁ।

ମୁଁ ପଚାରିଥିଲି, କଣ ପାଇଁ ? ସେ କହିଲେ, ସାଧାରଣ ଲୋକଙ୍କ ଧାରଣା ସବୁ ରାଜନୈତିକ ନେତା ଚୋର। ଏ ଦେଶଟାକୁ ଲୁଟ କରିନେବେ। ଯେମିତି ସବୁ ବାଘ ମଣିଷ ଖାଆନ୍ତି ନାହିଁ, କିନ୍ତୁ ବାଘ ଦେଖିଲେ, କାଳେ ଖାଇ ଦେବ, ଏଭଳି ଧାରଣା ସଭିଙ୍କର। କିଛି ନେତାଙ୍କ ପାଇଁ ସବୁ ନେତା ବଦନାମ।

ଆଗରୁ ଏକ ଧାରଣା ଥିଲା, ନେତାମାନେ ସବୁଠୁ ଅଧିକ ଦୁର୍ନୀତିଗ୍ରସ୍ତ। ପାଞ୍ଚବର୍ଷ କୌଣସି ପ୍ରକାରେ କ୍ଷମତାରେ ରହିଗଲେ, ସାରାଜୀବନ ପାଇଁ ଧନ ରଖିଦେବେ। ଆଗାମୀ ପିଢି ବସି ଖାଇଲେ ମଧ୍ୟ ସରିବ ନାହିଁ। ଦୁଇ ହଜାର ମସିହା ପୂର୍ବର ଘଟଣା। ସେତେବେଳେ କଂଗ୍ରେସ ଦଳ କ୍ଷମତାରେ। ବିରୋଧୀ ଦଳ ହେଉଛି ଜନତା ଦଳ। ସେତେବେଳେ କଂଗ୍ରେସ ନେତାଙ୍କ ନାମରେ ସ୍ଲୋଗାନ ତିଆରି ହୋଇଥିଲା, ନେତାଙ୍କ ସମ୍ପତି, ରାଜ୍ୟର ପ୍ରଗତି। ତଳେ କିଛି କଂଗ୍ରେସ ନେତାଙ୍କ ବିରାଟକାୟ ଅଟାଳିକାର ଫଟୋ ଛାପା ହୋଇଥିଲା।ସେ ସମୟର ଲୋକମାନେ ମଧ୍ୟ ବିରୋଧୀ ଦଳର ପ୍ରଚାରକୁ ଗ୍ରହଣ କରିଥିଲେ। କଂଗ୍ରେସ କ୍ଷମତାଚ୍ୟୁତ ହୋଇଥିଲା।

କିନ୍ତୁ ଦୁଇ ହଜାର ମସିହାରେ ନବୀନବାବୁ କ୍ଷମତାକୁ ଆସିବା ପରେ ସବୁ କିଛି ଓଲଟପାଲଟ ହୋଇଗଲା। କୌଣସି ନେତାଙ୍କ ନାମରେ ଦୁର୍ନୀତି ଅଭିଯୋଗ ଆସିଲା ନାହିଁ। ଯଦି କିଛି ଅଭିଯୋଗ ଆସିଲା, ତେବେ ତାହା ହେଉଛି ପରକିୟା ପ୍ରୀତି ବା ବିଭିନ୍ନ ମର୍ଡର କେସ ସହିତ ସିଧା ବା ବଙ୍କା ସମ୍ପର୍କ। ସବୁ ରାଜନୈତିକ ନେତା ଗୋଟା ତୁଳସି ପାଲଟିଗଲେ। ଅବଶ୍ୟ ପ୍ରଥମ ପାଳିରେ ନବୀନବାବୁ ତିନି ଜଣ ମନ୍ତ୍ରୀଙ୍କୁ ଦୁର୍ନୀତିର ଗନ୍ଧ ବାରି ମନ୍ତ୍ରୀ ମଣ୍ଡଳରୁ ବହିଷ୍କାର କରିଦେବା ପରେ ଦୁର୍ନୀତି ପୁରାପୁରି ବନ୍ଦ ହୋଇଗଲା। ଏମିତି ଏକ ଧାରଣା ଲୋକମାନଙ୍କ ମନରେ ଦେଖା ଦେଲା। ଯଦି କୋଉ ମନ୍ତ୍ରୀ ପଇସା ଖାଇଥାନ୍ତେ, ତେବେ ନବୀନବାବୁ ତାଙ୍କୁ ମନ୍ତ୍ରୀ ମଣ୍ଡଳରୁ ବାହାର କରିସାରନ୍ତେଣି। ଏଭଳି ଧାରଣା ଲୋକମାନଙ୍କ ମନରେ ଦେଖାଦେବା ସ୍ୱାଭାବିକ। କାରଣ, ନବୀନବାବୁ ନିଜର ଭାବମୂର୍ତ୍ତିକୁ ତାଙ୍କ ପୋଷାକ ଭଳି ପୁରା ସଫା କରି ରଖିଥିଲେ।

ବୋଧହୁଏ ସେ ଓଡ଼ିଶା ଲୋକଙ୍କ ନେଚର ଜାଣିଥିଲେ। କୁକୁର ଉପରକୁ ରୁଟି ଫିଙ୍ଗିଲା ଭଳି ରୁଟି, ( ୧ ଟଙ୍କାରେ ଚାଉଳ, ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ଟଙ୍କା, ପରେ କାଳିଆ ବଳିଆ ନାମରେ



ଅନେକ କିଛି) ଫିଙ୍ଗି ସେ ଲୋକଙ୍କ ପ୍ରିୟପାତ୍ର ହେଲେ। ଶାସନ ଭଲ ଚାଲିଲା ବୋଲି ଏକ ଧାରଣା ସୃଷ୍ଟି ହେଲା।

ଯେମିତି ଇଂରେଜ ଜମାନାରେ ଇଂରେଙ୍କ ନାମରେ ଆମ ଦେଶର ଜମିଦାର ଶ୍ରେଣୀ ସବୁଠାରୁ କ୍ଷମତାବାନ ହୋଇ ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର କରୁଥିଲେ, ଠିକ ସେମିତି ନବୀନବାବୁଙ୍କ ଶାସନରେ ଅଧିକ କ୍ଷମତାଶାଳୀ ହେଲ ଅଫିସର। ସେମାନେ ପାଲଟିଗଲେ ଜମିଦାର। ବ୍ଲକ ଠାରୁ ଆରମ୍ଭ କରି ସଚିବାଳୟ ପର୍ଯ୍ୟନ୍ତ ସବୁଠି ତାଙ୍କ ମନମାନି ଚାଲିଲା।

ଦୁଇ ହଜାର ମସିହାରେ ନବୀନବାବୁ କ୍ଷମତାକୁ ଆସିବା ପରେ ଅଫିସର ରାଜ ଆରମ୍ଭ ହେଲା। ପ୍ୟାରିବାବ ସଚିବାଳୟ ନ ଯାଇ ମଧ୍ୟ ସମାନ୍ତରାଳ ଶାସନ ଚଳାଇଲେ। ବାସ ତାପରେ କୌଣସି ଅଫିସର ଆଁ ପଛକୁ ଚାହିଁ ନାହାନ୍ତି।

ଏତେ କଥା ଉପରେ କହିବାର ଅର୍ଥ ହେଉଛି, ଏବେ ସବୁ ଦିନ ଖବରକାଗଜରେ ବାହାରୁଛି, ଅମୁକ ଅଫିସରଙ୍କ ଘରେ ଭିଜିଲାନ୍ସ ଚଢଉ। କୋଟି କୋଟି ଟଙ୍କାର ଆୟ ବର୍ହିଭୁତ ସମ୍ପତି ଠାବ। କାହାର ୮୪ ଟି ଜମି ତ ଆଉ କାହାର ୩୪। ବୋଧହୁଏ ଜମି ଓ ସୁନା କିଣିବା ପାଇଁ ଅଫିସରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା। ଜଣେ ଅଫିସର ଏତେ ବିପୁଳ ସମ୍ପତିର ଅଧିକାରୀ ହେଲେ ଅଥଚ ଭିଜିଲାନ୍ସ ବିଭାଗ ପୂର୍ବରୁ ଟେର ପାଇଲା ନାହିଁ, ଏକଥା କଣ ବିଶ୍ୱାସଯୋଗ୍ୟ ? କାରଣ ନେତାଙ୍କ ବିନା ସହଯୋଗରେ ଲ୍ୟୁକ୍ରେଟିଭ ପୋଷ୍ଟିଙ୍ଗ ଅଫିସର ପାଇବା ସମ୍ଭବ ନୁହେଁ। ଯଦି ଅଫିସରଙ୍କଘରୁ କୋଟି କୋଟି ଟଙ୍କାର ସମ୍ପତି ଜବତ କରାଯାଉଛି, ତେବେ ମନ୍ତ୍ରୀଙ୍କ ଘରୁ କେତେ ନ ବାହାରିବ ? କାହିଁ ମୋ ଜାଣିବାରେ କୌଣସି ଜଣେ ନେତାଙ୍କ ଘରେ ଭିଜିଲାନ୍ସ ଜଢଉ ହୋଇ ନାହିଁ କି, ଖବରକାଗଜବାଲା, ସେମାନଙ୍କ ଦୁର୍ନୀତି କଥା ପ୍ରକାଶ କରି ନାହାନ୍ତି।

ଅଫିସରଙ୍କ ଘର ତଲାସ କରି ଆୟ ବର୍ହିଭୁତ ଦନ ବାହାର କରିବା ସହଜ। ଏଣୁ ଭିଜିଲାନ୍ସ ଏଇ କାମଟିକୁ ଅତି ସହଜରେ କରୁଛି। ଯାହାକୁ କୁହାଯାଏ ଶସ୍ତା ଲୋକପ୍ରିୟତା। ସର୍କାରୀ ଅଫିସରଙ୍କ ସହିତ ନେତାଙ୍କ ସମ୍ପତି ଯାଞ୍ଚ କରାଯାଉ।

ଏ କ୍ଷେତ୍ରରେ ବିରୋଧୀ ଦଳର ଭୂମିକା କିଛି କମ ନୁହେଁ। ସେମାନେ ସରକାରୀ କଳ ଉପରେ ନଜର ରଖିବା ଦରକାର। କାମ ଠିକ ହେଉଛଇ କି ନାହିଁ ତାହାର ତନଖି କରିବା ଦରକାର। ଗୋଳମାଳିଆ ହେଲେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ତଦନ୍ତ ଦାବି କରିପାରିବେ। ସେଥିପାଇଁ ବିଧାନସଭା ଅଛି। କିନ୍ତୁ କେହି କିଛି କରନ୍ତି ନାହିଁ। ସବୁ କିଛି ତା ବାଟରେ ଚାଲେ। ଯେମିତି ରାସ୍ତାରେ ଦୁର୍ଘଟଣା ହେଲେ। ପରେ ଯାଇ ହଂପ ତିଆରି ହୁଏ, ତା ଆଗରୁ ଯେତେ ଦାବି କଲେ ସରକାର ଶୁଣନ୍ତି ନାହିଁ। ଠିକ ସେମିତି।

ଆମେ କିଛି ଦାନ ନେଇ ଖୁସ କି, ୮୪ ଜମି ପ୍ଲଟ କିଣି ଖୁସ। ଏହାହିଁ ନୀତି। ନୀତି ନ ଥିଲେ ଦୁର୍ନିତି ଆସିବ କେଉଁଠୁ ?।

**ମୋବାଇଲ୍: ୯୪୩୯୬୫୨୩୨୨**

## ଏନଡିଏରେ ଆସନ ବଣ୍ଟନ ପ୍ରକ୍ରିୟା ଆରମ୍ଭ

# ବିଜେପି ଦେଢ଼ଶହ ଆସନରେ ଲଢ଼ିବ



ମୁମ୍ବାଇ, ୧୦।୯: ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପାଇଁ ଶାସକ ଏନଡିଏରେ ଆସନ ବୁଝାମଣା ପ୍ରକ୍ରିୟା ଆରମ୍ଭ ହୋଇଛି। ବିଜେପି, ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ଏବଂ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ଏଥର ନିର୍ବାଚନରେ ମିଳିତ ଭାବେ ଲଢ଼ିବେ। ୨୮୮ ଆସନ ବିଶିଷ୍ଟ ରାଜ୍ୟ ବିଧାନସଭାର ୧୪୦ରୁ ୧୫୦ ଆସନରେ ବିଜେପି ପ୍ରାର୍ଥୀ ଦେବ ବୋଲି ବିଚାର କରୁଛି। ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ୮୦ ଏବଂ ଅବଶିଷ୍ଟ ଆସନରେ ଏନସିପି ପ୍ରାର୍ଥୀ ଦେବ। ଅଜିତ ପାୱାରଙ୍କ ନେତୃତ୍ୱାଧିନ ହାରାହାରି ୫୦ରୁ ୫୫ ଆସନରେ ପ୍ରାର୍ଥୀ ଦେବ। ଆଉ କିଛି ଛୋଟ ଦଳକୁ ୩ରୁ ୫ଟି ଆସନ ଛାଡ଼ିଦିଆଯାଇପାରେ। ଗତ ଲୋକସଭା ନିର୍ବାଚନରେ ରାଜ୍ୟର ୪୮ଟି ଆସନ ମଧ୍ୟରୁ କଂଗ୍ରେସ-ଏନସିପି (ଶରଦ ପାୱାର ଗୋଷ୍ଠୀ) ଏବଂ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧିନ ଶିବସେନା ୩୦ଟି ଆସନ ଜିତିଥିଲା। ଏନଡିଏକୁ ୧୮ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତେଣୁ ବିଧାନସଭା ନିର୍ବାଚନରେ ମଧ୍ୟ ଏନଡିଏ ଏବଂ ମହାଅଗାଡ଼ି ମଧ୍ୟରେ କଡ଼ା ମୁକାବିଲା ହେବ ବୋଲି ଆଶା କରାଯାଉଛି। ସରକାର ଗଠନ ଲାଗି ମ୍ୟାଜିକ ନମ୍ବର ହେଲା ୧୪୫। ବିଜେପି ଅତି କମରେ ୧୦୦ ଆସନ ପାଇଲେ ସରକାର ଗଠନ କରିପାରିବ ବୋଲି ଆଶା ରଖିଛି। ଏଥିପାଇଁ ଦଳ ପ୍ରାୟ ଦେଢ଼ ଶହ ଆସନରେ ପ୍ରାର୍ଥୀ ଦେବାକୁ ଚିନ୍ତା କରୁଛି।

### ମହାରାଷ୍ଟ୍ର ବିଧାନସଭା ନିର୍ବାଚନ

୨୦୧୯ ବିଧାନସଭା ନିର୍ବାଚନରେ ବିଜେପି-ଶିବସେନା ମେଣ୍ଟକୁ ସ୍ପଷ୍ଟ ବହୁମତ ମିଳିଥିଲେ ମଧ୍ୟ ନିର୍ବାଚନ ପରେ ଶିବସେନା ମେଣ୍ଟରୁ ଓହରିଯାଇ କଂଗ୍ରେସ ଓ ଏନସିପି ସମର୍ଥନରେ ସରକାର ଗଠନ କରିଥିଲା। ଉଦ୍ଧବ ଠାକରେ ହୋଇଥିଲେ ମୁଖ୍ୟମନ୍ତ୍ରୀ। କିନ୍ତୁ ୨୦୨୨ରେ ଶିବସେନାରେ ବିଭାଜନ ହୋଇଥିଲା ଏବଂଏକନାଥ ସିନ୍ଦେଙ୍କ ନେତୃତ୍ୱରେ ବିଜେପି-ଶିବସେନା ମିଳିତ ସରକାର ଗଠିତ ହୋଇଥିଲା। ପରେ ଅଜିତ ପାୱାରଙ୍କ ନେତୃତ୍ୱରେ ଏନସିପିର ଏକ ଗୋଷ୍ଠୀ ମୂଳ ଦଳରୁ ବାହାରିଆସି ଏନଡିଏରେ ସାମିଲ ହୋଇଥିଲା। ଏବେ ତିନି ଦଳର ମେଣ୍ଟ ସରକାର ଚାଲିଛି। କିନ୍ତୁ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ପୁଣି ମୂଳ ଦଳକୁ ଫେରିବାକୁ ବିଚାର କରୁଥିବା ଜଣାଯାଇଛି। ଯଦି ଏହା ହୁଏ ତେବେ ବିଜେପି ୧୮୦ ଏବଂ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଶିବସେନା ୧୦୦ ଆସନ ଲଢ଼ିବ।

## ପୁଣି ଝୁଲି ପଡ଼ିଲେ ଜଣେ ଆଇଆଇଟି ଛାତ୍ର

ଗୌହାଟୀ, ୧୦।୯: ପୁଣି ଝୁଲି ପଡ଼ିଲେ ଜଣେ ଆଇଆଇଟି ଛାତ୍ର। ଗୌହାଟୀ ଆଇଆଇଟି କଲେଜରେ ଘଟିଛି ଏପରି ଘଟଣା। ମୃତକ ଜଣେ ୨୧ ବର୍ଷୀୟ ଯୁବକ ବୋଲି ଜଣାଯାଇଛି। ଗୌହାଟୀ ଆଇଆଇଟି କଲେଜରେ ଚଳିତ ବର୍ଷ ଏହା ଚତୁର୍ଥ ଘଟଣା ହୋଇଥିବା ବେଳେ ଖବର ପ୍ରଚାରିତ ହେବା ପରେ ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

ମୃତକଙ୍କ ଘର ଉତ୍ତରପ୍ରଦେଶରେ ବୋଲି ଜଣାଯାଇଛି। ଛାତ୍ରଜଣକ ନିଜ ହଷ୍ଟେଲ ରୁମ୍ କବାଟ ବହୁ ସମୟ ପର୍ଯ୍ୟନ୍ତ ବନ୍ଦ ରଖିଥିବାରୁ ତାଙ୍କ ସାଙ୍ଗମାନେ କବାଟ ବାଡ଼େଇଥିଲେ। ମାତ୍ର ସେ କବାଟ ନ ଖୋଲିବାରୁ ଏନେଇ ହଷ୍ଟେଲ କର୍ତ୍ତୃପକ୍ଷ ଓ ପୁଲିସ୍‌କୁ ସୂଚନା ଦିଆଯାଇଥିଲା। ଖବର ପାଇ ପୁଲିସ୍ ପହଞ୍ଚିବା ପରେ କବାଟ ଭଙ୍ଗାଯାଇ ଛାତ୍ରଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା। ପୁଲିସ୍ ମୃତଦେହ ଜବତ କରି ଗୌହାଟୀ ମେଡିକାଲ କଲେଜକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଗୌହାଟୀ ଆଇଆଇଟି କଲେଜରେ ବାରମ୍ବାର ଏପରି ଘଟଣା ଘଟୁଥିବା ବେଳେ ଏହାକୁ ନେଇ ଛାତ୍ରମାନେ ତାତି ଯାଇଛନ୍ତି। ଏପରିକି ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ କଲେଜ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାଯାଇଛି। ଗତ ମାସ ୯ ତାରିଖରେ ୨୪ ବର୍ଷୀୟ ଜଣେ ହଷ୍ଟେଲ ଛାତ୍ରଙ୍କୁ ନିଜ ହଷ୍ଟେଲ ରୁମ୍‌ରୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।



## ନୀତିଶଙ୍କ ସହ ଆଉ ଥରେ ବୁଝାମଣା ହେବନି

ପାଟନା, ୧୦।୯: ବିହାର ବିଧାନସଭା ନିର୍ବାଚନକୁ ଆଉ ପାଖାପାଖି ୧ ବର୍ଷ ବାକିଥିବା ବେଳେ ନୀତିଶଙ୍କ ଜେଡିୟୁ ସହ ଆରଜେଡିର ପୁନର୍ବାର ବୁଝାମଣା ସମ୍ଭାବନା ନାହିଁ ବୋଲି ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି। ତେଜସ୍ୱୀ କହିଛନ୍ତି ଯେ, ନୀତିଶଙ୍କ ଉପରେ ଅତୀତରେ ଦୁଇଥର ବିଶ୍ୱାସ କରି ଆମେ ଧୋକ୍କା ଖାଇଛୁ। ଆଉ ଥରେ ତାଙ୍କ ସୁଯୋଗ ଦେବା ସମ୍ଭବ ନୁହେଁ। ଏଥିପାଇଁ ସେ ଭରସା ଯୋଗ୍ୟ ନୁହଁନ୍ତି। ୨୦୧୫ରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଜେଡିୟୁ-ଆରଜେଡି ମେଣ୍ଟ ବିଜୟୀ ହୋଇଥିଲା। ନୀତିଶ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୭ରେ ସେ ଆରଜେଡି ହାତ ଛାଡ଼ି ବିଜେପି ହାତ ଧରିଲେ ଏବଂ ପୁନର୍ବାର ବୁଖ୍ୟମନ୍ତ୍ରୀ ହେଲେ। ୨୦୨୨ରେ ପୁନର୍ବାର ବିଜେପି ହାତ ଛାଡ଼ି ଆରଜେଡିର ଶରଣ ପଶିଲେ। ଆମେ ତାଙ୍କ ପାଖକୁ ଯାଇନଥିଲୁ। ସେ ମୋ ମା'(ରାବରୀ ଦେବୀ)ଙ୍କ ପାଖକୁ ଆସି ହାତ ଯୋଡ଼ିଲେ ଏବଂ ଆମେ ତାଙ୍କୁ ସହଯୋଗର ହାତ ବଢ଼ାଇଲୁ। ୨୦୨୪ ଜାନୁଆରୀରେ ସେ ପୁଣି ଆମକୁ ଧୋକ୍କା ଦେଇ ଏନଡିଏରେ ସାମିଲ ହେଲେ। ଏବେ ସେ ବିହାରରେ କେବଳ ଏକ ମୁଖା ପାଲଟିଛନ୍ତି। ଅସଲ କ୍ଷମତା ବିଜେପି ପାଖରେ ଅଛି। ବିଜେପିର କିଛି ନେତା ପରଦା ପଛରେ ରହି ତାଙ୍କୁ ନିୟନ୍ତ୍ରଣ କରୁଛନ୍ତି। ଗତ ଦୁଇ ଦଶନ୍ଧି ଭିତରେ ନୀତିଶ ବାରମ୍ବାର ରଙ୍ଗ ବଦଳାଇଛନ୍ତି ବୋଲି ତେଜସ୍ୱୀ କହିଛନ୍ତି।

ଆସନ୍ତା ବିଧାନସଭା ନିର୍ବାଚନରେ ବିହାରରେ ଜନମତ ତାଙ୍କ ସପକ୍ଷରେ ଯିବ କି ବୋଲି ପ୍ରଶ୍ନର ଜବାବରେ ସେ କହିଛନ୍ତି ଯେ, ବିହାରବାସୀ ଏହାର ବିଚାର କରିବେ। ବିହାରବାସୀ ଆରଜେଡିକୁ ୫ ବର୍ଷ ପାଇଁ ସୁଯୋଗ ଦେବେ ବୋଲି ସେ ଆଶା କରୁଛନ୍ତି। ରାଜ୍ୟରେ ବେକାରୀ, ଦାରୀଦ୍ର୍ୟ ଏବଂ ଦୁର୍ନୀତି ବଢ଼ିଛି। ଏଥର ବିହାରବାସୀ ନୀତିଶଙ୍କୁ ଏହାର ଜବାବ ଦେବେ ବୋଲି ସେ ଆଶା କରୁଛନ୍ତି। ନୀତିଶ ବହୁ ବର୍ଷ ହେବ ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ରାଜ୍ୟର ବିକାଶ ନିମନ୍ତେ କିଛି କରି ନାହାଁନ୍ତି। ଏଥର ରାଜ୍ୟବାସୀ ତାଙ୍କୁ ଉଚିତ ଜବାବ ଦେବେ।

## ରାହୁଲଙ୍କ ମନ୍ତବ୍ୟ ବିପଜ୍ଜନକ: ବିଜେପି

ନୂଆଦିଲ୍ଲୀ, ୧୦।୯: ଆମେରିକା ଗସ୍ତରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧି ସେଠାରେ ଦେଇଥିବା ମନ୍ତବ୍ୟକୁ ବିଜେପି ସମାଲୋଚନା କରିଛି। କେନ୍ଦ୍ର ମନ୍ତ୍ରୀ ହରଦୀପ ସିଂହ ପୁରି ରାହୁଲଙ୍କ ମନ୍ତବ୍ୟକୁ ସମାଲୋଚନା କରି କହିଛନ୍ତି ଯେ, ରାହୁଲ ଯାହା କହିଛନ୍ତି ତାହା ଅତ୍ୟନ୍ତ ବିପଜ୍ଜନକ ଏବଂ ନିନ୍ଦନୀୟ। ବିରୋଧୀ ଦଳର ନେତାଙ୍କଠାରୁ ଏଭଳି ମନ୍ତବ୍ୟ ଆଶା କରାଯାଏନି। ଆମେରିକାରେ ରାହୁଲ ପ୍ରବାସୀ ଭାରତୀଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଭାରତ ସରକାର ଚୀନର ଗୋଡ଼ାଣିଆ ସାଜିଛନ୍ତି ,ବଂ ଚୀନର ସ୍ୱାର୍ଥ ରକ୍ଷାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ବାସ୍ତବରେ କଂଗ୍ରେସ ହିଁ ଚୀନ ସପକ୍ଷରେ କାର୍ଯ୍ୟ କରୁଛି ଏବଂ ଚୀନର ସ୍ୱାର୍ଥ ରକ୍ଷାକୁ ଗୁରୁତ୍ୱ ଦେଉଛି। ରାହୁଲ କହିଛନ୍ତି ଯେ, ଭାରତରେ ଶିଖ ସମ୍ପ୍ରଦାୟକୁ ପଗଡ଼ି ଏବଂ କଡ଼ା ବ୍ୟବହାର ଲାଗି ଅନୁମତି ମିଳୁନି। ହରଦୀପ ସିଂହ ଏହାକୁ ସମ୍ପୂର୍ଣ୍ଣ ମିଛ ଏବଂ ବିଭ୍ରାନ୍ତିକର ବୋଲି କହିଛନ୍ତି। ରାହୁଲଙ୍କ ଏହି ମନ୍ତବ୍ୟ ବିଦେଶରେ ଭାରତର ଭାବମୂର୍ତ୍ତୀ ହାନି କରିଛି ଏବଂ ଏହା ଦ୍ୱାରା ବିଦେଶରେ ଭାରତ ପ୍ରତି ଭୁଲ ଧାରଣା ସୃଷ୍ଟି ହେବ ବୋଲି ହରଦୀପ କହିଛନ୍ତି। ହରଦୀପ କହିଛନ୍ତି ଯେ, ରାହୁଲ ଆମେରିକାରେ ଚୀନର ଅର୍ଥନୀତିକୁ ପ୍ରଶଂସା କରିଛନ୍ତି। ସେଠାରେ ଲୋକସଂଖ୍ୟା ଅଧିକ ହୋଇଥିଲେ ମଧ୍ୟ ସେଂଠରେ ବେକାରୀ ସମସ୍ୟା ପ୍ରାୟ ନାହିଁ ବୋଲି ରାହୁଲ କହିଛନ୍ତି। ଏପରି କହି ରାହୁଲ ଚୀନକୁ ପ୍ରଶଂସା କରିଛନ୍ତି। ତେଣୁ ବାସ୍ତବରେ କଂଗ୍ରେସ ନା ବିଜେପି କିଏ ଚୀନ ସପକ୍ଷରେ ଓକିଲାତି କରୁଛି ବୋଲି ହରଦୀପ ପ୍ରଶ୍ନ କରିଛନ୍ତି। ପଗଡ଼ି ଓ କଡ଼ା ବ୍ୟବହାର ସମ୍ପର୍କରେ ସେ କହିଛନ୍ତି ଯେ, ଆଜିକୁ ଛଅ ଦଶନ୍ଧି ହେବ ସେ ପଗଡ଼ି ଏବଂ କଡ଼ା ବ୍ୟବହାର କରୁଛନ୍ତି। କେବେ ସମସ୍ୟା ହୋଇନି। ୧୯୮୪ରେ କଂଗ୍ରେସ ଶିଖ ବିରୋଧୀ ଦଙ୍ଗା କରିଥିଲା ଏବଂ ପ୍ରାୟ ୩ହଜାର ନିରୀହ ବ୍ୟକ୍ତିଙ୍କ ଜୀବନ ଯାଇଥିଲା ବୋଲି ହରଦୀପ କହିଛନ୍ତି। ଭାରତରେ ଶିଖ ସମ୍ପ୍ରଦାୟକୁ ଧାର୍ମିକ ସ୍ୱାଧିନତା ମିଳୁନଥିବା ଅଭିଯୋଗ ଉପରେ ପ୍ରତିକିୟା ପ୍ରକାଶ କରି ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ମନଜିନ୍ଦର ସିଂହ ସିର୍ସା କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଭୁଲ ଏବଂ ମିଛ ଅଭିଯୋଗ। ଭାରତରେ ସଂଖ୍ୟାଲଘୁ ସମ୍ପ୍ରଦାୟ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କାହାର ଧାର୍ମିକ ସ୍ୱାଧୀନତା ଋୁର୍ଣ୍ଣ ହୋଇନାହିଁ ବୋଲି ସିର୍ସା କହିଛନ୍ତି।

## ପୁଣି ଏକ ଗଧିଆ ଧରାପଡ଼ିଲା

ଲକ୍ଷ୍ନୌ, ୧୦।୯: ଉତ୍ତରପ୍ରଦେଶର ବାହରିଚରେ ଆତଙ୍କ ସୃଷ୍ଟି କରିଥିବା ଗଧିଆ ଉପରେ ଲାଗିଛି ଲଗାମ । ବନ ବିଭାଗ ଆଜି ଭୋରରୁ ଏକ ଗଧିଆକୁ କାବୁ କରିଛି। ଏହାକୁ ମିଶାଇ ଏଯାବତ ୫ଟି ଗଧିଆ କାବୁ ହୋଇ ସାରିଲେଣି। ଏବେବି ଆଉ ଏକ ଘାତକ ଗଧିଆ ବାହାରେ ବୁଲି ଆତଙ୍କ ସୃଷ୍ଟି କରୁଥିବା ଜଣାଯାଇଛି। ଆଜି ଭୋରରୁ ବନ ବିଭାଗ କର୍ମଚାରୀ ବହରାଇଚର ପୁରବା ଗାଁ ଜଙ୍ଗଲରେ ଏକ ଗଧିଆକୁ କାବୁ କରିଥିଲେ। ଏହାପରେ ତୁରନ୍ତ ଗଧିଆକୁ ବନ ବିଭାଗର ରେସକ୍ୟୁ ଶେଲଟରକୁ ପଠାଇ ଦିଆଯାଇଥିବା ଜଣାଯାଇଛି। ଏହା ପୂର୍ବରୁ ୪ଟି ଗଧିଆକୁ ବନ ବିଭାଗ କାବୁ କରି ସାରିଥିଲେ। ଏହାପରେ ବି ଆଉ ୨ ଘାତକ ଗଧିଆ ବାହାରେ ବୁଲି ଛୋଟ ଛୁଆଙ୍କ ଉପରେ ଆକ୍ରମଣ ଜାରି ରଖିଥିଲେ। ସେଥିମଧ୍ୟରୁ ଆଜି ସକାଳେ ଗୋଟିଏ ଗଧିଆ କାବୁ ହୋଇଥିବା ବେଳେ ଆଉ ଏକ ଗଧିଆର ସନ୍ଧାନ କରାଯାଉଛି। ଏଥିନିମନ୍ତେ ବିଭିନ୍ନ ସ୍ଥାନରେ ଖାନତଲାସୀ ଜାରି ରହିଛି।



ପ୍ରାର୍ଥୀ ଘୋଷଣା କଲା ବିଜେପି

## ଭିନେଶଙ୍କୁ ଟକ୍କର ଦେବେ ବୈରାଗୀ

ନୂଆଦିଲ୍ଲୀ, ୧୦।୯: ଅକ୍ଟୋବର ୫ରେ ହେବାକୁ ଥିବା ହରିୟାଣା ବିଧାନସଭା ନିର୍ବାଚନ ପାଇଁ ଆଜି ବିଜେପି ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଜାରି କରିଛି। ଏହି ପର୍ଯ୍ୟାୟରେ ଦଳ ୨୧ ଜଣଙ୍କ ନାଁ ଘୋଷଣା କରିଛି। ଏହାକୁ ମିଶାଇ ବିଜେପି ହରିୟାଣାର ୯୦ଟି ବିଧାନସଭା ଆସନରୁ ୮୮ଟି ସ୍ଥାନରେ ପ୍ରାର୍ଥୀ ଦେଇ ସାରିଲାଣି। ଏବେ ଆଉ ୨ଟି ଆସନ ପାଇଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯିବ। ପ୍ରଥମ ପର୍ଯ୍ୟାୟରେ ଦଳ ୬୭ ଜଣଙ୍କ ନାଁ ଘୋଷଣା କରିଥିଲା। ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାରେ ବିଜେପି ଜୁଲାନା ଆସନରୁ କିଏ ଲଢ଼େଇ କରିବେ, ତାଙ୍କ ନାଁ ସାର୍ବଜନୀନ କରିଛି। ଜୁଲାନାରେ ଏଥର ହାଇପ୍ରୋଫାଇଲ ଲଢ଼େଇ ହେବ। କାରଣ ଗୋଟିଏ ପଟେ କଂଗ୍ରେସରୁ ଷ୍ଟାର ରେସଲର ତଥା ଅଲିମ୍ପିଆନ ଭିନେଶ ଫୋଗାଟ ରହିଥିବା ବେଳେ ବିଜେପି କ୍ୟାପ୍ଟେନ ଯୋଗେଶ ବୈରାଗୀଙ୍କୁ ପ୍ରାର୍ଥୀ କରିଛି। ଭିନେଶ କଂଗ୍ରେସରେ ମିଶିବା ପରେ ଦଳ ତାଙ୍କୁ ଜୁଲାନା ଆସନରୁ ପ୍ରାର୍ଥୀ କରିଥିଲା। ଏଠାରେ ବିଜେପି କାହାକୁ ଟିକେଟ ଦେବ, ତା'କୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଆଜି କ୍ୟାପ୍ଟେନ ଯୋଗେଶଙ୍କ ନାଁ ଘୋଷଣା କରାଯାଇଛି। କ୍ୟାପ୍ଟେନ ଯୋଗେଶ ଏବେ ବିଜେପି ଯୁବ ମୋର୍ଚ୍ଚାର ରାଜ୍ୟ ଉପସଭାପତି। ସେହିପରି ସେ ହରିୟାଣା ବିଜେପିର କ୍ରୀଡ଼ା ସେଲର ସହ ଆବାହକ ଭାବେ କାର୍ଯ୍ୟ କରୁଥିବା ଫେସବୁକରେ ଉଲ୍ଲେଖ କରିଛନ୍ତି।

ଏହାବାଦ ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ଘନିଷ୍ଠ କୁହାଯାଉଥିବା ପବନ ସୈନିଙ୍କୁ ବିଜେପି ନାରାୟଣଗଡ଼ରୁ ପ୍ରାର୍ଥୀ କରିଛି। ପୁଣ୍ଡ୍ରୀ ଆସନରୁ ସତପାଲ ଜାମ୍ବା ପ୍ରାର୍ଥୀ ହୋଇଛନ୍ତି। ପୁନହାନାରୁ ଅଜିତ ଖାନ, ହାଥିନରୁ ମନୋଜ ରାୱତ ଓ ହୋଡାଲରୁ ହରିନ୍ଦର ସିଂହଙ୍କୁ ଟିକେଟ ମିଳିଛି। ହରିୟାଣା ବିଜେପିର ପୂର୍ବତନ ମୁଖିଆ ଓମ ପ୍ରକାଶ ଧନକର ବଡଲି ଆସନରୁ ଲଢ଼ିବେ। ବରିଷ୍ଠ ନେତା ଅନୀଲ ବିଜ ପୂର୍ବଭଳି ପାରମ୍ପରିକ ଅମ୍ବାଲା କ୍ୟାଣ୍ଟରୁ ପ୍ରାର୍ଥୀ ହୋଇଛନ୍ତି।

## ଭେଣ୍ଟିଲେଟର୍‌ରେ ସୀତାରାମ ୟେଚୁରୀ



ନୂଆଦିଲ୍ଲୀ, ୧୦।୯: ସିପିଏମର ସାଧାରଣ ସମ୍ପାଦକ ତଥା ବରିଷ୍ଠ ରାଜନେତା ସୀତାରାମ ୟେଚୁରୀଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ବର୍ତ୍ତମାନ ତାଙ୍କର ଚିକିତ୍ସା ଦିଲ୍ଲୀ ସ୍ଥିତ ଏମ୍ସରେ ଚାଲିଛି। ସେ ନିଜେ ନିଃଶ୍ୱାସ ପ୍ରଶ୍ୱାସ ନେଇ ପାରୁ ନାହାନ୍ତି। ତେଣୁ ତାଙ୍କୁ ମେସିନ ଦ୍ୱାରା ଆବଶ୍ୟକ ଅମ୍ଳଜାନ ଯୋଗାଇ ଦିଆଯାଉଛି ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

୭୨ ବର୍ଷୀୟ ୟେଚୁରୀଙ୍କୁ ଶ୍ୱାସକ୍ରିୟାରେ ସମସ୍ୟା ହେବାରୁ ତାଙ୍କୁ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ଏବେ ବି ତାଙ୍କର ଚିକିତ୍ସା ଚାଲିଛି। ତେବେ ଦିନକୁ ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ୟେଚୁରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ସ୍ୱତନ୍ତ୍ର ଡାକ୍ତରୀ ଟିମ ନଜର ରହିଛି। ଏବେ ତାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଥିବା ଦଳ ପକ୍ଷରୁ କୁହାଯାଇଛି। ଅଗଷ୍ଟ ୧୯ ତାରିଖ ସନ୍ଧ୍ୟାରେ ନିମୋନିଆ ଯୋଗୁ ତାଙ୍କୁ ଏମ୍ସର ସ୍ୱତନ୍ତ୍ର ୱାର୍ଡରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ଆଇସିୟୁ ଓ ଏବେ ଶ୍ୱାସକ୍ରିୟା ମେସିନ ଦ୍ୱାରା ତାଙ୍କୁ ଅମ୍ଳଜାନ ଯୋଗାଇ ଦିଆଯାଉଛି। ଏହାପୂର୍ବରୁ ୟେଚୁରୀଙ୍କ ମୋତିଆ ବିନ୍ଦୁ ଅପରେସନ ମଧ୍ୟ ହୋଇଥିଲା।

ସୀତାରାମ ୟେଚୁରୀ ସିପିଆଇ (ଏମ୍)ର ବରିଷ୍ଠ ସଦସ୍ୟ। ସେ ୧୯୯୬ ମସିହାରେ ୟୁନାଇଟେଡ୍ ଫ୍ରଣ୍ଟ ସରକାର ପାଇଁ କମନ୍ ମିନିମମ୍ ପ୍ରୋଗ୍ରାମ୍ ପ୍ରସ୍ତୁତ କରିବାରେ ପି ଚିଦାମ୍ବରମଙ୍କ ସହ ସହଯୋଗ କରିଥିଲେ। ୨୦୦୪ରେ ୟୁପିଏ ଗଠନ ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

## ଭୁଶୁଡ଼ିଲା ବ୍ରିଜ୍: ନଦୀରେ ପଡ଼ିଗଲା ୧୦ରୁ ଅଧିକ ଗାଡ଼ି

ଆନୋଇ, ୧୦।୯: ସୁପର ଟାଇଫୁନ ୟାଗି ଗତ ଶନିବାର ଭିଏତନାମରେ ସ୍ଥଳଭାଗ ଛୁଇଁବା ପରେ ଭୀଷଣ ବର୍ଷା ହୋଇଥିବା ବେଳେ ଗତକାଲି (ସୋମବାର) ସେଠାରେ ଏକ ବ୍ରିଜ୍ ଭୁଶୁଡ଼ି ପଡ଼ିଥିଲା। ଲାମ ଥାଓ ଓ ତାମ ନଙ୍ଗ ଜିଲ୍ଲାକୁ ସଂଯୋଗ କରୁଥିବା ଫୋଙ୍ଗ ଚାଉ ବ୍ରିଜ୍ ଭୁଶୁଡ଼ି ପଡ଼ିବାରୁ ଏକ ଟ୍ରକ୍ ସହିତ ୧୦ଟି କାର ଓ ଦୁଇଟି ବାଇକ୍ 'ରେଡ୍ ରିଭର'ରେ ଖସି ପଡ଼ିଥିବା ସେଠାକାର ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥିରେ ପ୍ରାୟ ୧୩ ଜଣ ନିଖୋଜ ହୋଇଯାଇଥିବା ଜଣାପଡ଼ିଛି। ମାତ୍ର ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ରେଡ୍ ରିଭର ଉପରେ ଥିବା ଫୋଙ୍ଗ ଚାଉ ବ୍ରିଜ୍ ଭୁଶୁଡ଼ିବାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେଉଛି। ଏହି ଭାଇରାଲ ଭିଡିଓରେ ଦେଖିବାକୁ ମିଳିଛି ଯେ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ୍ ଠିକ୍ ବ୍ରିଜ୍ ଚଢ଼ିବାକୁ ଯାଉଥିବା ବେଳେ ତାହା ଭୁଶୁଡ଼ି ପଡ଼ିଛି। ଟ୍ରକ୍ ଡ୍ରାଇଭରଙ୍କୁ ଗାଡ଼ି ଅଟକାଇବାକୁ ବି ସୁଯୋଗ ମିଳିନି। ଫଳରେ ଟ୍ରକ୍‌ଟି ନଦୀ ଭିତରେ ଖସିପଡ଼ିଛି। ତେବେ ଟ୍ରକ୍ ପଛରେ ଦ୍ରୁତ ଗତିରେ ଯାଉଥିବା ଏକ ବାଇକ୍ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛି। ବାଇକ୍ ଚାଳକ ହଠାତ୍ ବ୍ରେକ୍ ଦେଇ ଅଟକି ଯାଇଥିଲେ। ବ୍ରିଜ୍‌ର ଗୋଟିଏ ପାର୍ଶ୍ୱ ପୂରା ଭୁଶୁଡ଼ି ଯାଇଥିବା ବେଳେ ଅନ୍ୟ ପାର୍ଶ୍ୱରୁ ପ୍ରାୟ ୩୭୫ ମିଟର ସୁରକ୍ଷିତ ଅଛି। ସୂଚନାଯୋଗ୍ୟ, ସୁପର ଟାଇଫୁନ୍ ୟାଗରେ ଭିଏତନାମରେ ପ୍ରାୟ ୫୦ ଜଣଙ୍କ ମୃତ୍ୟୁ ଘଟିଛି। ଅନେକ ଘରଦ୍ୱାର ଓ ଭିତ୍ତିଭୂମି ନଷ୍ଟ ହୋଇଛି।

## ଦିଲ୍ଲୀ ସରକାରକୁ ବରଖାସ୍ତ ପାଇଁ ରାଷ୍ଟ୍ରପତିଙ୍କୁ ବିଜେପିର ଚିଠି

ନୂଆଦିଲ୍ଲୀ, ୧୦।୯: ଦିଲ୍ଲୀର କ୍ଷମତାସୀନ ଆମ ଆଦମୀ ପାର୍ଟି(ଆପ୍) ସରକାରୁ ବରଖାସ୍ତ କରିବା ପାଇଁ ବିଜେପି ବିଧାୟକମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଚିଠି ଲେଖିଛନ୍ତି। ସରକାରକୁ ବରଖାସ୍ତ କରିବା ପାଇଁ ବିଜେପି ବିଧାୟକମାନେ ଦେଇଥିବା ଚିଠି ପାଇବା ପରେ ରାଷ୍ଟ୍ରପତି ମୁର୍ମୁ ଏହାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପାଖକୁ ପଠାଇ ଦେଇଛନ୍ତି। ଏହା ଉପରେ ବିଚାର କରିବା ପାଇଁ ରାଷ୍ଟ୍ରପତି ମୁର୍ମ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ କହିଥିବା ଜଣାପଡ଼ିଛି।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଜେଲରେ ଥିବାରୁ ଏବେ ସାମ୍ବିଧାନିକ ସଙ୍କଟ ଦେଖାଯାଇଛି ଓ ପ୍ରଶାସନିକ କାର୍ଯ୍ୟରେ ବିଳମ୍ବ ହେଉଛି। ତେଣୁ ଆପ୍ ସରକାରଙ୍କୁ ତୁରନ୍ତ ବରଖାସ୍ତ କରାଯାଉ ବୋଲି ବିଜେପି ବିଜେପି ପକ୍ଷରୁ ରାଷ୍ଟ୍ରପତିଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ରାଷ୍ଟ୍ରପତି ମୁର୍ମୁ ଏହି ଚିଠିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିକଟକୁ ପଠାଇବା ପରେ ଚିହିଁକି ଉଠିଛି ଆପ୍। ଆପ୍ ପକ୍ଷରୁ ବିଜେପିକୁ ତୀବ୍ର ସମାଲୋଚନା କରାଯାଇଛି। ଦିଲ୍ଲୀର କ୍ୟାବିନେଟ ମନ୍ତ୍ରୀ ଆତିଶୀ ଅଭିଯୋଗ କରିଛନ୍ତି ଯେ ବିଜେପି ପଛ ଦ୍ୱାରରେ କେଜ୍ରିୱାଲ ସରକାରକୁ ହଟାଇବାକୁ ଚାହୁଁଛି। ଆସନ୍ତା ବର୍ଷର ବିଧାନସଭା ନିର୍ବାଚନରେ ନିଶ୍ଚିତ ପରାଜୟକୁ ଟାଳିବା ପାଇଁ ବିଜେପି ଏପରି ଷଡ଼ଯନ୍ତ୍ର କରୁଛି ବୋଲି ସେ କହିଛନ୍ତି। ଆତିଶୀ କହିଛନ୍ତି, "ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ପରାଜୟ ସ୍ୱୀକାର କରି ସାରିଛି। ନିର୍ବାଚିତ ସରକାରକୁ ଭାଙ୍ଗିବା ହିଁ ବିଜେପିର ଏକମାତ୍ର କାମ। ବିଜେପି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଭୟ କରୁଛି। ଏହା ବିଜେପିର ନୂଆ ଷଡ଼ଯନ୍ତ୍ର। ଆଗାମୀ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପି ଖାତା ଖୋଲିପାରିବ ନାହିଁ।"

ଆପ୍‌ର ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ମଧ୍ୟ ବିଜେପିକୁ ଟାର୍ଗେଟ କରିଛନ୍ତି ଓ ତାଙ୍କ ଦଳ ନିର୍ବାଚନ ପାଇଁ ପ୍ରସ୍ତୁତ ଥିବା ଘୋଷଣା କରିଛନ୍ତି। ସେ କହିଛନ୍ତି, "ଯଦି ବିଜେପି ଶୀଘ୍ର ହାରିବାକୁ ଚାହୁଁଛି, ତା'ହେଲେ ଆସନ୍ତାକାଲି ଦିଲ୍ଲୀ ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରୁ। ଆମେ ନିର୍ବାଚନ ପାଇଁ ପ୍ରସ୍ତୁତ।" ବିଜେପି ବିଧାୟକମାନେ ରାଷ୍ଟ୍ରପତିଙ୍କ ପାଖକୁ ଲେଖିଥିବା ଚିଠିରେ ଦିଲ୍ଲୀ ସରକାରଙ୍କ ବିଫଳତା କଥା ଉଲ୍ଲେଖ କରିଛନ୍ତି। ଦିଲ୍ଲୀ ସରକାର ୬ଷ୍ଠ ଦିଲ୍ଲୀ ଅର୍ଥ କମିଶନ ଗଠନ କରି ନାହାନ୍ତି ଓ ସିଏଜି ଦେଇଥିବା ରିପୋର୍ଟ ଆଧାରରେ କାର୍ଯ୍ୟ କରିନାହାନ୍ତି ବୋଲି ଏଥିରେ କୁହାଯାଇଛି।

## କାଳିନ୍ଦୀ ଏକ୍ସପ୍ରେସ୍ ଦୁର୍ଘଟଣା ପଛରେ ଆଇଏସ୍‌ଆଇଏସ୍ ଲିଙ୍କ୍!



ଲକ୍ଷ୍ନୌ, ୧୦।୯: ଉପ୍ରଦେଶର କାନପୁର ଜିଲ୍ଲାରେ ଗତ ରବିବାର ରାତିରେ ପ୍ରୟାଗରାଜ-ଭିୱାନୀ କାଳିନ୍ଦୀ ଏକ୍ସପ୍ରେସ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତି ଯାଇଥିଲା। ରେଳ ଧାରଣା ଉପରେ ରଖାଯାଇଥିବା ଏକ ଗ୍ୟାସ ସିଲିଣ୍ଡରକୁ କାଳିନ୍ଦୀ ଏକ୍ସପ୍ରେସ ଧକ୍କା ଦେଇଥିବା ବେଳେ ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିଲା। ତେବେ ଏହାର ଯାଞ୍ଚ ପାଇଁ ସୁରକ୍ଷା ଏଜେନ୍ସିମାନେ ଆଲର୍ଟ ମୁଡକୁ ଚାଲି ଆସିଥିବା ବେଳେ ଏହା ପଛରେ ଆତଙ୍କବାଦୀ ଲିଙ୍କ ଥିବା ଟେର ମିଳିଛି। ଏହି ମାମଲା ପଛରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ISISର ହାତ ଥିବା ଆଶଙ୍କା କରାଯାଉଛି। କାନପୁରରେ ଟ୍ରେନ୍ ଦୁର୍ଘଟଣା ଘଟାଇବା ନିମନ୍ତେ ISISର ଖୁରାସନ ମଡ୍ୟୁଲର ହାତ ଥିବା ସନ୍ଦେହ କରାଯାଉଛି। ଏହି ସଙ୍ଗଠନ ସହ ଜଡ଼ିତ ଆତଙ୍କବାଦୀଙ୍କୁ ସୋଶାଲ ମିଡ଼ିଆ ପ୍ଲାଟଫର୍ମରେ ତାଲିମ ଦିଅଯାଇଥାଏ। ଏପରିକି ସେମାନଙ୍କ ବ୍ରେନ୍‌ୱାଶ କରି ସେମାନଙ୍କୁ ଜେହାଦୀ କରାଯାଇଥାଏ । ସୋଶାଲ ମିଡ଼ିଆରେ ହିଁ ସେମାନଙ୍କୁ ବମ୍ ତିଆରି ପରି ସାଂଘାତିକ କାର୍ଯ୍ୟକଳାପର ଟ୍ରେନିଂ ଦିଆଯାଇଥାଏ। ଆଇଏସ୍‌ଆଇଏସ୍ କମାଣ୍ଡର ଫରତୁଲ୍ଲାଘୋରୀ ପାକିସ୍ତାନରେ ବସି ଅନଲାଇନ୍‌ରେ ଯୁବକମାନଙ୍କୁ ଆତଙ୍କବାଦୀ ଟ୍ରେନିଂ ଦେଉଥିବା ଜଣାଯାଇଛି। ଫରତୁଲ୍ଲାଘୋରୀ ହିଁ କିଛି ଦିନ ପୂର୍ବେ ନିଜ ଅଡିଓ କ୍ଲିପ୍‌ରେ ଭାରତରେ ଟ୍ରେନ୍ ଦୁର୍ଘଟଣା ଘଟାଇବାକୁ ଆଦେଶ ଦେଇଥିଲା।

ଗତ ରବିବାର ରାତିରେ କାନପୁରର ଶିବରାଜପୁର ଅଞ୍ଚଳ ଅତିକ୍ରମ କରୁଥିବା ବେଳେ ରେଳ ଧାରଣା ଉପରେ ରଖାଯାଇଥିବା ଏକ ଗ୍ୟାସ ସିଲିଣ୍ଡରକୁ ଧକ୍କା ଦେଇଥିଲା କାଳିନ୍ଦୀ ଏକ୍ସପ୍ରେସ। ତେବେ ଏଥିରେ ଟ୍ରେନ୍‌ର ଅବା ଟ୍ରେନ୍‌ରେ ଥିବା ଯାତ୍ରୀମାନଙ୍କର କୌଣସି କ୍ଷତି ହୋଇ ନ ଥିଲା। ଘଟଣା ସଂପର୍କରେ ଖବର ପାଇ କାନପୁର ପୁଲିସର ବରିଷ୍ଠ ଅଧିକାରୀମାନଙ୍କ ସହିତ ଆଣ୍ଟି-ଟେରୋରିଜିମ ସ୍କ୍ୱାଡ୍ ସେଠାରେ ପହଞ୍ଚିଥିଲେ। ସେମାନେ ଘଟଣାସ୍ଥଳରୁ ଗ୍ୟାସ ସିଲିଣ୍ଡର ସହିତ ଏକ ବୋତଲ ପେଟ୍ରୋଲ, କିଛି ବିସ୍ଫୋରକ ଓ ଦିଆସିଲି ବକ୍ସ ଜବତ କରିଥିଲେ। ଏହାପରେ ସୁରକ୍ଷା ଏଜେନ୍ସିମାନେ ଏହାର ତଦନ୍ତରେ ଲାଗି ପଡ଼ିଥିଲେ। ଟ୍ରେନ୍ ଲାଇନ୍‌ଚ୍ୟୁତ୍ ହେବା ଘଟଣାରେ ଏଯାବତ ୨୧୯ କ୍ୟାମେରା ଫୁଟେଜ ସଂଗ୍ରହ କରାଯାଇଛି। ଶହେରୁ ଅଧିକ ଲୋକଙ୍କୁ ପଚରାଉରା କରାଯାଇଛି। କାନପୁର ପୁଲିସ୍ ୩ ଗ୍ୟାସ୍ ସିଲିଣ୍ଡର ଏଜେନ୍ସିଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରୁଛି। ଏଥିସହ ସିଲିଣ୍ଡରରେ ଲେଖାଥିବା ସିରିୟଲ ନମ୍ବର ଯାଞ୍ଚ କରାଯାଇ ତାହା କାହାକୁ ଦିଆଯାଇଥିଲା ତାହାର ଯାଞ୍ଚ କରାଯାଉଛି। ସନ୍ଧାନୀ କୁକୁରଙ୍କୁ ବି ଏହି ଅପରେସନରେ ସାମିଲ କରାଯାଇଛି। ରେଳ ଧାରଣାରେ ସିଲିଣ୍ଡର ପଡ଼ିଥିବା ବେଳେ ସେଥିରେ ପିଟି ହୋଇ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହେବ ଭାବିଥିଲା ଅଭିଯୁକ୍ତ। ତେଣୁ ସେ ଏହାକୁ ପ୍ରତ୍ୟକ୍ଷ ଭାବେ ଦେଖିବାକୁ ନିକଟସ୍ଥ ଅଞ୍ଚଳରେ ଲୁଚି ରହିଥିଲା ବୋଲି ପୁଲିସ୍ ତଦନ୍ତରୁ ଜଣାପଡ଼ିଛି।

## ବିଜେପି ନେତାଙ୍କ ପୁଅର ଗାଡ଼ି ଧକ୍କାରେ ୨ ଗୁରୁତର

ମୁମ୍ବାଇ, ୧୦।୯: ମହାରାଷ୍ଟ୍ରରେ ଘଟିଛି ହିଟ୍ ଆଣ୍ଡ ରନ୍ କେସ୍। ଜଣେ ବିଜେପି ନେତାଙ୍କ ପୁଅର ଅଡି କାର୍ ଧକ୍କାରେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଏଥିସହ କାର୍‌ଟି ଆହୁରି ବହୁ ଗାଡ଼ିକୁ ଧକ୍କା ଦେଇଥିବା ଜଣାଯାଇଛି। ଏପରି ଏକ ଘଟଣା ମହାରାଷ୍ଟ୍ରର ନାଗପୁରର ରାମଦାସପେଠରେ ଘଟିଛି। ଏପରି ଦୁର୍ଘଟଣା ଘଟାଇଥିବା ଯୁବକଜଣକ ରାଜ୍ୟ ବିଜେପି ଅଧ୍ୟକ୍ଷଙ୍କ ପୁଅ ବୋଲି ଜଣାଯାଇଛି। ତେବେ ଏହି ଘଟଣାର ନିରପେକ୍ଷ ଯାଞ୍ଚ ନିମନ୍ତେ ମହାରାଷ୍ଟ୍ରର ବିଜେପି ଚିଫ ଚନ୍ଦ୍ରଶେଖର ବାବନକୁଲେ ଦାବି କରିଛନ୍ତି।

ପୁଲିସ୍ ଏହି ଘଟଣାରେ ଡ୍ରାଇଭର ଓ କାର୍‌ରେ ଥିବା ଅନ୍ୟ ଜଣେ ଯୁବକଙ୍କୁ ଗିରଫ କରିଥିଲା। ତେବେ ଗିରଫଦାରୀ ପରେ ଉଭୟଙ୍କୁ ଜାମିନ ମିଳି ଯାଇଥିବା ଜଣାଯାଇଛି। ଥାନା ଅଧିକାରୀଙ୍କ ସୂଚନା ଅନୁଯାୟୀ, ଅଡି କାର୍‌ଟି ରବିବାର ବିଳମ୍ବିତ ରାତିରେ ପ୍ରଥମେ ଏକ କାର୍‌କୁ ଧକ୍କା ଦେଇଥିଲା। ଏହାପରେ ଅଡି କାର୍‌ଟି ଏକ ଦୁଇ ଚକିଆ ଯାନକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଦୁଇ ଚକିଆ ଯାନରେ ଯାଉଥିବା ଦୁଇ ଯୁବକ ଗୁରୁତର ଆହତ ହୋଇଛନ୍ତି। ଏହାପରେ ଗାଡ଼ିଟି ଆଉ କିଛି ଯାନବାହନକୁ ଧକ୍କା ମାରିଥିବା ଜଣାଯାଇଛି। ଏହାପରେ କିଛି ସ୍ଥାନୀୟ ଲୋକେ ଗାଡ଼ିଟିର ପିଛା କରି ଉଭୟ ଚାଳକ ଓ କାର୍‌ରେ ଥିବା ଅନ୍ୟ ଜଣେ ଯୁବକଙ୍କୁ କାବୁ କରି ଉଭୟଙ୍କୁ ପୁଲିସ୍ ଜିମା ଦେଇଥିଲେ। ତେବେ ସେମାନଙ୍କ ଜାମିନ ମିଳି ଯାଇଥିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣା ନେଇ ମହାରାଷ୍ଟ୍ରର ବିଜେପି ଚିଫ ବାବନକୁଲେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ଅଡି କାର୍ ତାଙ୍କ ପୁଅ ସଙ୍କେତଙ୍କ ନାମରେ ରେଜିଷ୍ଟର ହୋଇଥିବା କହିଛନ୍ତି।

ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪

# ଭାରତୀୟ ପଦକ ବିଜେତାଙ୍କ ପାଇଁ ପୁରସ୍କାର ଘୋଷଣା



ନୂଆଦିଲ୍ଲୀ, ୧୦।୯: ପ୍ୟାରିସ୍ ପାରାଲିମ୍ପିକ୍ସ ୨୦୨୪ରେ ପଦକ ଜିତିଥିବା ଭାରତୀୟ ପାରା ଖେଳାଳିଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରାଯାଇଛି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟା ମଙ୍ଗଳବାର ଏହି ଘୋଷଣା କରିଛନ୍ତି।

ନିକଟରେ ଶେଷ ହୋଇଥିବା ପାରାଲିମ୍ପିକ୍ କ୍ରୀଡ଼ାରେ ଭାରତ ଐତିହାସିକ ପ୍ରଦର୍ଶନ କରି ୭ ସ୍ୱର୍ଣ୍ଣ ସହ ମୋଟ୍ ୨୯ ପଦକ ହାସଲ କରିଥିଲା, ଯେଉଁଥିରେ ୯ ରୌପ୍ୟ ଓ ୧୩ କାଂସ୍ୟ ରହିଥିଲା। ପାରାଲିମ୍ପିକ୍ କ୍ରୀଡ଼ା ଇତିହାସରେ ଭାରତ ପ୍ରଥମ ଥର ଏତେ ସଂଖ୍ୟକ ପଦକ ହାସଲ କରିଥିଲା। ଏହା ପୂର୍ବରୁ ଟୋକିଓରେ ୫ ସ୍ୱର୍ଣ୍ଣ ସହ ୧୯ ପଦକ ମିଳିଥିଲା।

ପ୍ୟାରିସ୍‌ରେ ସ୍ୱର୍ଣ୍ଣ ଜିତିଥିବା ଖେଳାଳିଙ୍କୁ ୭୫ ଲକ୍ଷ, ରୌପ୍ୟ ବିଜେତାଙ୍କୁ ୫୦ ଲକ୍ଷ ଓ କାଂସ୍ୟ ବିଜେତାଙ୍କୁ ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହାଛଡ଼ା ମିଶ୍ରିତ ଟିମ୍‌ରେ ସାମିଲ୍ ପଦକ ବିଜେତାଙ୍କୁ ୨୨.୫ ଲକ୍ଷ ଟଙ୍କା ଦିଆଯିବ। ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ପାରାଲିମ୍ପିକ୍ ପଦକ ବିଜେତାମାନଙ୍କୁ ପ୍ରଶଂସକମାନେ ଫୁଲମାଳା ଓ ମିଷ୍ଟାନ୍ନ ସହ ଜୋର୍‌ଦାର ସ୍ୱାଗତ କରିଥିଲେ। ଏହି କ୍ରୀଡ଼ା ଇତିହାସରେ ଭାରତର ପଦକ ସଂଖ୍ୟା ୫୦ ଅତିକ୍ରମ କରିଛି। ଇତ୍ୟବସରେ କ୍ରୀଡ଼ା ମନ୍ତ୍ରୀ କହିଛନ୍ତି, "ଦେଶ ପାରାଲିମ୍ପିକ୍ସ ଓ ପାରା କ୍ରୀଡ଼ାରେ ଆଗକୁ ବଢ଼ୁଛି। ୨୦୧୬ରେ ଚାରି ପଦକରୁ ଭାରତ ଟୋକିଓରେ ୧୯ ପଦକ ଓ ପ୍ୟାରିସ୍‌ରେ ୨୯ ପଦକ ଜିତିଲା ଏବଂ ୧୮ତମ ସ୍ଥାନରେ ରହିଲା। ଆମେ ନିଜର ସମସ୍ତ ପାରା ଖେଳାଳିମାନଙ୍କୁ ସମସ୍ତ ସୁବିଧା ପ୍ରଦାନ କରିବୁ, ଯାହା ଫଳରେ ଆମେ ୨୦୨୮ ଲସ୍ ଆଞ୍ଜେଲସ୍ ପାରାଲିମ୍ପିକ୍ସରେ ଆହୁରି ଅଧିକ ପଦକ ତଥା ସ୍ୱର୍ଣ୍ଣ ଜିତିପାରିବୁ।"

ବର୍ଡର-ଗାଭାସ୍କର ଟ୍ରଫି

# ଓପନିଂ କରିବେନି ସ୍ମିଥ୍ !



ସିଡ୍‌ନୀ, ୧୦।୯: ନଭେମ୍ବର ୨୨ରୁ ଅଷ୍ଟ୍ରେଲିଆରେ ହେବାକୁ ଥିବା ।ଞ୍ଚ ଟେଷ୍ଟ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫିରେ ଷ୍ଟିଭେନ୍ ସ୍ମିଥ୍ ଓନିଂ କରି ନାରନ୍ତି। ଅଷ୍ଟ୍ରେଲୀୟ ଟିମ୍ ମ୍ୟାନେଜ୍‌ମେଣ୍ଟ ଯୋଜନା ବଦଳାଇପାରେ। ଗତ ବର୍ଷ ପ୍ରାରମ୍ଭରେ ଡେଭିଡ୍ ୱାର୍ଣ୍ଣର ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବା ପରେ ସ୍ମିଥ୍‌ଙ୍କୁ ନୂଆ ଓନର୍ କରାଯାଇଥିଲା; କିନ୍ତୁ ସେ ଏହି ସ୍ଥାନରେ ଆଶାଜନକ ରଦର୍ଶନ କରିପାରି ନାହାନ୍ତି, ଯାହା ଫଳରେ ସେ ପୁଣି ମଧ୍ୟକ୍ରମକୁ ଫେରିପାରନ୍ତି। ଓନର୍ ଭାବେ ଟ୍ରେଭିସ୍ ହେଡ୍ ତାଙ୍କ ସ୍ଥାନ ନେବେ ବୋଲି ଚର୍ଚ୍ଚା ହେଉଛି। ତେବେ ଏ ବିଷୟରେ କଥାବାର୍ତ୍ତା ଚାଲିଥିବା ନେଇ ମୁଖ୍ୟ କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡ ସ୍ପଷ୍ଟ କରିଛନ୍ତି। ସ୍ମିଥ୍ ଓପନର୍ ଭାବେ ଆଠ ଇନିଂସ୍ ଖେଳି ୨୮.୫ ଆଭରେଜ୍‌ରେ ୧୭୧ ରନ୍ ସଂଗ୍ରହ କରିଛନ୍ତି। ସେଥିମଧ୍ୟରୁ ଗୋଟିଏ ଇନିଂସ୍‌ରେ ସେ ୯୧ ରନ୍ କରିଥିଲେ। ତେବେ ତିନିରୁ ପାଞ୍ଚ ନମ୍ବର ମଧ୍ୟରେ ସେ ୫୫ରୁ ଅଧିକ ଆଭରେଜ୍‌ରେ ବ୍ୟାଟିଂ କରିଛନ୍ତି।

ଭାରତ ବିପକ୍ଷ ର୍ବ ଦୁଇ ଘରୋଇ ଟେଷ୍ଟ ଶୃଙ୍ଖଳାରେ ଅଷ୍ଟ୍ରେଲିଆ ପରାଜିତ ହୋଇଥିଲା। ଏଥର କଙ୍ଗାରୁ ଟିମ୍ ରିସ୍କ ନେବା ମୁଡ୍‌ରେ ନାହାଁ। ତେଣୁ ସ୍ମିଥ୍‌ଙ୍କୁ ଓନର୍ ଭାବେ ଖେଳାଇବା ସମ୍ଭାବନା କ୍ଷୀଣ। ଅଷ୍ଟ୍ରେଲିଆର ସେନ୍ ନ୍ୟୁଜ୍‌ର ରିପୋର୍ଟ ଅନୁଯାୟୀ, ସ୍ମିଥ୍ ଭାରତ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫିରେ ଓପନିଂ କରିବେ ନାହିଁ। ସେ ନିଜ ରୁଣା ସ୍ଥାନ ଚାରି ନମ୍ବରରେ ଖେଳିପାରନ୍ତି। ଚାରି ନମ୍ବରରେ ସ୍ମିଥ୍ ୬୧.୫୧ ଆଭରେଜ୍‌ରେ ୫୯୬୬ ରନ୍ ସଂଗ୍ରହ କରିଛନ୍ତି। ସ୍ମିଥ୍ ଓନର୍ ହେବା ପରେ କାମେରୁନ୍ ଗ୍ରୀନ୍ ଚାରି ନମ୍ବରରେ ଖେଳୁଛନ୍ତି।

### କଥାବାର୍ତ୍ତା ଚାଲିଛି: ମ୍ୟାକ୍‌ଡୋନାଲ୍ଡ

ଅଷ୍ଟ୍ରେଲୀୟ କ୍ରିକେଟ୍ ଟିମ୍‌ର ମୁଖ୍ୟ କୋଚ୍ ଆଣ୍ଡ୍ରୁ ମ୍ୟାକ୍‌ଡୋନାଲ୍ଡଙ୍କୁ ମଧ୍ୟ ଏ ବିଷୟରେ ପ୍ରଶ୍ନ କରାଯାଇଥିଲା। ଏ ଯାଏଁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ, ହେଲେ ଟିମ୍ ମ୍ୟାନେଜ୍‌ମେଣ୍ଟରେ ସ୍ମିଥ୍‌ଙ୍କ ବ୍ୟାଟିଂ କ୍ରମକୁ ନେଇ ଚର୍ଚ୍ଚା ଚାଲିଛି। ମ୍ୟାକ୍‌ଡୋନାଲ୍ଡ କହିଛନ୍ତି, "ଏବେ ମୁଁ ଅଧିକ କିଛି ସେୟାର୍ କରିପାରିବିନି। ଏବେ କେବଳ ଏତିକି କହିପାରିବି ଯେ କଥାବାର୍ତ୍ତା ଚାଲିଛି। ଏଥିରେ ଅଧିନାୟକ ଭାବେ ପାଟ୍ କମିନ୍ସଙ୍କ ବଡ଼ ଭୂମିକା ରହିବ। ସେ ଏବେ ୟୁକେରେ ଅଛନ୍ତି। ଆମେ ଏ ବିଷୟରେ କଥାବାର୍ତ୍ତା ଆରମ୍ଭ କରିଦେଇଛୁ।"

### ହେଡ୍ କରିପାରନ୍ତି ଓପନିଂ

ଅଷ୍ଟ୍ରେଲିଆ ପକ୍ଷରୁ ଦିନିକିଆ ଓ ଟି-୨୦ ଆନ୍ତର୍ଜାତିକରେ ଓନିଂ କରୁଥିବା ଟ୍ରେଭିସ୍ ହେଡ୍ ଟେଷ୍ଟ ଟିମ୍‌ରେ ମଧ୍ୟକ୍ରମରେ ଖେଳୁଛନ୍ତି। ସ୍ମିଥ୍‌ଙ୍କ ସ୍ଥାନରେ ତାଙ୍କୁ ଓପନର୍ କରାଯାଇପାରେ। ହେଡ୍‌ଙ୍କ ପାଖରେ ନୂଆ ବଲ୍ ଖେଳିବାର ଅଭିଜ୍ଞତା ରହିଛି। ଏହା ସହିତ ସେ ଶୀର୍ଷକ୍ରମରେ ଦ୍ରୁତ ଗତିରେ ରନ୍ କରି ମ୍ୟାଚ୍‌କୁ ବିପକ୍ଷ ଟିମ୍ ଠାରୁ ଦୂରେଇ ନେବାର କ୍ଷମତା ରଖନ୍ତି।

ଦଲୀପ ଟ୍ରଫି ଦ୍ୱିତୀୟ ରାଉଣ୍ଡ

# ଇଣ୍ଡିଆ-ବି'ରେ ରିଙ୍କୁଙ୍କୁ ସୁଯୋଗ

ନୂଆଦିଲ୍ଲୀ, ୧୦।୯: ଦଲୀପ ଟ୍ରଫି ୨୦୨୪ରେ ସେପ୍ଟେମ୍ବର ୧୨ରୁ ଆରମ୍ଭ ହେବାକୁ ଥିବା ଦ୍ୱିତୀୟ ରାଉଣ୍ଡ ପାଇଁ ବିସିସିଆଇ ମଙ୍ଗଳବାର ଚାରି ଟିମ୍ ଘୋଷଣା କରାଯାଇଛି। ଇଣ୍ଡିଆ-ଏ, ଇଣ୍ଡିଆ-ବି ଓ ଇଣ୍ଡିଆ-ଡି ଟିମ୍‌ରେ କେତେକ ପରିବର୍ତ୍ତନ କରାଯାଇଥିବା ବେଳେ ଇଣ୍ଡିଆ-ସି ଟିମ୍ ଅପରିବର୍ତ୍ତିତ ରହିଛି। ଇଣ୍ଡିଆ-ଏ'ର

## ଇଣ୍ଡିଆ-ଏ, ବି ଓ ଡି ଟିମ୍‌ରେ ପରିବର୍ତ୍ତନ

ଅଧିନାୟକ ଶୁଭମନ ଗିଲ୍, ଲୋକେଶ ରାହୁଲ, ଧ୍ରୁବ ଜୁରେଲ୍, କୁଲଦୀପ ଯାଦବ ଓ ଆକାଶ ଦୀପଙ୍କୁ ବାଂଲାଦେଶ ବିପକ୍ଷ ଟେଷ୍ଟ ଶୃଙ୍ଖଳା ପାଇଁ ଟିମ୍ ଇଣ୍ଡିଆରେ ସାମିଲ୍ କରାଯାଇଛି। ସେମାନେ ସେପ୍ଟେମ୍ବର ୧୯ରୁ ଆରମ୍ଭ ହେବାକୁ ଥିବା ପ୍ରଥମ ଟେଷ୍ଟ ପାଇଁ ପ୍ରସ୍ତୁତି କରିବେ।

**ମୟଙ୍କଙ୍କୁ ଇଣ୍ଡିଆ-ଏ ନେତୃତ୍ୱ**

ଚୟନକାରୀମାନେ ଗିଲ୍‌ଙ୍କ ସ୍ଥାନରେ ରେଳବାଇର ରଥମ ସିଂହ, ରାହୁଲଙ୍କ ସ୍ଥାନରେ ବିଦର୍ଭର ଅକ୍ଷୟ ୱାଡ଼କର, ଜୁରେଲ୍‌ଙ୍କ ସ୍ଥାନରେ ଆନ୍ଧ୍ର ପ୍ରଦେଶର ଏସ୍‌କେ ରଶିଦ, କୁଲଦୀ ଯାଦବଙ୍କ ସ୍ଥାନରେ ବାମହାତି ସ୍ପିନର୍ ଶାମ୍ସ ମୁଲାନୀ ଏବଂ ଆକାଶଙ୍କ ସ୍ଥାନରେ ଉତ୍ତର ପ୍ରଦେଶର ଆକିବ ଖାନ୍‌ଙ୍କୁ ସାମିଲ୍ କରାଯାଇଛି। ମୟଙ୍କ ଅଗ୍ରୱାଲ ଇଣ୍ଡିଆ-ଏ'ର ଅଧିନାୟକତ୍ୱ କରିବେ।

ଇଣ୍ଡିଆ-ବି'ର ଯଶସ୍ୱୀ ଜୟସ୍ୱାଲ ଓ ରିଷଭ ପନ୍ତଙ୍କୁ ଭାରତୀୟ ଟିମ୍‌ରେ ସ୍ଥାନ ମିଳିଛି। ସେମାନଙ୍କ ସ୍ଥାନରେ ଚୟନକାରୀ ଯଥାକ୍ରମେ ସୁୟାଶ ପ୍ରଭୁଦେସାଇ ଓ ରିଙ୍କୁ ସିଂହଙ୍କୁ ଟିମ୍‌ରେ ନେଇଛନ୍ତି। ପେସ୍ ବୋଲର୍ ଯଶ ଦୟାଲ୍ ପ୍ରଥମ ଥର ଜାତୀୟ ଟିମ୍‌ରେ ସ୍ଥାନ ପାଇଛନ୍ତି। ମଧ୍ୟ ପ୍ରଦେଶର ହିମାଂଶୁ ମନ୍ତ୍ରୀଙ୍କୁ ଦୟାଲ୍‌ଙ୍କ ସ୍ଥାନରେ ନିଆଯାଇଛି। ସରଫରାଜ୍ ଖାନ୍‌ଙ୍କୁ ବି ଟିମ୍ ଇଣ୍ଡିଆରେ ଅନ୍ତର୍ଭୁକ୍ତ କରାଯାଇଛି, ହେଲେ ସେ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଖେଳିବେ। ଇଣ୍ଡିଆ-ଡି ଟିମ୍‌ର ଅକ୍ଷର ପଟେଲ୍‌ଙ୍କୁ ଭାରତୀୟ ଟେଷ୍ଟ ଟିମ୍‌ରେ ସାମିଲ୍ କରାଯାଇଥିବାରୁ ତାଙ୍କ ସ୍ଥାନରେ ହରିୟାଣାର ନିଶାନ୍ତ ସିନ୍ଧୁଙ୍କ ଚୟନ କରାଯାଇଛି। ତୁଷାର ଦେଶପାଣ୍ଡେ ଆଘାତ ଯୋଗୁଁ ଦ୍ୱିତୀୟ ରାଉଣ୍ଡରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ଇଣ୍ଡିଆ-ଏ'ର ବିଦ୍ୱାଥ କାଭରପ୍ପାଙ୍କୁ ଟିମ୍‌ରେ ନିଆଯାଇଛି।



# ମା'ଙ୍କ ମୃତ୍ୟୁର ଦୁଇ ଦିନ ପରେ ମୈଦାନକୁ ଓହ୍ଲାଇଥିଲେ ଧୋନୀ ଧୂରନ୍ଧର



ନୂଆଦିଲ୍ଲୀ ୧୦/୦୯: ଚେନ୍ନାଇ ସୁପର କିଙ୍ଗ୍ସରେ ଧୋନୀଙ୍କ ଅଛନ୍ତି ଅନେକ ଧୂରନ୍ଧର। ଆଇପିଏଲ୍‌ରେ ସିଏସ୍‌କେର ଅନେକ ଦବ୍‌ଦବା। ମୋଷ୍ଟ ପାଓ୍ୱାରଫୁଲ ଟିମ୍ ମଧ୍ୟରେ ହୁଏ ଗଣା। ତେବେ ସିଏସ୍‌କେର ଷ୍ଟାର ବୋଲର ତୁଷାର ଦେଶପାଣ୍ଡେ କ୍ରିକେଟ ପାଇଁ କରିଛନ୍ତି ଅନେକ ଷ୍ଟ୍ରଗଲ। ଦେଶପାଣ୍ଡେ ସାକ୍ଷାତକାରରେ କହିଥିଲେ ତାଙ୍କ କ୍ୟାରିୟରର ମାଆ ବାପାଙ୍କ ବହୁତ ବଡ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ଯେବେ ବି ସେ କେବେ ପଡିଯାଉଥିବାର ଅନୁଭବ କରିଥିଲେ ସେବେ ପଥର ଭଳି ଛିଡା ହୋଇଥିଲେ ଉଭୟ। ତେବେ ଧୀରେ ଧୀରେ ରୋଗରେ ପଡିଗଲେ ମାଆ। ମାଆଙ୍କୁ ମାଡିବସିଥିଲା ଭୟଙ୍କର ରୋଗ। ସେ କହିଥିଲେ ୨୦୧୭ ଥିଲା ମୋ ପାଇଁ ବହୁତ ଦୁଃଖଦାୟକ। ଘରେ ଥିଲେ ଦୁି ଦୁଇଟା ରୋଗୀ। ମାନେ ତୁଷାରଙ୍କ ଦେହ ଖରାପ ଥିବାବେଳେ ମାଆ ହୋଇପଡିଥିଲେ ରୋଗୀଣା। ପଡିରହିଥିଲେ ଶଯ୍ୟାରେ।

୨୦୧୮-୧୯ରେ ଘରୋଇ କ୍ରିକେଟରେ ବହୁତ ଭଲ ପ୍ରଦର୍ଶନ କରିଥିଲେ ଦେଶପାଣ୍ଡେ। ତେବେ ମାର୍ଚ୍ଚ ୨୦୧୯ରେ ସବୁଦିନ ପାଇଁ ଛାଡି ଚାଲିଯାଇଥିଲେ ମାଆ। ଆଉ ମାଆଙ୍କ ଯିବା ପରେ ବେଶ ଭାଙ୍ଗିପଡିଥିଲେ ତୁଷାର। ଛିଡିପଡିଥିଲା ଦୁଃଖର ପାହାଡ। ମାଙ୍କ ମୃତ୍ୟୁର ଦୁଇ ଦିନ ପରେ ନିଜ ପିତାଙ୍କ କଥା ମାନି ସଏଦ ମୁସ୍ତାକ ଅଲ୍ଲୀ ଖେଳିବାକୁ ଇନ୍ଦୋର ଯାଇଥିଲେ ସେ। ଦିଲ୍ଲୀ ବିପକ୍ଷରେ ନେଇଥିଲେ ୪ ଓ୍ୱିକେଟ। ଦେଶପାଣ୍ଡେ ସେହି ସିଜନରେ ୪ ରଣଜୀ ମ୍ୟାଚ୍‌ରେ ୧୭ ଓ୍ୱିକେଟ ନେବା ସହ ମୁମ୍ବାଇକୁ ଦେଇଥିଲେ ବିଜୟ। ୧୨ ବର୍ଷ ପରେ ବିଜୟର ସ୍ୱାଦ ଚାଖିଥିଲା ମୁମ୍ବାଇ। ଏହା ପରେ ଆଇପିଏଲ୍‌ରେ ଏଣ୍ଟ୍ରି ମାରିଥିଲେ ପେସ୍ ବୋଲର।

# ମ୍ୟାଚ୍ ବେଳେ କୂଲଦୀପଙ୍କୁ ଏମିତି କହିଲେ ପନ୍ତ



ନୂଆଦିଲ୍ଲୀ ୧୦/୦୯: ଦିଲ୍ଲୀପ ଟ୍ରଫି ୨୦୨୪ର ଗୋଟିଏ ମୁକାବିଲାରେ ଇଣ୍ଡିଆ-ବି, ଇଣ୍ଡିଆ-ଏକୁ ୭୬ ରନ୍‌ରେ ହରାଇଛି। ବେଙ୍ଗାଲୁରୁରେ ଖେଳାଯାଇଥିବା ଏହି ମୁକାବିଲାରେ ଇଣ୍ଡିଆ-ଏକୁ ୨୭୫ ରନ୍‌ର ଟାର୍ଗେଟ ମିଳିଥିଲା। କିନ୍ତୁ ଦ୍ୱିତୀୟ ପାଳିରେ ମାତ୍ର ୧୯୮ ରନ୍ କରିଥିଲେ ଦଳ। ଏହି ମୁକାବିଲାର ଶେଷ ଦିନ ଆଉ ଶେଷ ଓଭର ୮ ସେପ୍ଟେମ୍ବରରେ ଖେଳାଯାଇଥିଲା। ଏହି ମ୍ୟାଚ୍‌ରେ କୂଲଦୀପ ଯାଦବ ଓ ଋଷଭ ପନ୍ତଙ୍କୁ ନେଇ ଜୋରଦାର ଚର୍ଚ୍ଚା ହୋଇଥିଲା। କୂଲଦୀପ ଯାଦବ ଇଣ୍ଡିଆ-ଏ ଏବଂ ଇଣ୍ଡିଆ-ବି ପାଇଁ ଖେଳୁଥିଲେ। ଯେବେ କୂଲଦୀପ ଦ୍ୱିତୀୟ ପାଳିରେ ବ୍ୟାଟିଂ କରୁଥିଲେ। ସେହି ସମୟରେ ଋଷଭ ପନ୍ତ ତାଙ୍କୁ ସ୍ଲିଜ୍ କରିବାକୁ ପ୍ରୟାସ କରିଥିଲେ। ପନ୍ତ କହିଥିଲେ ସବୁ ଫିଲ୍ଡର୍ସ ଆଗକୁ ଆସିଯାଅ। ଏହି ଶେଷ ବଲରେ ଯେମିତି ଗୋଟିଏ ହେଲେ ବି ରନ୍ ଟିଏ କରାଇ ଦେବାନି। କୂଲଦୀପ କହିଥିଲେ ଯେ ମୁଁ ବି ସିଙ୍ଗଲ ନେବିନି। ଏହା ଜାଣିବା ପରେ ପନ୍ତ କହିଥିଲେ ମା ରାଣ ଖାଇଲୁ କେମିତି ସିଙ୍ଗଲ ନେବୁନି। ରୋଚକ କଥା ହେଉଛି କି, କୂଲଦୀପ ୪୧ ଓଭରର ଶେଷ ବଲରେ ସିଙ୍ଗଲ ନେଇପାରିଲେନି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନବୀନ-ପାଣ୍ଡିଆନ୍ ସ୍କାମ...

ଟଙ୍କା ବଦଳରେ ୪ ହଜାର ଦେଲେ ବୋଲି ସେ କହିଛନ୍ତି।

ଓଡିଶାର ଚାଷୀଙ୍କ ଆୟ ଅନ୍ୟ ରାଜ୍ୟ ତୁଳନାରେ କାହିଁକି ଏତେ କମ ବୋଲି ପ୍ରଶ୍ନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହା କଣ ପୂର୍ବ ସରକାରଙ୍କ ରାଜସ୍ୱ ବଳକା ରାଜ୍ୟର ଥିଓରି ବୋଲି ସେ ପ୍ରଶ୍ନ କରିଛନ୍ତି। ସମାଲୋଚନା ଯେବେ ବି ଆବଶ୍ୟକ କରାଯାଉ କିନ୍ତୁ ରାଜ୍ୟବାସୀଙ୍କୁ କ୍ଷତିରେ ପକାଇ ବା ଭଳି ସମାଲୋଚନା ନ କରାଯାଉ ବୋଲି ସେ କହିଛନ୍ତି। ତତ୍କାଳୀନ ମୁଖ୍ୟମନ୍ତ୍ରୀ ସୋହେଲାରେ ୧୦୦ ଟଙ୍କା ବୋନସ୍ ଦେବେ ବୋଲି କହିଥିଲେ ତାହା କୁଆଡ଼େ ଗଲା। ଆମେ କିନ୍ତୁ ଧାନର ମୂଲ୍ୟ ୩୧୦୦ ଟଙ୍କା କରିବାକୁ ନିଷ୍ପତ୍ତି ନେଇ ସାରିଛୁ। ସେହିଭଳି ଆସନ୍ତା ୧୭ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରାଯିବ। ରାଜ୍ୟର ଶେଷ ହିତାଧିକାରୀ ଯେମିତି ସୁଭଦ୍ରା ଯୋଜନାରୁ ଲାଭ ପାଇପାରିବେ ତାହା ମୁଁ ନିଜେ ତଦାରଖ କରିବି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଗତ ୫ ବର୍ଷ ଧରି ରାଜ୍ୟରେ ଫାଇଭ-ଟି ରୂପାନ୍ତରଣ ନାଁ ନାଟକ ଚାଲିଲା। ଆଜି ବିଭିନ୍ନ ସ୍ଥାନକୁ ଗଲେ ରୂପାନ୍ତରଣର ରଙ୍ଗ ଦେଖା ଯାଉଛି। ଏ ସବୁର ହିସାବ ନିକାସ ହେବ। କାହାକୁ ଛଡା ଯିବ ନାହିଁ ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ତତ୍କାଳୀନ ସରକାର ସମୟରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ରାଜ୍ୟରେ ଭୁଶୁଡି ପଡ଼ିଛି। ଆମ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ପ୍ରତି ପଂଚାୟତରେ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ନିଷ୍ପତ୍ତି ନିଆଯିବ। ଗତ ପାଞ୍ଚ ବର୍ଷରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା ନାଁରେ ବି ପ୍ରହସନ ଚାଲିଥିଲା। ସ୍ୱାସ୍ଥ୍ୟ ସେବା କେବଳ ଟେଲିଭିଜନ ଓ ବିଜ୍ଞାପନରେ ସୀମିତ ଥିଲା। ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ସେବା ନାଁରେ ଲୋକଙ୍କୁ ମାରି ଦେଉଥିଲେ ତତ୍କାଳୀନ ସରକାର।

ଗତ ସରକାର ମହିଳା ମାନଙ୍କୁ କେବଳ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରୁଥିଲେ ବୋଲି ସେ କହିଛନ୍ତି। ବିରୋଧୀ ଦଳର ଆକ୍ଷେପ ଓ ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ଗୃହରେ ପାରିତ ହେଲା ଦୁଇ ଲକ୍ଷ ୬୫ ହଜାର କୋଟି ଟଙ୍କାର ବ୍ୟୟ ମଞ୍ଜୁରୀ ବିଲ୍। ଏହି ବଜେଟରେ ଏକ 'ବିକଶିତ ଓଡ଼ିଶା'ଗଠନର ସ୍ୱପ୍ନକୁ ସାକାର କରିବା ସହ ବିକାଶ, ସୁଶାସନ ଏବଂ ଓଡିଆ ଅସ୍ମିତା ଉପରେ ଗୁରୁତ୍ୱ ଦିଆଯାଇଛି। ବିକଶିତ ଭାରତ ଗଠନରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ, ୨୦୩୬ରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତୀ ଅବସରରେ 'ବିକଶିତ ଓଡ଼ିଶା'ଲକ୍ଷ୍ୟ ହାସଲ ପାଇଁ ମୂଳଦୁଆ ଉପସ୍ଥାପନ କରିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପ୍ରଭାବିତଙ୍କୁ ରିଲିଫ୍ ନିର୍ଦ୍ଦେଶ...

ପାଣି ପ୍ରବାହିତ ହେଉଥିବାରୁ ରାସ୍ତାଘାଟ ବନ୍ଦ ରହିଛି। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଛି । ବର୍ତ୍ତମାନ ସୁଦ୍ଧା ବନ୍ୟା ପ୍ରଭାବିତ ଅଞ୍ଚଳରୁ ଶତାଧିକ ଲୋକଙ୍କୁ ଉଦ୍ଧାର କରିଛି ଓଡ୍ରାଫ ଓ ଅଗ୍ନିଶମ ବିଭାଗ। ସେମାନଙ୍କ ମଧ୍ୟରୁ ୫୪ ଜଣ ଗର୍ଭବତୀ ଉଦ୍ଧାର ହୋଇଛନ୍ତି, ସେହିପରି ଆଶ୍ରୟସ୍ଥଳୀରେ ୨୨ ଜଣ ଅଛନ୍ତି । ତେବେ ଉଦ୍ଧାର ହୋଇଥିବା ଲୋକଙ୍କୁ ୧୫ଟି ସେଲ୍ଟର ହୋମ୍‌ରେ ରଖା ଯାଇଛି ବୋଲି କହିଛନ୍ତି ଜିଲ୍ଲାପାଳ ତଥା ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀ। ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ଆଶ୍ରୟସ୍ଥଳରେ ରହିବା, ଖାଇବା ସହ ମେଡିକାଲ୍ ବ୍ୟବସ୍ଥା ହୋଇଛି । ପୋଟେରୁରେ ପିଇବା ପାଣି ପାଇଁ ୪ ଟ୍ୟାଙ୍କର ବ୍ୟବସ୍ଥା ହୋଇଛି । ସେହିପରି ସିଏଚ୍‌ସି, ପିଏଚ୍‌ସିରେ ସାପ କାମୁଡ଼ା ଭ୍ୟାକ୍ସିନ୍ ମହଜୁଦ୍ ରହିଛି । ଲଗାଣ ବର୍ଷା ଏବଂ ବନ୍ୟା ପରିସ୍ଥିତି କାରଣରୁ ୧୧୫୨୦ ଉପଭୋକ୍ତା ବିଦ୍ୟୁତରୁ ବଞ୍ଚିତ ହୋଇଛନ୍ତି । ୨୪ ଘଣ୍ଟା ଭିତରେ ବିଦ୍ୟୁତ ସେବା ସ୍ୱାଭାବିକ ହେବ ବୋଲି କହିଛନ୍ତି ଜିଲ୍ଲାପାଳ । ସେପଟେ ଜିଲ୍ଲାରେ ଲଗାଣ ବର୍ଷା ନେଇ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ପ୍ରମୁଖ ଶାସନ ସଚିବ, ବିଷ୍ଣୁପଦ ସେଠୀ, ଅଗ୍ନିଶମ ଡିଜି, ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ଦକ୍ଷିଣାଞ୍ଚଳ ପୋଲିସ ଡିଆଇଜି, ଚରଣ ସିଂ ମୀନା ମାଲକାନଗିରି ଗସ୍ତ କରି ପରିସ୍ଥିତି ଅନୁଧ୍ୟାନ କରି ବିଭିନ୍ନ ବିଭାଗ ସହ ସମୀକ୍ଷା ବୈଠକ କରିଛନ୍ତି।

### ଜାତୀୟ ଯୁବ କଂଗ୍ରେସ...

ଯୁବ ନେତା ତନୁଜା ପୁନିଆଁ ଓ ସାଗର ଦାସ। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟ କଂଗ୍ରେସର ଜଣେ ଆଗଧାଡିର ନେତା ଭକ୍ତ ଦାସଙ୍କ ପୁଅ ଭାବେ ସାଗର ଦାସ ୨୦୨୪ରେ ପ୍ରଥମ ଥର ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ମୈଦାନକୁ ଓହ୍ଲାଇଥିଲେ। ବାପା ସିନା ହାରିଗଲେ କିନ୍ତୁ ସାଗର ଦାସ ବିଧାୟକ ଭାବେ ଜିତିଛନ୍ତି। ଜଣେ ଯୁବ ଓ ଆଗ୍ରେସିଭ୍ ନେତା ଭାବେ ସାଗର ଦାସ ଖୁବ କମ ଦିନରେ ରାଜ୍ୟ ରାଜନୀତିରେ ନିଜର ପରିଚୟ ତିଆରି କରିଛନ୍ତି। ୨୦୧୯ ତୁଳନାରେ ୨୦୧୪ରେ ସର୍ବଭାରତୀୟ ସ୍ତରରେ କଂଗ୍ରେସର ପ୍ରଦର୍ଶନରେ ଉନ୍ନତି ଆସିବା ପରେ ଏବେ ସବୁ ସ୍ତରରେ କଂଗ୍ରେସର ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ ହୋଇଛି। ଯୁବ କଂଗ୍ରେସରେ ମଧ୍ୟ ନୂଆ ନେତୃତ୍ୱ ସୃଷ୍ଟି କରିବାକୁ ଉଦ୍ୟମ ହେଉଛି। ଗତ ୧୬ ତାରିଖରୁ ଯୁବ କଂଗ୍ରେସ ପାଇଁ ଆଭ୍ୟନ୍ତରିଣ ନିର୍ବାଚନ ଆରମ୍ଭ ହୋଇଛି। ଏହି ପ୍ରତିଯୋଗରେ ସାଗର ଦାସ ମଧ୍ୟ ଯୋଡି ହୋଇଛନ୍ତି।

### ଶହେ ଲୋକଙ୍କ ...

ଏଣେ ୟୁଜର୍ସ ଫି ଆଦାୟ ପଛରେ ଥିବା ମୂଳ ଲକ୍ଷ୍ୟ ମଧ୍ୟ ପୂରଣ ହେବ ନାହିଁ। ବିଏମ୍‌ସି କରିଥିବା ସର୍ଭେ ମୁତାବକ, ଭୁବନେଶ୍ୱରରେ ରହିଥିବା ୭ଶହରୁ ଉର୍ଦ୍ଧ୍ୱ ମନ୍ଦିର ମଧ୍ୟରୁ ୪୮୨ ମନ୍ଦିରରେ ଦିନକୁ ୬୦୦୦ ମିଲ୍ ପ୍ରସ୍ତୁତ ହେଉଛି। ଏଥିରୁ ପ୍ରାୟ ୪ଶହ ଟନ୍ ବଳକା ଖାଦ୍ୟ ଓ ପ୍ଲେଟ୍, ଦନା ବାହାରୁଛି। ବଳକା ଖାଦ୍ୟ ପଦାର୍ଥ ନଳା ସହ ଏଣେତେଣେ ଫିଙ୍ଗି ଦିଆଯାଉଛି। ଏଣୁ ଏ ସବୁକୁ ଆଉ କ୍ଷମା ନାହିଁ। ଆବର୍ଜନା ସବୁ ଆଉ ସଫେଇ ଗାଡ଼ିରେ ନିଆଯିବ ନାହିଁ। ଯଦି ଶହେ ଜଣଙ୍କ ପାଇଁ ଖାଦ୍ୟ ରନ୍ଧା ଯାଉଛି ତେବେ ଆବର୍ଜନା ଉଠାଇବା ପାଇଁ ୟୁଜର୍ସ ଫି ବାବଦକୁ ବିଏମ୍‌ସିରେ ୫୦୦ ଟଙ୍କା ଦେବାକୁ ପଡ଼ିବ। ସଫା ଆପ୍ କିମ୍ବା ଦେୟମୁକ୍ତ ନମ୍ବରରେ ପଞ୍ଜୀକରଣ କଲେ ବିଏମ୍‌ସି ଗାଡ଼ି ଯାଇ ଆବର୍ଜନା ଉଠାଇ ଆଣିବ। ମନ୍ଦିରରେ ୩ଶହ ଲେକଙ୍କ ଖାଇବା ପିଇବା ହେଲେ ୧୫୦୦ ଟଙ୍କା ଦେବାକୁ ପଡ଼ିବ। କଲ୍ୟାଣମଣ୍ଡପ କିମ୍ବା ଏକ ଏକର ଜାଗାରେ ବାହାଘର ହେଲେ ୫ହଜାର ଦାଖଲ କରିବାକୁ ହେବ। ଅତିରିକ୍ତ ଟ୍ରିପ୍ ପାଇଁ ୧୫୦୦ ଦାଖଲ କରିବାକୁ ହେବ। ୧ରୁ ୩ ଏକର ଜାଗାରେ ଉତ୍ସବ ଆୟୋଜନ କଲେ ୭୫୦୦ ପର୍ଯ୍ୟନ୍ତ ୟୁଜର୍ସ ଫି ଦାଖଲ କରିବାକୁ ହେବ। ୩ ଏକରରୁ ଉର୍ଦ୍ଧ୍ୱ ଜାଗା ହେଲେ ୧୨୫୦୦ ପର୍ଯ୍ୟନ୍ତ ୟୁଜର୍ସ ଫି ରହିଛି। ସେହିଭଳି କେହି ଅମାନ୍ୟ କଲେ ଜରିମାନା ୧୦୦ରୁ ଆରମ୍ଭ ହୋଇ ୫ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

### ପଞ୍ଜୀକରଣ ପାଇଁ ...

କିନ୍ତୁ କେତେକ ସ୍ଥାନରେ ଅଙ୍ଗନବାଡି କର୍ମୀ, ଜନସେବା କେନ୍ଦ୍ର ଓ ମୋ' ସେବା କେନ୍ଦ୍ରରେ ଉଭୟ ଫର୍ମ ପାଇଁ ଓ ଅନଲାଇନରେ ଫର୍ମ ଅପଲୋଡ କରିବା ପାଇଁ ୫୦ ରୁ ୨୦୦ ଟଙ୍କା ଅର୍ଥ ଦାବି କରୁଥିବା ସୂଚନା ମିଳୁଛି। ଯେକୌଣସି ସ୍ଥାନରେ ସୁଭଦ୍ରା ଫର୍ମ ପାଇଁ ଅର୍ଥ ଦାବି କରାଯାଉଥିଲେ, ସେଥି ନିମନ୍ତେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବେଦନ ଫର୍ମ ବଣ୍ଟନରେ ଅବହେଳା ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଦ୍ୱାରା ଜଣେ ଅଙ୍ଗନବାଡି କର୍ମୀଙ୍କ ଏକ ମାସର ଦରମା ବନ୍ଦ କରା ଯାଇଛି । ସେହିଭଳି ଫର୍ମ ପଞ୍ଜୀକରଣ ପାଇଁ ଅର୍ଥ ଦାବି କରିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲ୍ଲାର ଡେରାବିଶସ୍ଥିତ ଜନସେବା କେନ୍ଦ୍ର ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଉକ୍ତ ଜନସେବା କେନ୍ଦ୍ରକୁ ସାମୟିକ ବନ୍ଦ କରି ଦିଆଯାଇଛି। ଏତଦଭିନ୍ନ ହେଲ୍ପଲାଇନ ନମ୍ବରକୁ ଆସିଥିବା ଏକ କଲ୍‌କୁ ଆଧାର କରି କଟକ ଜିଲ୍ଲା ଆଠଗଡ଼ରେ ଏକ ମୋ ସେବା କେନ୍ଦ୍ରରେ ଫର୍ମ ବିକ୍ରି ଓ ପୂରଣ ବାବଦରେ ୧୦୦ ଟଙ୍କା ଅର୍ଥ ଦାବି ଅଭିଯୋଗ ବିରୋଧରେ କଟକ ମହାନଗର ନିଗମ ପକ୍ଷରୁ ଏତଲା ଦାଖଲ ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନାଯୋଗ୍ୟ, ସୁଭଦ୍ରା ଫର୍ମର ସମସ୍ତ ପ୍ରକ୍ରିୟା, ସ୍କାନିଂ ଓ ଅପଲୋଡ କରିବା ନିମନ୍ତେ ଜିଏସଟି ସହ ପ୍ରତି ଫର୍ମ ପାଇଁ ୧୫ ଟଙ୍କା ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତ ଉଦ୍ଦିଷ୍ଟ କେନ୍ଦ୍ରକୁ ପ୍ରଦାନ କରାଯାଉଛି। ତେଣୁ ଜନସାଧାରଣଙ୍କ ଅବଗତି ନିମନ୍ତେ ବିଭାଗ ପକ୍ଷରୁ ଜଣାଇ ଦିଆଯାଉଛି କି ଯେକୌଣସି କେନ୍ଦ୍ରରେ କେହି କର୍ମଚାରୀ କୌଣସି କାରଣ ଦର୍ଶାଇ ଅର୍ଥ ଦାବି କରିବା ଦୃଷ୍ଟିକୁ ଆସିଲେ ତୁରନ୍ତ ନିକଟସ୍ଥ ଥାନାରେ ଅଭିଯୋଗ କରନ୍ତୁ। ଉକ୍ତ କର୍ମଚାରୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଦୁର୍ବଳିଆ ୱେବସାଇଟ୍...

ଜନସେବା କେନ୍ଦ୍ର ସମ୍ମୁଖରେ ମହିଳାମାନେ ଭିଡ ଲଗାଇଛନ୍ତି। ସୁଭଦ୍ରା ୱେବସାଇଟ୍‌ର ଧିମା ଗତି ଯୋଗୁଁ ସେମାନଙ୍କ ନାମ ପଞ୍ଜିକରଣ ହୋଇପାରୁ ନାହିଁ। ଚଳିତ ମାସ ୪ତାରିଖରୁ ଫର୍ମ ଦାଖଲ ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସୁଦ୍ଧା ଯେଭଳି ସଫଳତା ମିଳିବକଥା ତାହା ମିଳିପାରୁ ନାହିଁ। ଏହାକୁ ନେଇ ଏବେ ମହିଳାମାନେ ତାତିବା ଆରମ୍ଭ କରିଛନ୍ତି। ଖୋଦ୍ ରାଜଧାନୀରେ ଜନସେବା କେନ୍ଦ୍ରରେ ବ୍ୟାପକ ଭଙ୍ଗାରୁଜା ହେଲାଣି। କଟକ ଜିଲ୍ଲାର ଗୋଟିଏ ଜନସେବା କେନ୍ଦ୍ର ସମ୍ମୁଖରେ ଅପେକ୍ଷାତର ମହିଳା ପିଲା ବି ଜନ୍ମ କଲେଣି। ରାଜ୍ୟର ପ୍ରାୟ ସମସ୍ତ ଜନସେବା କେନ୍ଦ୍ର ସମ୍ମୁଖରେ ମହିଳାଙ୍କର ଲମ୍ବା ଧାଡି ଓ ଧସ୍ତାଧସ୍ତି ଦେଖିବାକୁ ମିଳୁଛି। ତେବେ ଜନସେବା କେନ୍ଦ୍ର କର୍ତ୍ତୃପକ୍ଷଙ୍କ କହିବାକଥା ଯେ ଏହି ୱେବସାଇଟ୍ ଅତ୍ୟନ୍ତ ଧିମା ଗତିରେ ଚାଲୁଛି। ବାରମ୍ବାର ଅପଗ୍ରେଡ ହେଉଥିବା କୁହାଯାଉଛି। ଗୋଟିଏ ଫର୍ମ ଦାଖଲ ପାଇଁ ଅତି ବେଶିରେ ୧୦ରୁ ୧୫ ମିନିଟ୍ ଲାଗିବା ସ୍ଥଳରେ ଏଠାରେ ଘଣ୍ଟା ଘଣ୍ଟା ଲାଗିଯାଉଛି। କାହାରି ପାଖରେ କିଛି ଉତ୍ତର ନାହିଁ। ଏହା ସାଙ୍ଗକୁ ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଦ୍ୟୁତ୍ ଯୋଗାଣ ଓ ଇଣ୍ଟରନେଟ୍ ସେବା ବି ବାଧା ସାଜିଛି। ତେବେ ଆଇଟି ବିଶେଷଜ୍ଞଙ୍କ କହିବାକଥା ଯେ ଅସଲ ସମସ୍ୟା ୱେବସାଇଟ୍‌ରେ ରହିଛି। ଏହା ଠିକଣା ଭାବେ ନିର୍ମାଣ ହୋଇନଥିବାରୁ ଏଭଳି ଧିମା ଗତିରେ ଚାଲୁଛି। ଏହାକୁ ନେଇ ଆଇଟି ବିଭାଗରେ ଘନ ଘନ ବୈଠକ ବସୁଥିଲେ ବି କୌଣସି ରାସ୍ତା ବାହାରି ପାରୁନାହିଁ। ତେଣେ ଗାଁ ଠାରୁ ସହର ପର୍ଯ୍ୟନ୍ତ ଲୋକଙ୍କ ଧୈର୍ଯ୍ୟବନ୍ଧ ଭାଙ୍ଗିବାରେ ଲାଗିଛି। ଆସନ୍ତା ୧୭ତାରିଖରେ ପ୍ରଧାନମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରିବା ସହିତ ମହିଳାମାନଙ୍କୁ ପ୍ରଥମ କିସ୍ତି ବାବଦରେ ୫୦୦୦ ଟଙ୍କ ମିଳିବ ବୋଲି ସୂଚନା ଦିଆଯାଇଥିବାରୁ ଆଗୁଆ ଆସି ନାମ ପଞ୍ଜିକରଣ ପାଇଁ ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଏଣେ ରାଜ୍ୟ ସରକାର ବି ସୁଭଦ୍ରା ଯୋଜନାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ସୁଭଦ୍ରା ରଥ ବୁଲାଉଛନ୍ତି। ଲୋକେ ବି ସଚେତନ ହେଲେଣି। ଅଙ୍ଗନବାଡି ଦିଦି ମାନେ ଘରକୁ ଘର ବୁଲି ଫର୍ମ ବାଣ୍ଟିବା ସହିତ ତାହାକୁ ପୂରଣ କରିବାରେ ସହଯୋଗ କରୁଛନ୍ତି। ହେଲେ ସବୁକିଛି ଅଟକି ଯାଇଛି ୱେବସାଇଟ୍ ନିକଟରେ। ଧିମା ୱେବସାଇଟ୍ ଏବେ ସାରା ରାଜ୍ୟରେ ମହିଳାମାନଙ୍କୁ ହନ୍ତସନ୍ତ କରୁଛି। କାମଦାମ ଛାଡି ମହିଳାମାନେ ଦିନ ଦିନ ଧରି ଜନସେବା କେନ୍ଦ୍ର ସମ୍ମୁଖରେ ଧାଡି ଲଗାଉଛନ୍ତି।

### ଓଡ଼ିଶାରେ ଚାଲିବ ...

ବଜେଟରେ ଓଡିଶା ରେଳ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ରେକର୍ଡ ୧୦, ୫୮୬ କୋଟି ଟଙ୍କା କେନ୍ଦ୍ର ସରକାର ଯୋଗାଇ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୫୪,୪୩୪ କୋଟି ଟଙ୍କାର ରେଳ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଜାରିରହିଛି । ଏଥିରୁ, ଓଡିଶାର ରେଳ ଭିତ୍ତିଭୂମି ଓ ଗମନାଗମନ ବ୍ୟବସ୍ଥାର ଉନ୍ନତୀକରଣ ପାଇଁ କେନ୍ଦ୍ର ସରକାରଙ୍କ ଆନ୍ତରିକ ସମର୍ଥନ ସ୍ପଷ୍ଟ ଅନୁମେୟ। ଶ୍ରୀ ବୈଷ୍ଣବଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ଅବସରରେ ଧନ୍ୟବାଦ ଜଣାଇଛନ୍ତି।

